

‘ବଟ୍‌ୱାରା ୧୯୪୭’ ପାଇଁ ୬୦ କୋଟି
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-49 ♦WEDNESDAY ♦12 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୪୯ ♦ବୁଧବାର ♦୧୨ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଇରାନ ଭୟରେ ଲୁଚିଲେ ଟ୍ରମ୍ପ

■ ୱାଶିଂଟନ, ୧୧।୮ (ଏଜେନ୍ସି): ଇରାନର ଧମକ ପରେ ସୁରକ୍ଷା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ମାସ ତୁର୍କୀରୁ ବ୍ରିଟେନକୁ ଗୁପ୍ତ ଯାତ୍ରା କରିଥିବା ଜଣାପଡ଼ିଛି। ଏକ ଗୁପ୍ତ ସାମରିକ ବିମାନରେ ସେ ଏହି ଯାତ୍ରା କରିଥିବା ତଥ୍ୟ ଉଜାଗର ହୋଇଛି। ତାଙ୍କ ସୁରକ୍ଷା ପାଇଁ ଆମେରିକା ପ୍ରଶାସନ ପକ୍ଷରୁ ସରକାରୀ ବିମାନ ଏୟାରଫୋର୍ସ ୱାନକୁ କେବଳ ଲୋକଙ୍କୁ ଭ୍ରମିତ କରିବା ପାଇଁ ବ୍ୟବହାର କରାଯାଇଥିଲା। ରିପୋର୍ଟ ଅନୁସାରେ, ଜୁଲାଇ ୮ରେ ନାଟୋ ସମ୍ମିଳନୀରେ ଯୋଗ ଦେବା ପାଇଁ ଟ୍ରମ୍ପ ତୁର୍କୀର ରାଜଧାନୀ ଆଙ୍କାରାରେ ଥିଲେ। ସେଠାରୁ ବ୍ରିଟେନ ଅଭିମୁଖେ ଯାତ୍ରା କରିବା ସମୟରେ ସେ କ୍ୟାମେରା ସମ୍ମୁଖରେ ପୁରୁଣା ଏୟାରଫୋର୍ସ ୱାନ ବିମାନରେ ଚଢ଼ୁଥିବାର ଦେଖାଯାଇଥିଲା। କିନ୍ତୁ ବିମାନ ଭିତରକୁ ଯିବା ପରେ ତାଙ୍କୁ ଗୁପ୍ତ ଭାବେ ଏକ ଖାଦ୍ୟ ଓ ସାମଗ୍ରୀ ଯୋଗାଣ ଗାଡ଼ି ସାହାଯ୍ୟରେ ଅନ୍ୟ ଏକ ଛୋଟ ସାମରିକ ବିମାନ ସି-୩୨ଏକୁ ସ୍ଥାନାନ୍ତର କରାଯାଇଥିଲା। ୱାଶିଂଟନ ପୋଷ୍ଟ ଦ୍ୱାରା ପ୍ରସାରିତ ଏକ ଭିଡିଓରେ ଏହି

## ଏ-ୱାନରୁ ଓହ୍ଲାଇ ଟ୍ରକରେ ବସିଲେ
## ସାମରିକ ବିମାନରେ ବ୍ରିଟେନ ଗଲେ

ଖାଦ୍ୟ ଯୋଗାଣ ଗାଡ଼ିଟି ଏୟାରଫୋର୍ସ ୱାନରୁ ବାହାରି ଛୋଟ ବିମାନ ଆଡ଼କୁ ଯାଉଥିବା ଦେଖିବାକୁ ମିଳିଛି। ଏହି ଅପରେସନକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଥିଲା। ଏପରିକି ଏୟାରଫୋର୍ସ ୱାନରେ ଥିବା ସାମ୍ବାଦିକ ଏବଂ କିଛି ହ୍ୱାଇଟ ହାଉସ କର୍ମଚାରୀ ମଧ୍ୟ ଜାଣିପାରିନଥିଲେ ଯେ ଟ୍ରମ୍ପ ସେମାନଙ୍କ ସହ ନାହାଁନ୍ତି। ସୁରକ୍ଷା ଦୃଷ୍ଟିରୁ ସାମ୍ବାଦିକମାନଙ୍କୁ ବିମାନର ଝରକା ପରଦା ବନ୍ଦ ରଖିବାକୁ କୁହାଯାଇଥିଲା। ଏପରି ସାଧାରଣତଃ ଯୁଦ୍ଧ କ୍ଷେତ୍ରରେ କରାଯାଇଥାଏ। ସି-୩୨ଏ ବିମାନଟି ଟ୍ରମ୍ପଙ୍କୁ ନେଇ ବ୍ରିଟେନର ଆର୍‌ଏଏଫ୍ ମିଲଡେନହଲ ଏୟାରବେସରେ ପହଞ୍ଚିବାର କିଛି ସମୟ ପରେ ସାମ୍ବାଦିକମାନଙ୍କୁ ଧରି ଏୟାରଫୋର୍ସ ୱାନ ସେଠାରେ ପହଞ୍ଚିଥିଲା।

ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ପାକିସ୍ତାନ ଗସ୍ତ ସମୟରେ ମଧ୍ୟ ଏହିପରି କୌଶଳ ପ୍ରୟୋଗ ହୋଇଥିଲା।





## ଶାସକ-ବିରୋଧୀଙ୍କ ମୁହାଁମୁହିଁ ପ୍ରତିବାଦ
# ସଂସଦ ପରିସର ପାଲଟିଲା ଯନ୍ତରମନ୍ତର







■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ସଂସଦର ଚଳିତ ମୌସୁମୀ ଅଧିବେଶନ ସରିବାକୁ ଆଉ ମାତ୍ର ଦୁଇ ଦିନ ବାକିଥିବା ବେଳେ ସରକାରଙ୍କ ଜିଦ୍ ଓ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ଅଚଳାବସ୍ଥା ଜାରି ରହିଛି। ତେବେ ଏହାକୁ ଦୂର କରିବା ଲାଗି ଶେଷ ମୁହୂର୍ତ୍ତରେ ସରକାର ଆଗେଇ ଆସିଥିବା ବେଳେ ଦିଲ୍ଲୀରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଆଲୋଚନା ପାଇଁ କିଛି ସର୍ତ୍ତ ରଖିଛନ୍ତି। କିନ୍ତୁ ବିରୋଧୀ ଦଳ ବିନା ସର୍ତ୍ତରେ ଆଲୋଚନା କରିବାକୁ ଜିଦରେ ଅଟଳ ରହିଥିବାରୁ ବର୍ତ୍ତମାନ ସୁଦ୍ଧା ସମାଧାନର କୌଣସି ବାଟ ଫିଟିପାରି ନାହିଁ।


## ପୁଲିସ ବର୍ବରତା, ରାମ ମନ୍ଦିର ଆଲୋଚନା ପାଇଁ ସରକାରଙ୍କ ସର୍ତ୍ତକୁ ବିରୋଧୀଙ୍କ ପ୍ରତ୍ୟାଖ୍ୟାନ
### ଲୋକସଭାରେ କେରଳମ୍, ରାଜ୍ୟସଭାରେ ଟ୍ରିବ୍ୟୁନାଲ ବିଲ୍ ପାରିତ

ସଂସଦ ଭିତରେ ହଟ୍ଟଗୋଳ ଜାରି ରହିଥିବା ବେଳେ ସଂସଦ ପରିସରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସଂସଦର ବାହାରେ ବିରୋଧୀ ଦଳର ସାଂସଦ ଏବଂ ଶାସକ ଏନଡିଏର ସାଂସଦମାନେ ମୁହାଁମୁହିଁ ହୋଇଛନ୍ତି। ମାତ୍ର କିଛି ମିଟର ଦୂରତାରେ ପରସ୍ପର ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସୁରକ୍ଷା କର୍ମୀମାନେ ପରସ୍ପରର ହାତ ▶ପୃଷ୍ଠା-୭

# ସୁପ୍ରିମ୍‌କୋର୍ଟରେ ‘ଡିଜି’ ବିବାଦ
## କନିଷ୍ଠ ଅଧିକାରୀଙ୍କ ସମ୍ଭାବ୍ୟ ନିଯୁକ୍ତି ଆଶଙ୍କାରେ ଜନସ୍ୱାର୍ଥ ମାମଲା; ଶୁଣାଣି ଆଜି

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୮ (ସମିସ): ଓଡ଼ିଶାର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତିକୁ ନେଇ ବିବାଦ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଡିଜିପି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ହେଉଥିବା ଓ ଜଣେ କନିଷ୍ଠ ଅଧିକାରୀଙ୍କ ନାମକୁ ଡିଜିପି ପଦ ପାଇଁ ସୁପାରିସକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନକାରୀ ପିନାକପାଣି ମହାନ୍ତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ମାମଲାର ଜରୁରୀ ଶୁଣାଣି ନିମନ୍ତେ ଆବେଦନ କରିଛନ୍ତି। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ଆସନ୍ତାକାଲି ଏହାର ଜରୁରୀ ଶୁଣାଣି କରିବେ ବୋଲି ସୂଚନା ମିଳିଛି।

ବିଭିନ୍ନ ରାଜ୍ୟରେ ଡ଼ିଜି ନିଯୁକ୍ତି ସମୟରେ ସୁପ୍ରିମକୋର୍ଟଙ୍କ କେନ୍ଦ୍ର ସରକାର ବନାମ ପ୍ରକାଶ ସିଂହ ମାମଲାର ରାୟକୁ ଆଧାର ରୂପେ ଗ୍ରହଣ କରାଯାଇଥାଏ। ରାଜ୍ୟରେ ପୁଲିସ ମୁଖ୍ୟ ମନୋନୟନରେ ରାଜନୈତିକ ପ୍ରଭାବ ହ୍ରାସ କରି ଯୋଗ୍ୟତା, ବରିଷ୍ଠତା, ସେବା ରେକର୍ଡ ଓ ଅଭିଜ୍ଞତାକୁ ଏଥିରେ ଗୁରୁତ୍ୱ ଦିଆଯାଇଥାଏ। ଏହି ବ୍ୟବସ୍ଥା ଆଧାରରେ ୟୁପିଏସ୍‌ସି ଏକ ପ୍ୟାନେଲ ପ୍ରସ୍ତୁତ କରିଥାଏ ଓ ରାଜ୍ୟ ସରକାର ସେହି ପ୍ୟାନେଲରୁ ଡ଼ିଜିଙ୍କୁ ନିଯୁକ୍ତି ଦେଇଥାଆନ୍ତି। ମାତ୍ର ଓଡ଼ିଶାରେ ଡିଜିପି ଚୟନରେ ଯୋଗ୍ୟତା ଓ ନିରପେକ୍ଷତା ମାନଦଣ୍ଡକୁ ଉପେକ୍ଷା କରି ଜଣେ ଅଧିକାରୀଙ୍କ ନାମକୁ ବିଚାର ଯୋଗ୍ୟ କରାଯିବା ନିମନ୍ତେ ଆକସ୍ମିକ ପଦୋନ୍ନତି ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଡିଜିପି ଚୟନ ଏକ ସ୍ୱଚ୍ଛ ଓ ବସ୍ତୁନିଷ୍ଠ ପ୍ରକ୍ରିୟାରେ ହେବା ଉଚିତ ଓ ସରକାର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ପୁଲିସ ପ୍ରଶାସନର ଉଚ୍ଚ ପଦରେ ଅବସ୍ଥାପିତ କରିବା ପାଇଁ ନିୟମକୁ ଉଲ୍ଲଂଘନ କରିପାରିବେ ନାହିଁ ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଛନ୍ତି।



### ଆବେଦନକାରୀଙ୍କ ପକ୍ଷରୁ ଲଢ଼ୁଛନ୍ତି ବରିଷ୍ଠ ଆଇଜୀବୀ ପି. ଚିଦାମ୍ବରମ୍
### ଜରୁରୀ ଶୁଣାଣି କରିବେ ମୁଖ୍ୟ ବିଚାରପତିଙ୍କ ସହ ତିନି ଜଣିଆ ଖଣ୍ଡପୀଠ
### ଆସନ୍ତା ୧୩ ତାରିଖରେ ବସିବ ୟୁପିଏସ୍‌ସିର ଡ଼ିଜି ମନୋନୟନ ବୈଠକ
### କିଏ ବହନ କରିବ ବରିଷ୍ଠ ଓକିଲ ଚିଦାମ୍ବରମ୍‌ଙ୍କ ଓକିଲାତି ବାବଦ ଫି

ସାଧାରଣତଃ ଡିଜି ପଦ ପାଇଁ ସମ୍ପୃକ୍ତ ପୁଲି ଅଧିକାରୀଙ୍କର ଅତିକମରେ ୨୫ ବର୍ଷର କ୍ରମାଗତ ସେବାର ଅଭିଜ୍ଞତା ଥିବା ଆବଶ୍ୟକ। ସେହିପରି ଅବସର ଅବଧି ୬ ମାସରୁ ଊର୍ଦ୍ଧ୍ୱ ରହିଥିବା ଜରୁରୀ। ଏହାବ୍ୟତୀତ ସେବା ରେକର୍ଡ, ଦକ୍ଷତା, ପୁଲିସିଂରେ ଅଭିଜ୍ଞତା ଓ ବରିଷ୍ଠତା ମଧ୍ୟ ବିଚାରକୁ ନିଆଯାଏ। ଓଡ଼ିଶା ଡିଜିପି ନିଯୁକ୍ତି ପାଇଁ ରାଜ୍ୟ ସରକାର ଏପ୍ରିଲ୍‌ରେ ୟୁପିଏସ୍‌ସିକୁ କିଛି ଅଧିକାରୀଙ୍କ ନାମ ପଠାଇଥିଲେ। ପରେ ଏହି ପ୍ୟାନେଲ୍‌କୁ ପ୍ରତ୍ୟାହାର କରାଯାଇଥିଲା ଓ ମେ’ରେ ପୁଣି ୧୧ ▶ପୃଷ୍ଠା-୭

## ଜାପାନରୁ ଫେରିବ କି ନେତାଜୀଙ୍କ ଚିତାଭସ୍ମ !





### କେନ୍ଦ୍ର ସରକାରଙ୍କୁ ଜବାବ ତଲବ କଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଚିତାଭସ୍ମ ଜାପାନରୁ ଭାରତକୁ ଫେରାଇ ଆଣିବା ପ୍ରସଙ୍ଗରେ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ନୋଟିସ୍ ଜାରି କରିଛନ୍ତି। ନେତାଜୀଙ୍କ କନ୍ୟା ଅନିତା ବି ପାଫ୍‌ଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଆବେଦନ ଉପରେ ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ରର ପ୍ରତିକ୍ରିୟା ମାଗିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି କୋର୍ଟରେ ହାଜର ହୋଇ ଯୁକ୍ତି ରଖିଥିଲେ। ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା ନେତାଜୀଙ୍କ ପାର୍ଥିବ ଅବଶେଷ ବା ଚିତାଭସ୍ମକୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଏହି ପିଟିସନରେ ନିର୍ଦ୍ଦେଶ ଦେବାକୁ ▶ପୃଷ୍ଠା-୭

## ଆଜି ସୃଷ୍ଟି ହେବ ଆଉ ଏକ ଲଘୁଚାପ
# ୧୫ ପର୍ଯ୍ୟନ୍ତ ବର୍ଷା

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଥିବା ବେଳେ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ଦାନା ବାନ୍ଧୁଛି। ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ବାଂଲାଦେଶ-ପଶ୍ଚିମବଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ବୁଧବାର ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ତେବେ ଏହା ଆଗକୁ କେତେ ଘନୀଭୂତ ସେନେଇ ପାଣିପାଗ ବିଭାଗ କୌଣସି ସ୍ପଷ୍ଟ କରି ନ ଥିଲେ ମଧ୍ୟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଆକଳନ କରାଯାଇଛି।



ଲଘୁଚାପ ଯୋଗୁଁ ବୁଧବାରଠାରୁ ବର୍ଷାର ପ୍ରଭାବ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛି। ବର୍ଷାର ପ୍ରଭାବ ଉତ୍ତର ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଗୁଡିକରେ ସବୁଠୁ ଅଧିକ ରହିବ। ଏହାସହ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ମଧ୍ୟମରୁ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ବୁଧବାର ଅନୁଗୁଳ ଓ କେନ୍ଦୁଝରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଏହି ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ ▶ପୃଷ୍ଠା-୭

## ଧାନ ରୋଇବା ବେଳେ ଅଘଟଣ
# ବଜ୍ରପାତରେ ୪ ମହିଳା ମୃତ

■ ରାଉରକେଲା /ବଣାଇଁଗଡ଼, ୧୧।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଓ ବାଲିଶଙ୍କର ଅଞ୍ଚଳରେ ବଜ୍ରପାତ ଘଟି ୪ ଜଣ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ୬ ମହିଳା ଗୁରୁତର ହୋଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷାରେ ଧାନ ତଳି ରୋଉଥିବାବେଳେ ବଜ୍ରପାତ ଯୋଗୁଁ ଏପରି ଦୁଃଖଦ ଘଟଣା ଘଟିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଜିଲ୍ଲାର ବାଲିଶଙ୍କରା ଥାନା ଅଧୀନ ଚାନ୍ଦିନିମାଲ ଗାଁରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ କିଛି ମହିଳା ଶ୍ରମିକ ଆସି ଏକ ଧାନ ବିଲରେ ଧାନ ତଳି ରୋଉଥିଲେ। ଏହି ସମୟରେ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ଘଟିଥିଲେ। ଏହି ବଜ୍ରପାତରେ ୨ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ମୃତକ ଦ୍ୱୟ ହେଲେ ସୁଶୀଳା ତିର୍କୀ (୭୦), ଚମ୍ପା ତିର୍କୀ(୪୯)। ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଘର ଛତିଶଗଡ଼ର ଯଶପୁର ଜିଲ୍ଲା ଅଧୀନ ତୁମଲା ଗ୍ରାମରେ ବୋଲି ଜଣାପଡ଼ିଛି। ଆହତ ୫ ଜଣଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ ଏନ୍‌ଟିପିସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ଆହତ ୪ ଜଣଙ୍କୁ ସୁନ୍ଦରଗଡ଼ ଜିଲ୍ଲା ସରକାରୀ ହସ୍ପିଟାଲରେ ଭର୍ତ୍ତି ▶ପୃଷ୍ଠା-୭

## ଯୁବକଙ୍କ ମୃତ୍ୟୁ, ୨ ଆହତ

■ ରାସଗୋବିନ୍ଦପୁର, ୧୧।୮ (ସମିସ): ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତ ଯୁବକ କାପୋଇ ଗ୍ରାମର ହିନ୍ଦୁ ମୁର୍ମୁଙ୍କ ପୁଅ ଶିବଶଙ୍କର ମୁର୍ମୁ (୩୫)। ଶିବଶଙ୍କର ବିଲରେ କାମ ସାରି ମଙ୍ଗଳବାର ଦିନ ପ୍ରାୟ ୨ଟା ସମୟରେ ଘରକୁ ଫେରୁଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିବଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ▶ପୃଷ୍ଠା-୭

## ସମବାୟ ଭିତ୍ତିଭୂମି
# ଦେଶରେ ଓଡ଼ିଶା ତଳଆଡୁ ଆଗୁଆ
## ୫ ବର୍ଷରେ ଏନ୍‌ସିଡିସି ବାଣ୍ଟିଛି ୩୯୬୭୬୦ କୋଟି

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟରେ ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ନେଇ ରାଜ୍ୟ ସରକାର ଯୁକ୍ତି ବାଢୁଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ସହଯୋଗରେ ଚାଷୀ, ମହିଳା ଏବଂ ସାଧାରଣ ଉଦ୍ୟୋଗୀମାନେ ବିଶେଷ ଭାବରେ ଉପକୃତ ହେଉଥିବା ନେଇ ଦାବି କରାଯାଉଛି। ମାତ୍ର କେନ୍ଦ୍ର ସରକାରଙ୍କ ତଥ୍ୟ ହେଉଛି ଭିନ୍ନ। ଗତ ୫ ବର୍ଷରେ କେନ୍ଦ୍ର ସରକାରଙ୍କ କେନ୍ଦ୍ର ସମବାୟ ଉନ୍ନୟନ ନିଗମ(ଏନସିଡିସି) ଦେଶବ୍ୟାପୀ ଋଣ ଓ ଅନୁଦାନ ବାବଦରେ ରାଜ୍ୟମାନଙ୍କୁ ମୋଟ ୩ ଲକ୍ଷ ୯୬ ହଜାର ୭୬୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି। ଏଥିରେ ସିଂହଭାଗ ଅର୍ଥ ଋଣ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଆଉ କିଛି ଅର୍ଥ ଭିତ୍ତିଭୂମି ବିକାଶ ପାଇଁ ବ୍ୟବହାର କରାଯାଉଛି। ସମବାୟ କ୍ଷେତ୍ରର ଉନ୍ନତି ପାଇଁ ଏହି ସହାୟତା ଉଦ୍ଦିଷ୍ଟ ଥିଲା ବେଳେ ଏଥିରୁ ଓଡ଼ିଶାକୁ ମାତ୍ର ୨୩ କୋଟି ୩୬ ଲକ୍ଷ ଟଙ୍କା ମିଳିଛି। ଯାହା ମୋଟ ଅନୁଦାନର ୦.୦୦୫ ପ୍ରତିଶତ ଅଟେ। ରାଜ୍ୟର ଦୁର୍ବଳ ସମବାୟ ଭିତ୍ତିଭୂମି କାରଣରୁ ଓଡ଼ିଶାକୁ ଅତ୍ୟନ୍ତ ନଗଣ୍ୟ ପରିମାଣର ସହାୟତା ମିଳୁଥିବା ନେଇ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

### ଓଡ଼ିଶା ଭାଗରେ ପଡ଼ିଛି ମାତ୍ର ୨୩ କୋଟି ଟଙ୍କା
### ଗତବର୍ଷ ଫିସେରୀ, ମାର୍କେଟିଂ କ୍ଷେତ୍ରରେ ମିଳିନି ଟଙ୍କାଏ

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୫-୨୬ରେ ଏନସିଡିସି ପକ୍ଷରୁ ମୋଟ ୧ ଲକ୍ଷ ୨୭ ହଜାର ୫୯୫ କୋଟି ଟଙ୍କାର ବାର୍ଷିକ ଆର୍ଥିକ ସହାୟତା ଋଣ ତଥା ଅନୁଦାନ ବାବଦରେ ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ଏଥିରୁ ଓଡ଼ିଶାର ଭାଗ ମାତ୍ର ୭ କୋଟି ୩ ଲକ୍ଷ ଟଙ୍କା ▶ପୃଷ୍ଠା-୭

# ପୋଲାଭରମ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ନାହାନ୍ତି ଓଡ଼ିଶାର ପ୍ରଭାବିତ
## ଅନ୍ଧାରରେ ମାଲକାନଗିରିର ହଜାର ହଜାର ଆଦିବାସୀଙ୍କ ଭାଗ୍ୟ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୧।୮ (ସମିସ): ଆନ୍ଧ୍ରର ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହେବ। ଅନେକ ଜନବସତି ପାଣି ଭିତରେ ହଜିଯିବ, ହଜାର ହଜାର ଲୋକଙ୍କ ଜୀବନ ଜୀବିକା ବିପନ୍ନ ହେବ। ଏ ପ୍ରସଙ୍ଗରେ ବାରମ୍ବାର କେନ୍ଦ୍ର ନିକଟରେ ଆପତ୍ତି କରିଛି ଓଡ଼ିଶା; ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବାକୁ ଦାବି କରିଛି। ମାଲକାନଗିରି ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି କରିବାକୁ ଖୋଦ ସୁପ୍ରିମକୋର୍ଟ ଦେଇଥିବା ପରାମର୍ଶକୁ ଆନ୍ଧ୍ର ସରକାର ଖାତିର କରି ନାହାନ୍ତି। ଏହା ସତ୍ତ୍ୱେ ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ହାତ ଖୋଲି ଅନୁଦାନ ଢ଼ାଳି ଦେଇଛନ୍ତି। ପ୍ରକଳ୍ପର ୩୦୪୩୬.୯୫ କୋଟି ସଂଶୋଧିତ ବ୍ୟୟ ଅଟକଳକୁ ଗତବର୍ଷ କେନ୍ଦ୍ର ସରକାର ମଞ୍ଜୁରି ଦେବା ସହ ୫୫୧୨.୪ କୋଟି ଅନୁଦାନ ଦେଇଛନ୍ତି। ଯାହାକୁ ନେଇ ମାଲକାନଗିରି ଜିଲ୍ଲାର ପ୍ରଭାବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯେଉଁ ପ୍ରକଳ୍ପ ପାଇଁ ଓଡ଼ିଶା ଚିନ୍ତାପ୍ରକଟ କରିଛି, ଯେଉଁ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ଥିଲେ ହେଁ ଏହାର ପ୍ରଭାବ ଆକଳନ କରାଯାଉ ନାହିଁ। ଏପରିକି ପ୍ରକଳ୍ପ କ୍ଷତିଗ୍ରସ୍ତଙ୍କ

### ୫ ବର୍ଷରେ ୧୨,୬୨୦ କୋଟି ଅନୁଦାନ ଦେଇଛି କେନ୍ଦ୍ର
### ୩୦୪୩୭ କୋଟିର ସଂଶୋଧିତ ଅଟକଳକୁ ଅନୁମୋଦନ




ମଧ୍ୟରେ କେବଳ ଆନ୍ଧ୍ରର ଜନସାଧାରଣ ସ୍ଥାନ ପାଇବା ମାଲକାନଗିରି ଜିଲ୍ଲାର ପ୍ରଭାବିତଙ୍କ ପ୍ରତି ଅନ୍ୟାୟ କରାଯାଇଛି।

ତେଲୁଗୁ ଦେଶମ ପାର୍ଟି ସାଂସଦ ଆର୍ କୃଷ୍ଣାୟାଙ୍କ ପ୍ରଶ୍ନରେ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜ ଭୂଷଣ ଚୌଧୁରୀ ସଂସଦରେ କହିଛନ୍ତି ଯେ ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨୦୨୧-୨୨ରେ ୧,୮୯୮.୮୦ କୋଟି ଟଙ୍କା, ୨୦୨୨-୨୩ରେ ୧,୬୭୧.୨୩ କୋଟି ଟଙ୍କା, ୨୦୨୩-୨୪ରେ ୭୨୭.୮୮ କୋଟି ଟଙ୍କା, ୨୦୨୪-୨୫ରେ ୫,୫୧୨.୪୦ କୋଟି ଟଙ୍କା ଏବଂ ୨୦୨୫-୨୬ରେ ୨,୮୧୦.୨୨ କୋଟି ଟଙ୍କା ଦିଆଯାଇଛି। ଏହା ସହ ପୋଲାଭରମ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୩୦,୪୩୬.୯୫ କୋଟି ଟଙ୍କାର ସଂଶୋଧିତ ଖର୍ଚ୍ଚ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପରମୁଖ୍ୟ ନିର୍ମାଣ କାମ ମଧ୍ୟ ଦ୍ରୁତ ଗତିରେ ଆଗେଇଛି। ସ୍ପିଲ୍‌ୱେର ମାଟି ▶ପୃଷ୍ଠା-୭

# କଶ୍ମୀରରେ ୪ ସନ୍ଦିଗ୍ଧ ଆତଙ୍କବାଦୀ; ବ୍ୟାପକ ସର୍ଚ୍ଚ ଅପରେସନ ଆରମ୍ଭ

ଡୋଡା/ଶ୍ରୀନଗର, ୧୧।୮ (ଏଜେନ୍ସି): ଜାମ୍ମୁ-କାଶ୍ମୀରର ଡୋଡା ଜିଲ୍ଲାରେ ୪ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ପାହାଡ଼ ଚଢୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ଏହାପରେ ସେନା ଓ ସୁରକ୍ଷା ବାହିନୀ ପକ୍ଷରୁ ବଡ଼ ଧରଣର ଅପରେସନ ଆରମ୍ଭ କରାଯାଇଛି। ସୂଚନା ଅନୁସାରେ, ଡୋଡା ଜିଲ୍ଲାର ରାମତୁଣ୍ଡ ଶିଖର ନିକଟରେ ଏହି ସନ୍ଦିଗ୍ଧମାନଙ୍କୁ ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳଟି ଉର୍ଦ୍ଧ୍ୱମପୁର ଜିଲ୍ଲାର ସିଓଜ ଧାର୍ ବେଲ୍ଟ ସହିତ ଲାଗିରହିଛି। ଏହି ଦୁର୍ଗମ, ଘଞ୍ଚ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳକୁ ଆତଙ୍କବାଦୀମାନେ ପ୍ରାୟତଃ ଗୋପନୀୟ ଭାବେ ଯାତାୟାତ କରିବା ପାଇଁ କିମ୍ବା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରନ୍ତି। ଗତ ସୋମବାର ଅପରାହ୍ଣରେ କିଛି ସ୍ଥାନୀୟ ବାସିନ୍ଦା ଏହି ସନ୍ଦିଗ୍ଧମାନଙ୍କ ଗତିବିଧି ଦେଖିବାକୁ ପାଇଥିଲେ। ସେମାନେ ଭିଡିଓ କରି ସୁରକ୍ଷା ବାହିନୀକୁ ସତର୍କ କରାଇଥିଲେ। ଖବର ପାଇ ସେନା, ପୁଲିସ ଏବଂ ସିଆରପିଏଫ ପକ୍ଷରୁ ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ମଙ୍ଗଳବାର ସକାଳେ ଉର୍ଦ୍ଧ୍ୱମପୁରରୁ ଅତିରିକ୍ତ ସୁରକ୍ଷା ବାହିନୀ ପଠାଯାଇ ଘଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି। ପ୍ରାଥମିକ ତଥ୍ୟ ଅନୁଯାୟୀ, ଏହି ଆତଙ୍କବାଦୀ ଗୋଷ୍ଠୀରେ ତିନିଜଣ ବିଦେଶୀ ଏବଂ ଜଣେ ସ୍ଥାନୀୟ ଆତଙ୍କବାଦୀ ଥିବା ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ସୁଦ୍ଧା ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ କୌଣସି ସିଧାସଳଖ ଗୁଳିବିନିମୟ ବା ସଂଘର୍ଷ ହୋଇନାହିଁ।



# ତାମିଲନାଡୁକୁ ପ୍ରତିଦିନ ୧୨୦୦୦ କ୍ୟୁସେକ୍ କାବେରୀ ଜଳ ଛାଡିବାକୁ କର୍ଣ୍ଣାଟକକୁ ନିର୍ଦ୍ଦେଶ

ବେଙ୍ଗାଲୁରୁ, ୧୧।୮ (ଏଜେନ୍ସି): କାବେରୀ ନଦୀ ଜଳ ବଣ୍ଟନକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗିରହିଛି। ଆଜି କାବେରୀ ଜଳ ନିୟାମକ ସମିତି (ସିଡବ୍ଲ୍ୟୁଆର୍‌ସି) ଅଗଷ୍ଟ ୧୨ରୁ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ତାମିଲନାଡୁକୁ ପ୍ରତିଦିନ ୧୨, ୦୦୦ କ୍ୟୁସେକ୍ ଜଳ ଛାଡିବା ପାଇଁ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାବେରୀ ଅବବାହିକାରେ ଥିବା ଜଳଭଣ୍ଡାରଗୁଡିକର ଜଳସ୍ତର, ପ୍ରବାହ ଏବଂ ଆଗାମୀ ପାଣିପାଗ ସୂଚନାକୁ ସମୀକ୍ଷା କରିବା ପରେ ସମିତି ଏହି ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, କର୍ଣ୍ଣାଟକ ବର୍ତ୍ତମାନ ଗୁରୁତର ଜଳାଭାବର ସମ୍ମୁଖୀନ ହେଉଛି। କାବେରୀ ନଦୀର ଜଳଭଣ୍ଡାରଗୁଡିକରେ ବର୍ତ୍ତମାନ ୭୭.୭୪୬ ଟିଏମସି ଫୁଟ୍ ଜଳ ଗଚ୍ଛିତ ଅଛି। ଏହା ଗତ ୩୦ ବର୍ଷର ହାରାହାରି ଜଳସ୍ତର ତୁଳନାରେ ୪୭ ପ୍ରତିଶତ କମ୍। ଏହି କାରଣରୁ କର୍ଣ୍ଣାଟକ ସରକାର ଜଳ ସଂରକ୍ଷଣର ଆବଶ୍ୟକତା ଦର୍ଶାଇ ଜଳ ଛାଡିବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଅନ୍ୟପଟେ, ତାମିଲନାଡୁ ଅଗଷ୍ଟ ୩୧ ସୁଦ୍ଧା ସମୁଦାୟ ୩୬.୪୭୨ ଟିଏମସି ଫୁଟ୍ ଜଳ ଦାବି କରିଥିଲା। ଏଥିରେ ପୂର୍ବରୁ ବାକି ଥିବା ୨୧.୩୫୭ ଟିଏମସି ଫୁଟ୍ ଏବଂ ବର୍ତ୍ତମାନର ଆନୁପାତିକ ଅଂଶ ୧୫.୨୭୮ ଟିଏମସି ଫୁଟ୍ ସାମିଲ ଥିଲା। ପୂର୍ବରୁ ଜୁଲାଇ ୨୮ରେ ସିଡବ୍ଲ୍ୟୁଆର୍‌ସି ଦୈନିକ ୩, ୫୦୦ କ୍ୟୁସେକ୍ ଜଳ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କର୍ଣ୍ଣାଟକ ଏହାର ବିରୋଧ କରିଥିଲା। ପାଣିପାଗର ଅନିଶ୍ଚିତତା ଏବଂ ଜଳଭଣ୍ଡାରରେ କମୁଥିବା ଜଳସ୍ତର ଯୋଗୁଁ ଉଭୟ ରାଜ୍ୟ ମଧ୍ୟରେ ଏହି ଜଳ ବିବାଦ ଆଗାମୀ ଦିନରେ ଅଧିକ ଜଟିଳ ହେବାର ସମ୍ଭାବନା ରହିଛି।



# ହାତରେ ତ୍ରିରଙ୍ଗା ଧରି ମହାକାଶରୁ ଭାରତକୁ ସ୍ୱାଧୀନତା ଦିବସର ଶୁଭେଚ୍ଛା



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଭାରତର ୮୦ତମ ସ୍ୱାଧୀନତା ଦିବସ ପୂର୍ବରୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରୁ ରୁଷୀୟ ମହାକାଶଚାରୀ ସ୍ୱତନ୍ତ୍ର ବାର୍ତ୍ତା ପଠାଇଛନ୍ତି। ରୁଷର ମହାକାଶ ଗବେଷଣା ସଂସ୍ଥା 'ରୋସକୋସମୋସ'ର ମହାକାଶଚାରୀମାନେ ହାତରେ ଭାରତୀୟ ତ୍ରିରଙ୍ଗା ଧରି ଭାରତବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଦୁଇ ଦେଶ ମଧ୍ୟରେ ଥିବା ଦୀର୍ଘ ଦଶନ୍ଧିର ମହାକାଶ ସହଯୋଗକୁ ମନେ ପକାଇଛନ୍ତି। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ମହାକାଶଚାରୀ ପ୍ୟୋଟର ଦୁବ୍ରୋଭ ଭାରତବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ସ୍ୱାଧୀନତା ଦିବସର ଅଭିନନ୍ଦନ ଜଣାଇଛନ୍ତି। ସେ ମହାକାଶ ବିଜ୍ଞାନ କ୍ଷେତ୍ରରେ ମସ୍କୋ ଏବଂ ନୂଆଦିଲ୍ଲୀ ମଧ୍ୟରେ ଥିବା ସମ୍ପର୍କକୁ ଦୁଇ ଦେଶର ବନ୍ଧୁତାର ଏକ ମୁଖ୍ୟ ସ୍ତମ୍ଭ ଭାବେ ବର୍ଣ୍ଣନା କରିଛନ୍ତି। ଏହି ସନ୍ଦେଶରେ ମହାକାଶଚାରୀମାନେ ମାନବ ମହାକାଶ ଯାତ୍ରାର ପ୍ରଥମ ଅଧ୍ୟାୟର ସ୍ମୃତିଚାରଣ କରିଛନ୍ତି। ଚଳିତ ବର୍ଷ ସୋଭିଏତ୍ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ପ୍ରଥମ ମହାକାଶ ଯାତ୍ରାର ୬୫ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ୧୯୬୧ ମସିହାରେ ଗାଗାରିନ୍ ଭାରତ ଗସ୍ତ କରିଥିଲେ। ମହାକାଶରୁ ଭାରତ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଏଠାରେ ରହୁଥିବା ବନ୍ଧୁମାନଙ୍କ ପାଇଁ ପୃଥିବୀପୃଷ୍ଠରେ ଏହି ଦେଶ ଅଧିକ ସୁନ୍ଦର ବୋଲି ଗାଗାରିନ୍ କହିଥିଲେ। ସେହି କଥାକୁ ରୁଷୀୟ ମହାକାଶଚାରୀମାନେ ମନେ ପକାଇଛନ୍ତି। ମହାକାଶଚାରୀମାନେ କହିଛନ୍ତି ଯେ, ୧୯୭୫ ମସିହାରେ ସୋଭିଏତ୍ ସଂଘ ସହାୟତାରେ ଭାରତର ପ୍ରଥମ ଉପଗ୍ରହ 'ଆର୍ଯ୍ୟଭଟ୍ଟ' ଉତ୍କ୍ଷେପଣ କରାଯାଇଥିଲା। ଏହାର ପ୍ରାୟ ଏକ ଦଶନ୍ଧି ପରେ ୧୯୮୪ ମସିହାରେ ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ସୋଭିଏତ୍ ମହାକାଶଯାନ ସୋୟୁଜ୍ ଟି-୧୧ ଯୋଗେ ମହାକାଶ ଯାତ୍ରା କରିଥିଲେ। ଏହି ବନ୍ଧୁତା ଏବେ 'ଗଗନଯାନ' ମିଶନ ମାଧ୍ୟମରେ ଏକ ନୂତନ ଯୁଗରେ ପଦାର୍ପଣ କରିବ। ଭାରତର ପ୍ରଥମ ମାନବବାହୀ ମହାକାଶ ଅଭିଯାନ ଗଗନଯାନ ପାଇଁ ଭାରତୀୟ ମହାକାଶଚାରୀମାନେ ରୁଷର ୟୁରି ଗାଗାରିନ୍ ମହାକାଶଚାରୀ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ଗ୍ରହଣ କରିଛନ୍ତି। ଏହି ଅବସରରେ ରୋସକୋସମୋସ ଏବଂ ଇସ୍ରୋ ଦ୍ୱାରା ମିଳିତ ଭାବେ ଆୟୋଜିତ ଏକ ପ୍ରତିଯୋଗିତାର ବିଜେତାମାନଙ୍କ କୃତିକୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ମହାକାଶଚାରୀ ଆନ୍ଦ୍ରେ ଫେଡିୟାଭ ଭାରତୀୟ ପତାକା ଧରି 'ଭାରତ-ରୁଷ ବନ୍ଧୁତା ଅମର ରହୁ' ବୋଲି କହିବା ସହ ଭାରତର ଉତ୍ତରୋତ୍ତର ସଫଳତା କାମନା କରିଥିଲେ।

## ନିଶା ପରୀକ୍ଷାରେ ଧରାପଡ଼ିଲେ

# ମାରିଜୁଆନା ସେବନ କରିଥିଲେ ପାଇଲଟ୍



**ଓଡ଼ିଶା ଆକାଶରେ ଉଡୁଥିଲା ଏୟାର ଇଣ୍ଡିଆ ବିମାନ ୩୦୦ ଫୁଟ୍ ତଳକୁ ଖସିଆସିଥିଲା, ୧୭ ଆହତ**

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ ୨୩୭୯ରେ ଅଗଷ୍ଟ ୪ରେ ଘଟିଥିବା ରୋମାଞ୍ଚକର ତଥା ବିପଜ୍ଜନକ ଦୁର୍ଘଟଣାକୁ ନେଇ ତଥ୍ୟ ସାମ୍ନାକୁ ଆସିଛି। ଦ୍ୱିତୀୟ ଥର ପାଇଁ କରାଯାଇଥିବା ଡ୍ରଗ୍ ଟେଷ୍ଟରେ ବିମାନର ପାଇଲଟ୍-ଇନ୍-କମାଣ୍ଡ ପଜିଟିଭ୍ ଆସିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପାଇଲଟ୍ ଜଣକ ମାରିଜୁଆନା ବା ନିଶା ଦ୍ରବ୍ୟ ସେବନ କରିଥିଲେ। ଏହି ଘଟଣା ବିମାନ ଚଳାଚଳ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରିପୋର୍ଟ ଅନୁଯାୟୀ, ବିମାନଟି ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ ଭୁବନେଶ୍ୱର ଆକାଶ ମାର୍ଗରେ ହିଁ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା ବୋଲି ଜଣାପଡ଼ିଛି। ସେହି ସମୟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସି ଆସିଥିଲା। ଫଳରେ ବିମାନ ମଧ୍ୟରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଏହି ସମୟରେ ବିମାନରେ ଭୀଷଣ କମ୍ପନ ସୃଷ୍ଟି ହୋଇଥିଲା। ଏହାଯୋଗୁଁ ୨୦ ଜଣ ଯାତ୍ରୀ ଏବଂ ୪ ଜଣ କ୍ରୁ ସଦସ୍ୟଙ୍କ ସମେତ ମୋଟ ୨୪ ଜଣ ଆହତ ହୋଇଥିଲେ। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏହି ଘଟଣାର ତଦନ୍ତ ଚାଲିଛି। ରିପୋର୍ଟ ଅନୁଯାୟୀ, ବିମାନର ହାଇଡ୍ରୋଲିକ୍ ସିଷ୍ଟମ ତିନିଥର ବିଫଳ ହୋଇଥିଲା ଏବଂ ଅଟୋ-ପାଇଲଟ୍ ସିଷ୍ଟମ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା। ଏହାପରେ କୋ-ପାଇଲଟ୍ ବିମାନର ନିୟନ୍ତ୍ରଣ ନିଜ ହାତକୁ ନେଇ ଏହାକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। ଘଟଣା ପରେ ହୋଇଥିବା ପରୀକ୍ଷାରେ ପାଇଲଟଙ୍କ ଶରୀରରେ ନିଶାଦ୍ରବ୍ୟ ମିଳିଛି। ଫଳସ୍ୱରୂପ, ଉଭୟ ପାଇଲଟଙ୍କୁ କାର୍ଯ୍ୟରୁ ବାଦ୍ ଦିଆଯାଇଛି। ବିମାନଟି ଏୟାରବସ୍ ଏ୩୨୦ ହୋଇଥିବାରୁ, ଫ୍ରାନ୍ସର ବିଶେଷଜ୍ଞ ଦଳ ଏବଂ ଏୟାରବସ୍ କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଭାରତରେ ପହଞ୍ଚି ତଦନ୍ତରେ ସହାୟତା କରୁଛନ୍ତି। ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ ୱିଲସନଙ୍କୁ ଏହି ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ସମନ କରାଯାଇଛି। ଘଟଣାର ସମସ୍ତ ଦିଗ ନେଇ ବିଶେଷଜ୍ଞ ଦଳ ସହିତ ଆଲୋଚନା ହୋଇଛି। ଆଲୋଚନାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁ, ବେସାମରିକ ବିମାନ ଚଳାଚଳ ସଚିବ ଏବଂ ଡିଜିସିଏର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବିମାନଟି ଏତେ ବଡ଼ ଦୁର୍ଘଟଣା ପରେ ମଧ୍ୟ କାହିଁକି ନିକଟସ୍ଥ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ ନକରି ସିଧା ଦିଲ୍ଲୀ ଯାଇଥିଲା, ସେ ନେଇ ମଧ୍ୟ ଅନୁସନ୍ଧାନ ଜାରି ରହିଛି। ତେବେ ଏୟାର ଇଣ୍ଡିଆ କହିଛି ଯେ ଦୁର୍ଘଟଣାର ତଦନ୍ତ ଜାରି ରହିଥିବାରୁ କୌଣସି ତରମ ସିଦ୍ଧାନ୍ତ ଉପରେ ମନ୍ତବ୍ୟ ଦେଇପାରିବ ନାହିଁ।

# ଯୁଦ୍ଧ ପାଇଁ ଇରାନକୁ କ୍ଷତିପୂରଣ ମାଗିଲେ ଟ୍ରମ୍ପ



ୱାସିଂଟନ, ୧୧।୮ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ରକ୍ତପାତ ଏବଂ ଜୀବନହାନି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିଧାସଳଖ ଇରାନକୁ ଦାୟୀ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ଇରାନ ଠାରୁ କ୍ଷତିପୂରଣ ଦାବି କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ବିଗତ ୫୦ ବର୍ଷ ମଧ୍ୟରେ ଇରାନ ଦ୍ୱାରା ହତ୍ୟାର ଶିକାର ହୋଇଥିବା ଶହ ଶହ ନିର୍ଦ୍ଦୋଷ ପ୍ରତିବାଦକାରୀଙ୍କ ପରିବାରକୁ କ୍ଷତିପୂରଣ ମିଳିବା ଆବଶ୍ୟକ। ଏହା ବ୍ୟତୀତ ଗତ ୫ ମାସର ସଂଘର୍ଷରେ ଲେବାନନ, ସିରିଆ, ୟେମେନ ଏବଂ ଗାଜାରେ ପ୍ରାଣ ହରାଇଥିବା ପ୍ରାୟ ୫୨, ୦୦୦ ଲୋକଙ୍କ ମୃତ୍ୟୁ ପାଇଁ ସେ ଇରାନର ଶାସନକଳକୁ ଦାୟୀ କରିଛନ୍ତି। ସୂଚନାଯୋଗ୍ୟ, ହର୍ମୁଜ ପ୍ରଣାଳୀ ପୁନର୍ବାର ଖୋଲିବା ପାଇଁ ଇରାନ ପକ୍ଷରୁ ଏକ ସର୍ତ୍ତ ରଖାଯାଇଥିଲା। ଏହି ସଂଘର୍ଷରେ ହୋଇଥିବା କ୍ଷତି ପାଇଁ ୱାସିଂଟନ ଅର୍ଥ ପ୍ରଦାନ କରୁ ବୋଲି ତେହେରାନ ଦାବି କରିଥିଲା। କିନ୍ତୁ କ୍ଷତିପୂରଣ ଦେବା ବଦଳରେ ଟ୍ରମ୍ପ ଓଲଟା ଇରାନ ଉପରେ କ୍ଷତିପୂରଣର ବୋଝ ଲଦିଛନ୍ତି। ଏହା ମଧ୍ୟରେ ଇସ୍ରାଏଲର ଏକ ରିପୋର୍ଟ ପରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏହି ଖବରକୁ ଖଣ୍ଡନ କରି ଖାମେନେଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ଅନ୍ୟପକ୍ଷରେ, ପଶ୍ଚିମ ଏସିଆର ଏହି ଅସ୍ଥିରତା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୭.୮୧ ଡଲାରରେ ପହଞ୍ଚିଛି। ଟ୍ରମ୍ପଙ୍କ ଏହି ନୂଆ ଆଭିମୁଖ୍ୟ ପରେ ପରିସ୍ଥିତିରେ ସୁଧାର ଆଶା କମ୍ ଦେଖାଦେଇଛି।

# ସିରିଆର ପୂର୍ବତନ ଶାସକଙ୍କୁ ମୃତ୍ୟୁଦଣ୍ଡାଦେଶ



ଦାମାସ୍କସ, ୧୧।୮ (ଏଜେନ୍ସି): ସିରିଆର ରାଜଧାନୀ ଦାମାସ୍କସର ଏକ କୋର୍ଟ ଦେଶର ପୂର୍ବତନ ଏକଛତ୍ରବାଦୀ ଶାସକ ବଶର ଅଲ୍-ଅସଦଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଦେଶର ଗୃହଯୁଦ୍ଧ ସମୟରେ ଯୁଦ୍ଧ ଅପରାଧ ଏବଂ ମାନବିକତା ବିରୋଧୀ ଅପରାଧ ପାଇଁ ତାଙ୍କୁ ଏହି ଦଣ୍ଡାଦେଶ ଦିଆଯାଇଛି। ୨୦୨୪ ଡିସେମ୍ବରରେ ଅସଦ ସରକାରର ପତନ ହେବା ପରେ ଅହମ୍ମଦ ଅଲ-ସାରାଙ୍କ ନେତୃତ୍ୱରେ ଏକ ନୂତନ ସରକାର ଶାସନ ଭାର ଗ୍ରହଣ କରିଥିଲେ। ବିଦ୍ରୋହୀମାନେ ଦାମାସ୍କସ ନିକଟତର ହେବା ପରେ ଅସଦ ନିଜ ପରିବାର ସହ ମସ୍କୋକୁ ପଳାୟନ କରି ଆଶ୍ରୟ ନେଇଛନ୍ତି। ତାଙ୍କର ଅନୁପସ୍ଥିତିରେ ଅଦାଲତ ଏହି ଶୁଣାଣି କରିଛନ୍ତି। ଅସଦଙ୍କ ଶାସନ କାଳରେ ସାଧାରଣ ନାଗରିକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା, ନିର୍ଯାତନା, ବେଆଇନ ଗିରଫଦାରୀ ଏବଂ ସାଧାରଣ ଅଞ୍ଚଳ ଉପରେ ଆକ୍ରମଣ ଭଳି ଅନେକ ଗୁରୁତର ଅଭିଯୋଗ ରହିଛି। ଏହା ବ୍ୟତୀତ, ତାଙ୍କ ସରକାର ବିରୋଧରେ ୨୦୧୩ରେ ଘୁଟା ଅଞ୍ଚଳରେ ସାରିନ୍ ଗ୍ୟାସ ଭଳି ରାସାୟନିକ ଅସ୍ତ୍ର ବ୍ୟବହାର କରିଥିବା ଅଭିଯୋଗକୁ ମଧ୍ୟ ଜାତିସଂଘ ଓ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରମାଣିତ କରାଯାଇଛି। ଅଦାଲତ ଅସଦଙ୍କ ସମ୍ପର୍କୀୟ ଭାଇ ତଥା ପୂର୍ବତନ ସୁରକ୍ଷା ନିର୍ଦ୍ଦେଶକ ଆତିଫ ନଜିବଙ୍କୁ ମଧ୍ୟ ଯୋଜନାବଦ୍ଧ ହତ୍ୟା ଓ ନିର୍ଯାତନା ପାଇଁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ନଜିବଙ୍କୁ ପ୍ରତ୍ୟକ୍ଷ ଭାବେ କୋର୍ଟରେ ହାଜର କରାଯାଇ ଏହି ଦଣ୍ଡାଦେଶ ଦିଆଯାଇଛି। ୨୦୦୦ରେ ପିତା ହାଫେଜ ଅଲ-ଅସଦଙ୍କ ମୃତ୍ୟୁ ପରେ ବଶର ଅଲ୍-ଅସଦ କ୍ଷମତାକୁ ଆସିଥିଲେ। ଦୀର୍ଘ ୨୪ ବର୍ଷ ଧରି ସେ ଦେଶରେ ଏକଛତ୍ରବାଦୀ ଶାସନ ଚଳାଇଥିଲେ। ୨୦୧୧ରେ ଆରମ୍ଭ ହୋଇଥିବା ଗଣତାନ୍ତ୍ରିକ ବିକ୍ଷୋଭକୁ ଦମନ କରିବା ପାଇଁ ସେ ସାମରିକ ବଳ ପ୍ରୟୋଗ କରିଥିଲେ। ଏହା ପରବର୍ତ୍ତୀ ସମୟରେ ଭୟଙ୍କର ଗୃହଯୁଦ୍ଧର ରୂପ ନେଇଥିଲା। ଏହି ସଂଘର୍ଷରେ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିବା ସହ କୋଟି କୋଟି ଲୋକ ନିଜ ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଥିଲେ। ସମ୍ପ୍ରତି ସିରିଆର ନୂତନ ପ୍ରଶାସନ ପୂର୍ବତନ ଶାସନକାଳର ଅଧିକାରୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଅସଦ ବର୍ତ୍ତମାନ ଦେଶ ବାହାରେ ରହିଛନ୍ତି। ତଥାପି ଏହି ରାୟକୁ ସିରିଆର ନ୍ୟାୟିକ ବ୍ୟବସ୍ଥାରେ ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି।

## ପଶ୍ଚିମବଙ୍ଗ ଭୋଟର ତାଲିକା ସଂଶୋଧନ ମାମଲା

# ନିର୍ବାଚନ କମିସନଙ୍କୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକା ସଂଶୋଧନ ସମୟରେ ବହୁ ସଂଖ୍ୟକ ଭୋଟରଙ୍କ ନାମ କଟାଯାଇଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ନିର୍ବାଚନ କମିଶନଙ୍କ ଠାରୁ ବିସ୍ତୃତ ତଥ୍ୟ ମାଗିଛନ୍ତି। କୋର୍ଟ ଚେତାବନୀ ଦେଇଛନ୍ତି ଯେ, ମାମଲାଗୁଡ଼ିକ ଯେଉଁବଳି ଭାବେ ଧୀର ଗତିରେ ପରିଚାଳିତ ହେଉଛି, ସେଥିରେ ସମାଧାନ ହେବା ପୂର୍ବରୁ ଆଗାମୀ ନିର୍ବାଚନ ଆସିଯିବ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍) ସମ୍ପର୍କିତ ବହୁ ସଂଖ୍ୟକ ମାମଲା ଆପିଲେଟ୍ ଟ୍ରିବ୍ୟୁନାଲରେ ପଡ଼ି ରହିଥିବାରୁ ଏହାର ଶୀଘ୍ର ସମାଧାନ ପାଇଁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଭୋଟର ତାଲିକାରୁ ନାମ କଟାଯିବା ବିରୋଧରେ ଦାଖଲ ଅପିଲ ଗୁଡ଼ିକର ତଥ୍ୟ ମାଗିଛନ୍ତି। ଏହାସହ ତନ୍ମଧ୍ୟରୁ କେତୋଟିର ଫଇସଲା ହୋଇଛି ଏବଂ କେତୋଟି ମାମଲା ଏବେ ମଧ୍ୟ ପଡ଼ି ରହିଛି, ଆପିଲେଟ୍ ଟ୍ରିବ୍ୟୁନାଲ ଏହି ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କୋର୍ଟ ତଥ୍ୟ ତଲବ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ଅଧୀନରେ ପ୍ରସ୍ତୁତ ଚିଠା ଭୋଟର ତାଲିକାରୁ ପ୍ରାୟ ୫୮.୨ ଲକ୍ଷ ନାମ କଟାଯାଇଛି। ପୂର୍ବରୁ ରାଜ୍ୟରେ ୭.୬୬ କୋଟି ପଞ୍ଜିକୃତ ଭୋଟର ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୭.୦୮ କୋଟିକୁ ହ୍ରାସ ପାଇଛି।

# ମୁଁ କେବଳ ଆପଣଙ୍କ ଚାପରେ ଅଛି



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ରାଜ୍ୟସଭାରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ମଙ୍ଗଳବାର ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡଗେଙ୍କ ଦ୍ୱାରା ଉଠାଯାଇଥିବା ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ପ୍ରସଙ୍ଗକୁ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ ଅଗ୍ରାହ୍ୟ କରିଦେବା ପରେ ଗୃହରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟସଭା ଅଧ୍ୟକ୍ଷ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟ ସମ୍ପର୍କିତ ବିଷୟଗୁଡ଼ିକୁ ସଂସଦରେ ଆଲୋଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଖାଡଗେ ରାମ ମନ୍ଦିର ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ। ଏହାର ଜବାବରେ ଅଧ୍ୟକ୍ଷ କହିଥିଲେ ଯେ ସେ ଶାସକ ଦଳକୁ ମଧ୍ୟ ଝାଡ଼ଖଣ୍ଡ ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯାଇନାହିଁ। କାରଣ ତାହା ମଧ୍ୟ ଏକ ରାଜ୍ୟ ସମ୍ପର୍କିତ ବିଷୟ।

ସୂଚନାଯୋଗ୍ୟ, ରାଞ୍ଚିରେ ସରକାରୀ ଚାକିରି ପରୀକ୍ଷାରେ ସ୍ୱଚ୍ଛତା ଦାବି କରି ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଲାଠିଚାଳନା କରିଥିବା ଘଟଣାକୁ ଶାସକ ଦଳ ଉଠାଇବାକୁ ଚାହୁଁଥିଲେ। ଅଧ୍ୟକ୍ଷ ଓ ଖାଡଗେଙ୍କ ମଧ୍ୟରେ ଯୁକ୍ତିତର୍କ ଗୃହରେ ହଟ୍ଟଗୋଳ ହୋଇଥିଲା। ଏହି ସମୟରେ ମଲ୍ଲିକାର୍ଜୁନ ଖାଡଗେ ଅଭିଯୋଗ କରିଥିଲେ ଯେ, ଅଧ୍ୟକ୍ଷ ସର୍ବଦା ସରକାରଙ୍କ ଚାପରେ ରହୁଛନ୍ତି। ଏହାର ଜବାବ ଦେଇ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ କହିଥିଲେ, 'ଖାଡଗେ ଜୀ, ଦୟାକରି ନିଜ ଆସନ ଗ୍ରହଣ କରନ୍ତୁ। ମୁଁ କେବଳ ଆପଣଙ୍କ ଚାପରେ ଅଛି। ସେମାନେ (ଶାସକ ଦଳ) ମୋ ଉପରେ କେବେ ଚାପ ପକାନ୍ତି ନାହିଁ, କିନ୍ତୁ ଆପଣ ସବୁବେଳେ ମୋ ଉପରେ ଚାପ ପକାଉଛନ୍ତି'। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିରୋଧୀ ଦଳକୁ ଅନେକ ଥର ସୁଯୋଗ ଦିଆଯାଇଛି, କିନ୍ତୁ ପ୍ରତିଦିନ ସମାନ ପ୍ରସଙ୍ଗ ଉଠାଇ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ଗୃହ ମୁଲତବୀ ବିରୋଧୀ ଦଳର ସଦସ୍ୟମାନଙ୍କ ନିରନ୍ତର ନାରାବାଜି ଏବଂ ହଟ୍ଟଗୋଳ ଯୋଗୁଁ ଗୃହର କାର୍ଯ୍ୟ ସ୍ୱାଭାବିକ ହୋଇପାରିନଥିଲା।

# ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାରୀର ପୁଅଙ୍କୁ ନିର୍ବାଚନ ଟିକଟ

ଅମୃତସର, ୧୧।୮ (ଏଜେନ୍ସି): ପଞ୍ଜାବ ବିଧାନସଭା ନିର୍ବାଚନ ୨୦୨୭ ପାଇଁ ରାଜନୈତିକ ଉଷ୍ମତା ବଢ଼ିଥିବା ବେଳେ ଶିରୋମଣି ଅକାଳୀ ଦଳ (ୱାରିସ ପଞ୍ଜାବ ଦେ) ପକ୍ଷରୁ ଏହାର ପ୍ରଥମ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳ କେହର ସିଂଙ୍କ ପୁଅ ସତୱନ୍ତ ସିଂଙ୍କୁ ବାସି ପଠାନା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିଛି। କେହର ସିଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପ୍ରାଣଦଣ୍ଡ ପାଇଥିଲେ। ଅମୃତସରରେ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅମୃତପାଲ ସିଂଙ୍କ ପିତା ତଥା ଦଳର କାର୍ଯ୍ୟକାରୀ ସଭାପତି ତରସେମ ସିଂ ଏହି ଘୋଷଣା କରିଛନ୍ତି। ଏହି ଅବସରରେ ଫରିଦକୋଟ ସାଂସଦ ସରବଜିତ ସିଂ ଖାଲସା ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସରବଜିତ ସିଂ ଖାଲସା ହେଉଛନ୍ତି ଇନ୍ଦିରା ଗାନ୍ଧୀଙ୍କୁ ଗୁଳି କରିଥିବା ଦୁଇ ସୁରକ୍ଷାକର୍ମୀଙ୍କ ମଧ୍ୟରୁ ଜଣେ ବେଅନ୍ତ ସିଂଙ୍କ ପୁଅ। ସତୱନ୍ତ ସିଂଙ୍କ ପିତା କେହର ସିଂ ୧୯୮୪ ମସିହା ଅକ୍ଟୋବର ୩୧ରେ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ ହତ୍ୟାକାଣ୍ଡ ପଛରେ ଥିବା ଷଡ଼ଯନ୍ତ୍ରରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୋର୍ଟ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେବା ପରେ ୧୯୮୯ ମସିହା ଜାନୁଆରୀ ୬ରେ ତିହାର ଜେଲରେ ତାଙ୍କୁ ଫାଶୀ ଦିଆଯାଇଥିଲା। ସତୱନ୍ତ ସିଂଙ୍କ ରାଜନୈତିକ ଅଭିଜ୍ଞତା ବିଷୟରେ କୌଣସି ସୂଚନା ମିଳିନାହିଁ। ତେବେ ଦଳ ତାଙ୍କୁ ପ୍ରାର୍ଥୀ କରି ଶିଖ୍ ସମ୍ପ୍ରଦାୟ ଓ ଧାର୍ମିକ ପ୍ରସଙ୍ଗ ବା 'ପନ୍ଥିକ' ରାଜନୀତିକୁ ଗୁରୁତ୍ୱ ଦେବାକୁ ଚାହିଁଛି।

# ହିମାଚଳରେ ୧୫୭ ମୃତ, ୨୫୭ ନିଖୋଜ

ସିମଲା, ୧୧।୮ (ଏଜେନ୍ସି): ହିମାଚଳ ପ୍ରଦେଶରେ ମୌସୁମୀ ବର୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ଏକ ମାସରେ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ରାଜ୍ୟରେ ପ୍ରାୟ ୧୫୭ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ଜରୁରୀକାଳୀନ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଜୁନ୍ ୩୦ ରୁ ଅଗଷ୍ଟ ୯ ମଧ୍ୟରେ ୬୮ ଜଣ ଭୂସ୍ଖଳନ ଓ ଆକସ୍ମିକ ବନ୍ୟା ଯୋଗୁଁ ପ୍ରାଣ ହରାଇଥିବା ବେଳେ ୮୯ ଜଣ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଏବେ ମଧ୍ୟ ପ୍ରାୟ ୨୫୭ ଜଣ ଲୋକ ନିଖୋଜ ଅଛନ୍ତି। ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ପ୍ରାୟ ୯୦୦ଟି ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ହାରାହାରି ୮୮୬ କୋଟି ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ଯାତାୟାତ କ୍ଷେତ୍ରରେ ମଧ୍ୟ ଗୁରୁତର ବାଧା ସୃଷ୍ଟି ହୋଇଛି। ମାଣ୍ଡି-କୁଲୁ ଜାତୀୟ ରାଜପଥ ସମେତ ସମୁଦାୟ ୨୫୯ଟି ରାସ୍ତା ବନ୍ଦ ରହିଛି। ମାଣ୍ଡି ଜିଲ୍ଲାରେ ସର୍ବାଧିକ ୧୨୦ଟି ରାସ୍ତା ଅବରୋଧ ହୋଇଛି। କୁଲୁ ଏବଂ ମାଣ୍ଡି ଜିଲ୍ଲାରେ ବିଦ୍ୟୁତ୍ ଏବଂ ଜଳ ଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ରାଜ୍ୟରେ ପ୍ରାୟ ୧୬୧ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଥିବା ବେଳେ ମାଣ୍ଡିରେ ସର୍ବାଧିକ ୭୭ଟି ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ୫୪ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରଭାବିତ ହୋଇଛି। ପଡ଼ୋଶୀ ଉତ୍ତରାଖଣ୍ଡ ରାଜ୍ୟରେ ମଧ୍ୟ ବନ୍ୟାରେ ଏକ ପୋଲ ଭାସିଯାଇଛି। ସିମଲା ପାଣିପାଗ ବିଭାଗ ପକ୍ଷରୁ କାଙ୍ଗଡ଼ା, ମାଣ୍ଡି, ହାମିରପୁର, ସିମଲା ଏବଂ ସିରମୌର ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।



**ମୌସୁମୀ ତାଣ୍ଡବ; ଭୂସ୍ଖଳନରେ ୨୬୦ରୁ ଅଧିକ ରାସ୍ତା ବନ୍ଦ**

## 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନାର ମାର୍ଗଦର୍ଶିକା ଜାରି

# ପରୀକ୍ଷା ଫିଂ' ଦେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୧।୮(ସମିସ): ନିୟମିତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଧାରିତ ଫିଂ' ଦେବାକୁ ପଡ଼ିବ ନାହିଁ। ନାମଲେଖା ଓ ପୁନଃ ନାମଲେଖା ସମୟରେ ନିଆଯାଉଥିବା ଆଡମିଶନ୍ ଫିଂ', ଡେଭଲପମେଣ୍ଟ ଫିଂ' ସମେତ ଅନ୍ୟାନ୍ୟ ଫିଂ' ସରକାର ବହନ କରିବ। ମାତ୍ର ପରୀକ୍ଷା ଫିଂ' କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ତେଣୁ ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଫିଂ' ଦେବାକୁ ପଡ଼ିବ। କେଜିରୁ ପିଜି ମାଗଣା ଶିକ୍ଷା ସମ୍ପର୍କରେ ସରକାର ଘୋଷଣା କରିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ଜ୍ଞାନଦୋୟ-ଶିକ୍ଷାରୁ ସମୃଦ୍ଧି' ସମ୍ପର୍କିତ ବିସ୍ତୃତ ମାର୍ଗଦର୍ଶିକା ବା ଏସ୍‌ଓପିରୁ ଏହା ସ୍ପଷ୍ଟ ହୋଇଛି।

ମାର୍ଗଦର୍ଶିକାରେ ଆହୁରି କୁହାଯାଇଛି ଯେ ନାମଲେଖା ଫିଂ' ବ୍ୟତୀତ ଛାତ୍ରଛାତ୍ରୀଙ୍କ ଠାରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଅନ୍ୟାନ୍ୟ ଫିଂ' ଆଦାୟ କରିପାରିବେ। ସେମିନାର ଫିଂ', ଏକ୍ସକରସନ୍ ଫିଂ', ଶୈକ୍ଷିକ ଭ୍ରମଣ ଫିଂ', ଆଲୁମିନି ଆସୋସିଏସନ୍ ଫିଂ' ପରି କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଟଙ୍କା ଆଦାୟ କରିବାକୁ ଉଚ୍ଚଶିକ୍ଷା ବିଭାଗ ଅନୁମତି ଦେଇଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ଏହି ଯୋଜନାରେ କଡ଼ାକଡ଼ି ଲାଗୁ କରିବାକୁ ଯୋଜନା ରହିଛି। ଏହି ଯୋଜନାରେ ଲାଭାନ୍ୱିତ

- ୭୫% ଉପସ୍ଥାନ ବାଧ୍ୟତାମୂଳକ, ବିଶେଷ ପରିସ୍ଥିତିରେ ୬୫% ଗ୍ରହଣୀୟ
- ପିଲାଙ୍କ ଉପସ୍ଥାନ କମିଲେ କିଏ ଦେବ ଫିଂ'; ସ୍ପଷ୍ଟିକରଣରେ ଅସ୍ପଷ୍ଟ
- ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଫିଂ' ରେଗୁଲେସନ୍ କମିଟି

ହେବା ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ବିଶେଷ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଅନୁମତି ଦେଲେ ଏହାକୁ କମ୍ କରାଯାଇପାରେ। ମାତ୍ର ୬୫ ପ୍ରତିଶତରୁ ଉପସ୍ଥାନ କମିଲେ ତାହାକୁ ଗ୍ରହଣ କରାଯିବ ନାହିଁ। ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ଅନୁଧ୍ୟାନ କରି ଶିକ୍ଷାନୁଷ୍ଠାନକୁ ଆର୍ଥିକ ଅନୁଦାନ ମିଳିବ। ଯେଉଁ ପିଲାଙ୍କ ଉପସ୍ଥାନ ୬୫ ପ୍ରତିଶତରୁ କମ୍ ରହିବ ବା ଏହି ଯୋଜନା ପାଇଁ ଯୋଗ୍ୟ ହେବେନାହିଁ, ସେମାନଙ୍କ ପାଇଁ କୌଣସି ଫିଂ' ସରକାର ପ୍ରଦାନ କରିବେ ନାହିଁ। କିନ୍ତୁ ଏହି ପିଲାଙ୍କ ନାମଲେଖା ଓ ଅନ୍ୟାନ୍ୟ ବାବଦକୁ ଅର୍ଥ କିପରି ଭରଣା ହେବ, ସେ ନେଇ ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇ ନାହିଁ। ଯଦି ଉପସ୍ଥାନ ହେଉ ନଥିବା ପିଲାଙ୍କ ଠାରୁ ଫିଂ' ନିଆଯାଏ, ତାହେଲେ କିପରି ଓ କେବେ ନିଆଯିବ ସେ ସମ୍ପର୍କରେ କୌଣସି ଉଲ୍ଲେଖ କରାଯାଇ ନାହିଁ।

ନାମଲେଖା ଫିଂ' ମଧ୍ୟ କୌଣସି ଶିକ୍ଷାନୁଷ୍ଠାନ ମନଇଚ୍ଛା ବଢ଼ାଇ ପାରିବେ ନାହିଁ। ୨୦୨୬-୨୭ ଶିକ୍ଷାବର୍ଷରେ ନାମଲେଖା ପାଇଁ ପୂର୍ବରୁ ସାମସ୍ ୱେବସାଇଟ୍‌ରେ ନିର୍ଦ୍ଧାରିତ ଫିଂ' ଅନୁସାରେ ସରକାର ଅନୁଦାନ ଦେବେ। ସେହିପରି ୨୦୨୫-୨୬ ଶିକ୍ଷାବର୍ଷ ଅର୍ଥାତ୍ ପୂର୍ବ ବର୍ଷରେ ଧାର୍ଯ୍ୟ ହୋଇଥିବା ପୁନଃ ନାମଲେଖା ଫିଂ' ଅନୁଯାୟୀ ଚଳିତବର୍ଷ ଅନୁଦାନ ଦିଆଯିବ। ଏହାକୁ କୌଣସି ଶିକ୍ଷାନୁଷ୍ଠାନ ପରିବର୍ତ୍ତନ କରିପାରିବେ ନାହିଁ। ଏହି ଫିଂ' ବୃଦ୍ଧି ପାଇଁ ରାଜ୍ୟ ସ୍ତରରେ ଏକ କମିଟି ଗଠନ କରାଯିବ। ରାଜ୍ୟ ସ୍ତରୀୟ ଫିଂ' ରେଗୁଲେସନ୍ କମିଟିରେ ଉଚ୍ଚଶିକ୍ଷା ବିଭାଗର ସଚିବ ଅଧ୍ୟକ୍ଷ ଭାବେ ରହିବେ। ସେହିପରି ଅର୍ଥ ବିଭାଗ, ଯୋଜନା ଓ ସଂଯୋଜନ ବିଭାଗ, ଗଣଶିକ୍ଷା ବିଭାଗରୁ ଜଣେ ଲେଖାଏଁ ସଦସ୍ୟ କମିଟିରେ ରହିବେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଦୁଇ ଜଣ ସଦସ୍ୟଙ୍କ ସହିତ ଦୁଇଜଣ ଲେଖାଏଁ କୁଳପତି, ସରକାରୀ କଲେଜ ଅଧ୍ୟକ୍ଷ, ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷ ଓ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ରହିବେ ବୋଲି କୁହାଯାଇଛି। ଅନୁରୂପ ଭାବେ ପୂର୍ବ ଘୋଷଣା ଅନୁଯାୟୀ କଲେଜଗୁଡ଼ିକୁ ପ୍ରଥମେ ୧୦ ପ୍ରତିଶତ ଏବଂ ପରେ ୧୫ ପ୍ରତିଶତ ଅନୁଦାନ ଦିଆଯିବ। ଏହା ପରେ ପ୍ରତି ୩ ମାସରେ ୨୫ ପ୍ରତିଶତ ଲେଖାଏଁ ଟଙ୍କା ଶିକ୍ଷାନୁଷ୍ଠାନ କୁ ପ୍ରଦାନ କରାଯିବ।

■ ମାଗଣା ଶିକ୍ଷାକୁ ଅଭିଭାବକ ମହାସଂଘର ପ୍ରଶ୍ନ

## ଛାତ୍ରବୃତ୍ତି ଜାରି ରହିବ ନା ବନ୍ଦ ହେବ; ସ୍ପଷ୍ଟୀକରଣ ଦିଅନ୍ତୁ ସରକାର

ଭୁବନେଶ୍ୱର, ୧୧।୮(ସମିସ): ରାଜ୍ୟ ସରକାରଙ୍କ "କେଜିରୁ ପିଜି ମାଗଣା ଶିକ୍ଷା' ଘୋଷଣାକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ପ୍ରଶ୍ନ ଉଠାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ ଅନୁଧ୍ୟାନ କରି ମହାସଂଘ କହିଛି ଯେ, ଯୋଜନାଟି ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ନୁହେଁ, ବରଂ କେବଳ କିଛି ଆଡମିଶନ୍ ସମ୍ବନ୍ଧୀୟ ଫିଂ'ରେ ସୀମିତ ରହିଛି। ଛାତ୍ରଛାତ୍ରୀଙ୍କ ଠାରୁ ସରକାର ପରୀକ୍ଷା ଫିଂ' ନେବେ। ଏଥିସହ ଆଫିଲିଏସନ୍ ସମ୍ବନ୍ଧୀୟ ଫିଂ', ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରେସନ୍ ଚାର୍ଜ ଓ ଅନ୍ୟାନ୍ୟ ଆଇନଗତ ଦେୟ ସରକାର ବହନ କରିବେ କି ନାହିଁ, ସେନେଇ ସ୍ପଷ୍ଟତା ନାହିଁ। ସେହିପରି ସେମିନାର ଫିଂ', ଏକ୍ସକର୍ସନ୍ ଫିଂ', ଷ୍ଟଡି ଟୁର୍ ଫିଂ', ଆଲୁମିନି ଆସୋସିଏସନ୍ ଫିଂ' ଭଳି ବିଭିନ୍ନ କାର୍ଯ୍ୟକଳାପ ସମ୍ବନ୍ଧୀୟ ଦେୟ ଆଦାୟ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁମତି ଦିଆଯାଇଛି। ଏହା ଅଭିଭାବକଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରିବ। ଅପରପକ୍ଷରେ ଛାତ୍ରବୃତ୍ତିକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଥିବା ମହାସଂଘ ଅଭିଯୋଗ କରିବା ସହ "ଡୁପ୍ଲିକେଟ୍ ଫାଇନାନ୍ସିଆଲ୍ ଆସିଷ୍ଟାନ୍ସ' ସମ୍ବନ୍ଧୀୟ ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ କରିଛି। ଜଣେ ଛାତ୍ର ଏକାଧିକ ସରକାରୀ ଯୋଜନାରୁ ଆର୍ଥିକ ସହାୟତା ପାଇପାରିବେ ନାହିଁ ବୋଲି ନିର୍ଦ୍ଦେଶାବଳୀରେ ଥିବାରୁ ପୂର୍ବରୁ ଚାଲୁଥିବା ରାଜ୍ୟ ଓ କେନ୍ଦ୍ର ଛାତ୍ରବୃତ୍ତିର ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଚାଲୁଥିବା ସମସ୍ତ ଛାତ୍ରବୃତ୍ତି ଜାରି ରହିବ କି ହ୍ରାସ ବା ବନ୍ଦ ହେବ, ସେନେଇ ସରକାର ତୁରନ୍ତ ଲିଖିତ ସ୍ପଷ୍ଟୀକରଣ ଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଯାଇଛି। ଏଥିସହ ପରୀକ୍ଷା ଫିଂ' ଓ ଆବଶ୍ୟକ ଆଫିଲିଏସନ୍/ରେଜିଷ୍ଟ୍ରେସନ୍ ବାବଦ ଫିଂ' କୁ ମଧ୍ୟ ଯୋଜନାରେ ସାମିଲ କରିବା ପାଇଁ ସଂଘର ସଭାପତି ବାସୁଦେବ ଭଟ୍ଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣିଲେନି ଅଧିକାରୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ

ବ୍ରହ୍ମପୁର/ଛତ୍ରପୁର,୧୧।୮(ସମିସ): ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବୁଗୁଡ଼ା ବ୍ଲକ ଗୌଡ଼ ସିଂଗିପୁର ଗ୍ରାମର ଜଗବନ୍ଧୁ ପ୍ରଧାନ କୀଟନାଶକ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଜମିଜମା ଓ କ୍ଷତିପୂରଣ ସମ୍ପର୍କିତ ଅଭିଯୋଗର ସମାଧାନ ନହେବାରୁ ସେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ଘଟଣା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଚିକିତ୍ସା ନିମନ୍ତେ



ଏମକେସିଜି ମେଡ଼ିକାଲର କାଜୁଆଲିଟିରେ ଭର୍ତ୍ତି କରାଯାଇଛି। ସେଠାରେ ଜଗବନ୍ଧୁଙ୍କ ଚିକିତ୍ସା ଜାରି ରହିଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ହେବ ଜଗବନ୍ଧୁ ପ୍ରଧାନ(୪୬) ଜମିଜମା ଓ କ୍ଷତିପୂରଣ ସମ୍ପର୍କିତ ସମସ୍ୟାର ସମ୍ମୁଖୀନ କରୁଛନ୍ତି। ସେ ଏହି ସମସ୍ୟା ନେଇ ବାରମ୍ବାର ଜଣେ ଆରଆଇ ନିକଟକୁ ଯାଇ ନିଜ ଅଭିଯୋଗ ଜଣାଇଥିବା ବେଳେ ଅଧିକାରୀ ଜଣଙ୍କ ତାଙ୍କୁ ହଇରାଣ କରୁଥିବା ନେଇ ସେ ଅଭିଯୋଗ କରି ଆସୁଥିଲେ। ଏନେଇ ଜଗବନ୍ଧୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମେତ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ତାଙ୍କ ଅଭିଯୋଗର ସମାଧାନ ହୋଇନଥିବାରୁ ସେ ମଙ୍ଗଳବାର ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପୁଣି ଥରେ ତାଙ୍କ ଅଭିଯୋଗ ଜଣାଇଥିଲେ। ସେଠାରୁ କୌଣସି ସନ୍ତୋଷଜନକ ଉତ୍ତର ନମିଳିବାରୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଦିନତମାମ ସେ କାର୍ଯ୍ୟାଳୟ ପରିସରରେ ରହିବା ପରେ ସନ୍ଧ୍ୟା ସମୟରେ ନିଜ ବ୍ୟାଗରୁ କୀଟନାଶକ ଔଷଧ ବାହାର କରି ପିଇଥିବା ଜଣାପଡ଼ିଛି। ଏହା ଦେଖି କାର୍ଯ୍ୟାଳୟରେ ଥିବା କିଛି କର୍ମଚାରୀ ଓ ଅନ୍ୟ ବ୍ୟକ୍ତି ତାଙ୍କୁ ତୁରନ୍ତ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଜମିଜମା ଓ କ୍ଷତିପୂରଣ ନେଇ ତାଙ୍କ ଅଭିଯୋଗ କ'ଣ ଥିଲା। ପୂର୍ବରୁ ସେ କେଉଁ କେଉଁ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ, ସେନେଇ ତଦନ୍ତ ପରେ ସ୍ପଷ୍ଟ ହେବ।

## ମୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା

ବିଶୋଇ,୧୧।୮(ସମିସ): ବିଶୋଇ ଥାନା ଅନ୍ତର୍ଗତ ବାଡୁଣିଆ ଗ୍ରାମର କଲୋନୀ ସାହିରେ ଆଜି ଏକ ଅର୍ଦ୍ଧନିର୍ମିତ ଘର ମଧ୍ୟରୁ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ବାଡୁଣିଆ କଲୋନୀ ସାହିର ଶିରିଶ ପଟେଲ (୪୦) ଓରଫ ମାଳି। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ୧୭୮/୨୬ରେ ଏକ ମାମଲା ରୁଜୁ ହୋଇଥିବାବେଳେ ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧଙ୍କୁ ପୁଲିସ ଅଟକ ରଖି ପଚାରାଉଚରା ଜାରି ରଖିଛି।

**ଅର୍ଦ୍ଧନିର୍ମିତ ଘରୁ ମୃତଦେହ ଉଦ୍ଧାର, ଜଣେ ଅଟକ**

ସୂଚନା ମୁତାବକ, ବାଡୁଣିଆ କଲୋନି ସାହିରେ ବାପାମାଆ ଛେଉଣ୍ଡ ଶିରିଶ ମଜୁରି କରି ପେଟ ପୋଷନ୍ତି। ଶିରିଶଙ୍କ ବାସଗୃହ ନ ଥିବାବେଳେ ଗ୍ରାମର କ୍ଲବ ବାରଣ୍ଡା, ନଚେତ ଅନ୍ୟ ଲୋକଙ୍କ ଘର ପିଣ୍ଡାରେ ରାତି କଟେ। ସବୁଦିନ ଭଳି ଗତକାଲି ରାତିରେ ଶିରିଶ ଗ୍ରାମରେ ଅନୁଷ୍ଠିତ ଏକ ଦଶାହ କାର୍ଯ୍ୟକ୍ରମରେ କାମ କରି ସାହି ନିକଟରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ଶୋଇଥିଲେ। ଆଜି ସକାଳେ ସ୍ଥାନୀୟ ବାସିନ୍ଦା ଶିରିଶଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉକ୍ତ ଘର ମଧ୍ୟରେ ଦେଖିଥିଲେ। ଉକ୍ତ ଘର ମାଲିକ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଇରଙ୍ଗପୁର ଏସ୍‌ପି ସୁରେଶ ପାତ୍ର, ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି, ବିଶୋଇ ଥାନା ଆଇଆଇସି ସୁବର୍ଣ୍ଣ ବେହେରା, ଏସ୍‌ଆଇ ରଶ୍ମିତ ଦାସ ଓ ଏସ୍‌ଆଇ ବିବେକାନନ୍ଦ ବେହେରା ପୁଲିସ ଓ ଫରେନସିକ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଯୁବକଙ୍କ ମୁଣ୍ଡର ପଛପଟେ ଗଭୀର କ୍ଷତ ଥିବାବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧଙ୍କୁ ପୁଲିସ ଥାନାରେ ଅଟକ ରଖି ପଚାରାଉଚରା ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଅଧିକ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଏସ୍‌ଡିପିଓ ଶ୍ରୀ ସେନାପତି ସୂଚନା ଦେଇଛନ୍ତି। ଶିଶିରଙ୍କ ପରିବାରରେ କେହି ନ ଥିବାବେଳେ ଶବ ବ୍ୟବଚ୍ଛେଦ ପରେ ସରକାରଙ୍କ ପକ୍ଷରୁ ଅନ୍ତିମ ସଂସ୍କାର କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଆଜି ଶ୍ରୀଅଙ୍ଗରେ ଲାଗିବ ରତ୍ନଚିତା

**୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ**

ପୁରୀ,୧୧।୮(ସମିସ): ବୁଧବାର ଶ୍ରାବଣ କୃଷ୍ଣ ଅମାବାସ୍ୟା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ତିନିଠାକୁରଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ। ଦାରୁବିଗ୍ରହଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ତିନିବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ସେବାୟତମାନେ ଏହି ଅଳଙ୍କାର ଶ୍ରୀଅଙ୍ଗରେ ଲାଗି କରିବେ। ପ୍ରଥମ ଭୋଗମଣ୍ଡପ ଶେଷ ପରେ ଏହି ବିଶେଷ



ନୀତି ସମ୍ପନ୍ନ ହେବ। ଏଥିପାଇଁ ଶ୍ରୀମନ୍ଦିରରେ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆପାତତଃ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉ କି, ସ୍ନାନ ପୂର୍ଣ୍ଣିମାରେ ଠାକୁରେ ଅଣସର ପିଣ୍ଡିକୁ ବିଜେ କରିବାବେଳେ ରତ୍ନଚିତା ଓଲାଗି କରାଯାଇଥିଲା। ରଥରେ ମହାପ୍ରଭୁ ସୋଲଚିତା ଲାଗି ହୋଇଥିଲେ। ପରମ୍ପରା ମୁତାବକ, ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କୁ ରତ୍ନଚିତା ଲାଗି କରାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରାଖଚିତ ସୁବର୍ଣ୍ଣ ଚିତା, ବଡ଼ଠାକୁର ଲୀଳା ଏବଂ ଦେବୀ ସୁଭଦ୍ରା ମାଣିକ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ।

# ପୂର୍ବବର୍ଷ ତୁଳନାରେ ରାଜସ୍ୱ ଆଦାୟ ୭.୩ ପ୍ରତିଶତ ବୃଦ୍ଧି

**କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟକୁ ଆହୁରି ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ଭୁବନେଶ୍ୱର,୧୧।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରିଛନ୍ତି। ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।



ବୈଠକରେ ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା। ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦ ପ୍ରତିଶତ, କେନ୍ଦ୍ରୀୟ ଟିକସରେ ଅଂଶ ୩୧ ପ୍ରତିଶତ, ନିଜସ୍ୱ ଟିକସ ରାଜସ୍ୱ ୩୧ ପ୍ରତିଶତ ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮ ପ୍ରତିଶତ ରହିଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ୭.୩ ପ୍ରତିଶତ ଅଧିକ ହୋଇଛି। ସେହିପରି ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯ ପ୍ରତିଶତ ଅଧିକ ରହିଛି। ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା। ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨ ପ୍ରତିବର୍ଷ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି। ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

## ହୀରାକୁଦର ୧୨ ଗେଟ୍ ଖୋଲା, ଜଳସ୍ତର ୬୧୩.୮୫ ଫୁଟ୍


ସମ୍ବଲପୁର, ୧୧।୮ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ଓ ଅନ୍ୟ ଡ୍ୟାମ୍‌ରୁ ଜଳ ନିଷ୍କାସନ ଯୋଗୁଁ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ କ୍ୟୁସେକ୍‌ରୁ ଊର୍ଦ୍ଧ୍ୱ ଜଳ ପ୍ରବେଶ କରୁଛି। ସମ୍ପ୍ରତି ଜଳଭଣ୍ଡାରରୁ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ହୀରାକୁଦ ଜଳସ୍ତର ୬୧୪ ଫୁଟ୍ ପାଖାପାଖି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୮୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୮ଟି ଏବଂ ଓ ଡାହାଣ ପାର୍ଶ୍ୱର ୪ଟି ଏହିଭଳି ମୋଟ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୦୦,୧୩୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୧୬,୧୭୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୮୨,୧୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୦୭୮୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୦୦୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୮,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୬୩,୫୦୦ କ୍ୟୁସେକ୍, ଖଇରମାଳଠାରେ ୩,୨୫,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୧୮,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୪,୮୫,୪୩୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୯.୯୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୩.୦୯ ମିମି ବର୍ଷା ରେକର୍ଡ କରାଯାଇଛି।

## ମାଛଧରାକୁ କେନ୍ଦ୍ର କରି ଚିଲିକା ରକ୍ତରଞ୍ଜିତ

**ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ମୃତ, ଜଣେ ଗୁରୁତର**

ବ୍ରହ୍ମଗିରି/କୃଷ୍ଣପ୍ରସାଦ,୧୧।୮(ସମିସ): ସୋମବାର ସନ୍ଧ୍ୟାରେ ଚିଲିକାକୁ ମାଛ ଧରିବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ସେହି ଯୁବକକୁ କିଏ ଅପହରଣ କରିଥିବା ସନ୍ଦେହ କରି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ମଙ୍ଗଳବାର ପୁଲିସ ତରଫରୁ ଚିଲିକାରେ ଖୋଜାଖୋଜି କରୁଥିବା ସମୟରେ ନିଖୋଜ ଯୁବକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ଜଣକ ଓମ୍ ବୋଲି ଜଣାପଡ଼ିଛି। ତେବେ କିଛି ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ରାମଲେଙ୍କା ପଞ୍ଚାୟତ କୁମାରପୁର ଗ୍ରାମରେ ଏହି ଘଟଣା ଘଟିଛି।

ଖବର ନେବାରେ ଜଣାପଡ଼ିଛି, କୁମାରପୁର ଗ୍ରାମର ଚିନ୍ମୟ ବେହେରା, ଅମର ବେହେରା ଏବଂ ଓମ୍ କୁମାରପୁର ଗ୍ରାମ ନିକଟ ଶ୍ୟାମାକାଳୀ ବାହାର ଚିଲିକାରୁ ମାଛ ଧରୁଥିଲେ। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ହଠାତ୍ ୨ଟି ଡଙ୍ଗାରେ ୪୦ରୁ ଊର୍ଦ୍ଧ୍ୱ ଲୋକ ଆସି ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଧମକ ଦେଇଥିଲେ। ଏପରିକି ସେମାନେ ମାଛ ନେଇଯିବା ସହ ଆକ୍ରମଣ କରିଥିଲେ। ଏକ ଭୁଜାଲିରେ ଅମର ବେହେରାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ହେଲେ ଚିନ୍ମୟ କୌଶଳ କ୍ରମେ ଖସି ଚାଲି ଆସିଥିବାବେଳେ ଓମ୍ ଚିଲିକାରେ ନିଖୋଜ ହୋଇଯାଇଥିଲେ। ୧୫ ଘଣ୍ଟା ପରେ ଓମ୍‌ଙ୍କ ମୃତଦେହ ଚିଲିକାରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ କୃଷ୍ଣପ୍ରସାଦ ଥାନାରେ ଏତଲା ଦିଆଯିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁରୀ ସଦର ଏସ୍‌ଡିପିଓ ମାନସ ଚନ୍ଦ୍ର ବାରିକ, କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ




ପ୍ରଧାନ ସଦଳବଳେ ପହଞ୍ଚି ମାଲୁଦ ଅଗ୍ନିଶମ ବାହିନୀ ଚିଲିକାରୁ ମୃତଦେହକୁ ଉଦ୍ଧାର କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରଛି। ଏଭଳି ଘଟଣା ପ୍ରତିବର୍ଷ ଚିଲିକାରେ ଘଟୁଥିବା ଗ୍ରାମବାସୀ କହିଛନ୍ତି।

**ଆଜି ବିଶ୍ୱ ହସ୍ତୀଦିବସ**

## ସେଦିନର ଅନାଥ ବବ୍‌ଲୁ ଆଜି ଶିମିଳିପାଳ ପ୍ରହରୀ

ବାରିପଦା, ୧୧।୮ (ମନୋଜ ପଣ୍ଡା)

ବୁଧବାର ଅଗଷ୍ଟ ୧୨ତାରିଖ ବିଶ୍ୱ ହସ୍ତୀ ଦିବସ। ଏହି ଅବସରରେ ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଥିବା ବବଲୁ କୁମକୀ ହାତୀଙ୍କ ଜୀବନ କାହାଣୀ ଏକ ବିଶେଷ ଅର୍ଥ ରଖେ। ଏହା କେବଳ ଏକ ହାତୀଛୁଆର ଉଦ୍ଧାର ନୁହେଁ, ବରଂ ମନୁଷ୍ୟର ଯତ୍ନ, ଧୈର୍ଯ୍ୟ ଓ ପ୍ରକୃତି ପ୍ରତି ଭଲପାଇବାର ଏକ ଉଜ୍ଜ୍ୱଳ ଉଦାହରଣ। ୨୦୧୪ ମସିହା ଡିସେମ୍ବରରେ ଶିମିଳିପାଳର ଘନ ଜଙ୍ଗଲରେ ଏକ ଛୋଟ ହାତୀଛୁଆ ଏକ ଗର୍ତ୍ତରେ ପଡ଼ିଯାଇଥିଲା। ସେ ସମୟରେ ସେ ଅତି ଛୋଟ ଥିଲା ଓ ତା'ର ମା' କିମ୍ବା ଦଳଠାରୁ ବିଚ୍ଛିନ୍ନ ହୋଇଯାଇଥିଲା। ବନବିଭାଗ ଉଦ୍ଧାର କରି ପୁନର୍ବାର ହାତୀପଲ ସହିତ ଯିବାକୁ ଯୋଜନା କରି ବିଫଳ ହୋଇଥିଲା। କାରଣ ମଣିଷ ଛୁଇଁ ଥିବା ସଦସ୍ୟକୁ ହାତୀମାନେ ଗ୍ରହଣ କରିନଥାନ୍ତି। ସମ୍ପୂର୍ଣ୍ଣ ଅନାଥ ଓ ଅସହାୟ ଅବସ୍ଥାରେ ଥିବା ଏହି ଛୁଆକୁ ତତ୍କାଳୀନ ଡୁକୁରା ରେଞ୍ଜର ବଟକୃଷ୍ଣ ପାଢୀଙ୍କ ପ୍ରଚେଷ୍ଟାରେ ବନ ବିଭାଗର କର୍ମଚାରୀମାନେ ତା'ର ଲାଳନପାଳନ ଦାୟିତ୍ୱ ନେଇ ନାମ ରଖିଥିଲେ ବବଲୁ। ବବଲୁଙ୍କୁ ବଞ୍ଚାଇବା ଓ ବଢ଼ାଇବା ପାଇଁ ବନ ବିଭାଗ ବିଶେଷ ବ୍ୟବସ୍ଥା କରିଥିଲା। ତା'ଙ୍କ ପାଇଁ ଏକ ବିଶେଷ ଆଶ୍ରୟ ସ୍ଥଳୀ ତିଆରି କରାଯାଇଥିଲା, ଯେଉଁଠି ସେ ସୁରକ୍ଷିତ ଭାବେ ବଢ଼ିପାରିବ। ଏହି ସମୟରେ ନିଜର ଶାବକ ଲକ୍ଷ୍ମୀକୁ ହରାଇ



ଶିମିଳିପାଳରେ ବନ୍ଦୀ ପ୍ରାୟ ଜୀବନ କାଟୁଥିବା ମା' ହାତୀ ଶୋଭା ତା'ଙ୍କ ପାଳିତ ମା' ଭାବେ ଦାୟିତ୍ୱ ନେଇଥିଲେ। ଶୋଭା ବବଲୁଙ୍କୁ ନିଜ ସନ୍ତାନ ପରି ଯତ୍ନ ନେଇଥିଲେ। ଏକ ମାହୁତ ମଧ୍ୟ ତା'ଙ୍କ ଦୈନନ୍ଦିନ ଯତ୍ନ ଓ ଦେଖାଶୁଣା କରୁଥିଲେ। ବନ କର୍ମଚାରୀମାନେ ହାତରେ ତା'ଙ୍କୁ ଖାଦ୍ୟ ଦେଉଥିଲେ, ସ୍ୱାସ୍ଥ୍ୟ ଯାଞ୍ଚ କରୁଥିଲେ ଓ ତା'ଙ୍କୁ ଶାରୀରିକ ଓ ମାନସିକ ଭାବେ ଶକ୍ତିଶାଳୀ କରିବାକୁ ଚେଷ୍ଟା କରୁଥିଲେ। ଧୀରେ ଧୀରେ ବବଲୁ ବଡ଼ ହେବାକୁ ଲାଗିଲା। ତା'ଙ୍କୁ କେବଳ ବଞ୍ଚାଇବା ନୁହେଁ, ବରଂ ଭବିଷ୍ୟତରେ ବନ୍ୟ ପରିବେଶକୁ ଫେରାଇବା

**ମଣିଷ ଛୁଇଁ ଥିଲେ ବୋଲି ବବ୍‌ଲୁକୁ ବାସନ୍ଦ କରିଥିଲେ ହାତୀପଲ**

ପାଇଁ ମଧ୍ୟ ପ୍ରସ୍ତୁତ କରାଯାଉଥିଲା। ଏଥିପାଇଁ ତା'ଙ୍କୁ କୁମକୀ ହାତୀ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। କୁମକୀ ହାତୀମାନେ ସାଧାରଣତଃ ବନ୍ୟ ହାତୀଙ୍କୁ ନିୟନ୍ତ୍ରଣ କରିବା, ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିବା ଓ ମନୁଷ୍ୟ-ହାତୀ ସଂଘର୍ଷ କମାଇବାରେ ବ୍ୟବହୃତ ହୁଅନ୍ତି। ବବଲୁଙ୍କୁ ଏହି ଦିଗରେ ତାଲିମ ଦେଇ କର୍ତ୍ତୃପକ୍ଷ ତା'ଙ୍କୁ ଧୀରେ ଧୀରେ ବନ୍ୟ ଜୀବନ ପାଇଁ ପ୍ରସ୍ତୁତ କରିଥିଲେ। ଆଜି ବବଲୁକୁ ୧୩ବର୍ଷ। ଶିମିଳିପାଳର ଏକ ପରିଚିତ ନାମ। ସେ ଜେନାବିଲରେ ବନବିଭାଗର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ ନିଭାଉଛି। ତା ଜୀବନର ଋଣ ସେ ସୁଝୁଛି। ତା'ର କାହାଣୀ ଦର୍ଶାଏ ଯେ ଯଦି ଠିକ୍ ସମୟରେ ଯତ୍ନ ଓ ସୁରକ୍ଷା ମିଳେ, ତେବେ ଏକ ଅନାଥ ହାତୀଛୁଆ ମଧ୍ୟ ବଞ୍ଚିପାରେ ଓ ଉପଯୋଗୀ ଭୂମିକା ନେଇପାରେ। ବିଶ୍ୱ ହସ୍ତୀ ଦିବସରେ ବବଲୁଙ୍କ ଏହି ଯାତ୍ରା ଆମକୁ ମନେ ପକାଏ ଯେ ହାତୀମାନେ ଆମ ପରିବେଶର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେମାନଙ୍କ ସୁରକ୍ଷା, ବାସସ୍ଥାନ ସଂରକ୍ଷଣ ଓ ମନୁଷ୍ୟ-ହାତୀ ସହଅସ୍ତିତ୍ୱ ପାଇଁ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି। ବବଲୁ ଓ ଶୋଭାଙ୍କ ଏହି ବନ୍ଧନ ତଥା ବନ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଶିମିଳିପାଳର ଏକ ଗର୍ବର କାହାଣୀ ଭାବେ ରହିଛି। ତେବେ ଇତି ମଧ୍ୟରେ ଶୋଭାର ମୃତ୍ୟୁ ହୋଇଥିବା ବେଳେ ବବଲୁ ସହିତ ରାଜକୁମାର ଓ ଶିବାନୀ ଅନ୍ୟ ଦୁଇ କୁମକୀ ହାତୀ ସାଙ୍ଗ ଦେଉଛନ୍ତି। ଆଗାମୀ ଦିନରେ ବବଲୁ ଉପରେ ଏକ କ୍ଷୁଦ୍ର ଚଳଚିତ୍ର ନିର୍ମାଣ କରି ସ୍ମୃତିକୁ ଜୀବିତ ରଖିବାକୁ ବନ୍ୟପ୍ରାଣୀ ପ୍ରେମୀ ତଥା ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ ସରକାରଙ୍କୁ ପ୍ରସ୍ତାବ ରଖିଛନ୍ତି।

ସକାଳ THE SAKALA



# ଆବାସ ଗୃହ କାଟିବା ସନ୍ଦେହରେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀଙ୍କୁ ଆକ୍ରମଣ



ଆନନ୍ଦପୁର,୧୧।୮ (ସମିସ): ଆବାସ ଗୃହ କାଟିବା ସନ୍ଦେହରେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଭଳି ଘଟଣା ଘଟିଛି ଘସିପୁରା ଥାନା କନ୍ତୋ ଗାଁ'ରେ। ଗାଁ'ର ଅଭିମନ୍ୟୁ ଧୀର କନ୍ତୋ ବଜାର ଅଞ୍ଚଳର ଏକ ଜଳଖିଆ ଦୋକାନରେ ବସି ଚା' ପିଉଥିବା ସମୟରେ ସେହି ଗ୍ରାମର ଯଶୋବନ୍ତ ଧୀରଙ୍କ ପୁଅ ରାକେଶ ଧୀର ଅଭିମନ୍ୟୁଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଅଭିମନ୍ୟୁ ଏ ନେଇ ପ୍ରତିବାଦ କରିବାରୁ କାହିଁକି ମୋ ନାଁ କାଟିଦେଲୁ ବୋଲି କହି ଅଭିମନ୍ୟୁଙ୍କ ଉପରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଅଭିମନ୍ୟୁ ମୁର୍ମୂଷ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। କିଛି ସମୟ ଧରି ଚେତା ଆସିନଥିଲା। ପରେ ସ୍ଥାନୀୟ ଲୋକ ଉଦ୍ଧାର କରି ଆନନ୍ଦପୁର ଡାକ୍ତଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ଅଭିମନ୍ୟୁ ଘସିପୁରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଯୋଡ଼ା ଓ ବଲାଣିରେ ସାଇବର ସଚେତନତା କାର୍ଯ୍ୟକ୍ରମ



ଯୋଡ଼ା,୧୧।୮ (ସମିସ): ବର୍ତ୍ତମାନ ସମୟରେ ସାଇବର ଅପରାଧ ଓ ଅନ୍‌ଲାଇନ୍ ଠକେଇ ବୃଦ୍ଧି ପାଉଥିବା ବେଳେ ଏହାର ମୁକାବିଲା ପାଇଁ କେନ୍ଦୁଝର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଯୋଡ଼ା ଥାନା ଓ ବଲାଣି ଥାନା ଅନ୍ତର୍ଗତ ଡିଏଭି ସ୍କୁଲ ପରିସରରେ ରବିବାର ଓ ସୋମବାର ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରବିବାର ଯୋଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ସାଇବର ଟିମ୍‌ର ସଦସ୍ୟମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାଇବର ଠକେଇର ବିଭିନ୍ନ ରୂପରେଖ ବିଷୟରେ ଜ୍ଞାତ କରାଇଥିବା ବେଳେ ସୋମବାର ବଲାଣି ଥାନା ଅଧିକାରୀ ଝସକେତନ ଭୋଇଙ୍କ ସମେତ ସାଇବର ଟିମ୍‌ର ସଦସ୍ୟମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧର ବିଭିନ୍ନ ରୂପ ଏବଂ ଠକେଇରୁ ରକ୍ଷା ପାଇବାର ଉପାୟ ବିଷୟରେ ବୁଝାଇଥିଲେ। ବିଶେଷକରି ସୋସିଆଲ ମିଡିଆରେ ଅଜଣା ବ୍ୟକ୍ତିଙ୍କ ପକ୍ଷରୁ ଆସୁଥିବା ସନ୍ଦେହଜନକ ଲିଙ୍କ, ମେସେଜ୍ ଓ ଲୋଭନୀୟ ଅଫର୍‌ରେ ପ୍ରଲୋଭିତ ନହେବା ସହ ଅଜଣା ଆପ୍ ଡାଉନଲୋଡ୍ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଓଟିପି, ଏଟିଏମ୍ ପିନ୍, ବ୍ୟାଙ୍କ ଖାତାର ବିବରଣୀ, ପାସୱାର୍ଡ ଓ ଅନ୍ୟାନ୍ୟ ଗୋପନୀୟ ତଥ୍ୟ କାହା ସହିତ ମଧ୍ୟ ଆଦାନପ୍ରଦାନ ନ କରିବାକୁ ସତର୍କ କରାଯାଇଥିଲା। ଅଜଣା ଫୋନ୍ କଲ୍, ମେସେଜ୍ କିମ୍ବା ଲିଙ୍କ ଜରିଆରେ ଠକେଇର ସମ୍ମୁଖୀନ ହେଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ମଧ୍ୟ କୁହାଯାଇଥିଲା। ଡିଜିଟାଲ ମାଧ୍ୟମର ସୁରକ୍ଷିତ ବ୍ୟବହାର ଓ ସାଇବର ଅପରାଧ ପ୍ରତି ସତର୍କତା ସୃଷ୍ଟି କରିବା ଏହି ସଚେତନତା କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

# ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି




ଆନନ୍ଦପୁର,୧୧।୮ (ସମିସ): ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ତୃତୀୟ ଶ୍ରଦ୍ଧାଞ୍ଜଳି ସଭା ଆନନ୍ଦପୁର ବିଏନ୍ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଏବଂ ସମ୍ବଲପୁର ସିଆରପିଏଫ ଅଧିକାରୀ ଉମେଶ ଚନ୍ଦ୍ର ବେହେରା, ଆନନ୍ଦପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ରମାକାନ୍ତ ନାୟକ, ମୋ ସ୍କୁଲର ସଭାପତି ପବିତ୍ର ମୋହନ ବେହେରା ଏବଂ ସହିଦଙ୍କ ପତ୍ନୀ ପୂର୍ଣ୍ଣିମା ପୃଷ୍ଟି ଯୋଗଦେଇ ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସହିଦ ସୁଶାନ୍ତ ଆନନ୍ଦପୁର ପୌରପାଳିକା ନନ୍ଦୀ ସାହିରେ ୧୯ ୯୦ରେ ଜନ୍ମ ଗ୍ରହଣ କରିଥିଲେ। ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ପାଠ ପଢିବା ଶେଷ କରିବା ପରେ ଆନନ୍ଦପୁର ମହାବିଦ୍ୟାଳୟରେ ଶିକ୍ଷା ଅଧ୍ୟୟନ କରିବା ପରେ ସେ ଝାଡ଼ଖଣ୍ଡରେ ଯବାନ ଭାବେ କାର୍ଯ୍ୟଭାର ତୁଲାଉ ଥିଲେ। ୨୦୨୩ ଅଗଷ୍ଟ ୧୧ ତାରିଖରେ ଝାଡ଼ଖଣ୍ଡରେ କାର୍ଯ୍ୟରତ ସମୟରେ ମାଓବାଦୀଙ୍କ ଗୁଳିରେ ଦେଶ ଓ ମାତୃଭୂମି ପାଇଁ ଜୀବନ ଦେଇଥିବା ଆନନ୍ଦପୁର ମାଟିର ବୀରପୁତ୍ର ସହିଦ ସୁଶାନ୍ତ ଖୁଣ୍ଟିଆଙ୍କୁ ଆଜି ବି ଏହି ମାଟି ଝୁରୁଛି। ତାଙ୍କର ସ୍ମୃତି ଉଦେଶ୍ୟରେ ତାଙ୍କର ପତ୍ନୀ ପୂର୍ଣ୍ଣିମା ପୃଷ୍ଟି ପ୍ରତି ବର୍ଷ ବିଦ୍ୟାଳୟ ପରିସରରେ ସ୍ମୃତିସଭା କରି ଆସୁଛନ୍ତି। ସହିଦ ସୁଶାନ୍ତ ଛାଡି ଯାଇଥିବା ସ୍ମୃତିକୁ ମନେ ପକାଇ ତାଙ୍କର ସହପାଠୀ ଓ ଆତ୍ମୀୟ ସ୍ୱଜନ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ବିଦ୍ୟାଳୟରେ ଛାଡ଼ି ଯାଇଥିବା ସ୍ମୃତି ସବୁଦିନ ପାଇଁ ଅଭୁଲା ସ୍ମୃତି ହୋଇ ରହିଯାଇଛି। ଦେଶ ପାଇଁ ବଳିଦାନ ଦେଇଥିବା ସ୍ୱର୍ଗତ ସହିଦ ଖୁଣ୍ଟିଆଙ୍କୁ ଆଜି ବି ଏହି ମାଟି ଝୁରୁଛି। ଆଜିର ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନାଗରିକ, ଶିକ୍ଷାବିତ୍ତ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

# ହାତୀପଲଙ୍କ ଉପଦ୍ରବ; ଭାଙ୍ଗିଲେ ୭ ଘର

ତୁରୁମୁଙ୍ଗା,୧୧।୮ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୨୭ ଟିକିଆ ହାତୀ ପଲଙ୍କ ଉପଦ୍ରବ ଜାରି ରହିଛି। ବିଳମ୍ବିତ ରାତିରେ ହାତୀପଲ ପାଟଣା ରେଞ୍ଜ ଅଞ୍ଚଳରେ ୭ଟି ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଛନ୍ତି। ଏରେଣ୍ଡେଇ ଗ୍ରାମ ଦୀପକ ମୁଣ୍ଡା, ସାଧପଡା ଗ୍ରାମର ପଦ୍ମିନି ମହାନ୍ତ, ମାଧପୁର ଗ୍ରାମର ଗଙ୍ଗାଧର ମୁଣ୍ଡା ,ଦଶମୀ ମୁଣ୍ଡା, ଟାଙ୍ଗରପଡ଼ା ର ବୈକୁଣ୍ଠ ମହାକୁଡ ଓ ଦୁଶାସନ ମୁଣ୍ଡା ଙ୍କ ଘର କୁ ହାତିପଲ ଭାଙ୍ଗି ଦେଇଛନ୍ତି। ହାତୀପଲ ୨ଟି ଦଳ ରେ ବିଭକ୍ତ ହୋଇ ଗୋଟାଏ ଦଳ ରେ ୨୦ଟି ହାତୀ ଅଙ୍କୁରା କାଜୁ ବଗିଚା, ୭ ଟି ହାତୀ ମାଧାପୁର ପାଟଣା ସଂରକ୍ଷିତ ଜଙ୍ଗଲ ରେ ଡେରା ପକାଇଛନ୍ତି। ହାତୀପଲ ଙ୍କ ଉପଦ୍ରବ ରେ ଅଞ୍ଚଳ ବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।





# ଡିପି ଅର୍ଥ ମିଳୁନଥିବାରୁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବୁଢ଼ି ଅଞ୍ଚଳବାସୀ

ଚମ୍ପୁଆ,୧୧।୮ (ସମିସ): ଡିପି ଅର୍ଥ ପ୍ରଦାନରେ ବିଳମ୍ବ ହେଉଥିବା ଅଭିଯୋଗ ନେଇ ବୁଢ଼ି ଅଞ୍ଚଳର କଣ୍ଡରା ଗ୍ରାମବାସୀ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାନପୁର ଜଳସେଚନ ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା କଣ୍ଡରା ଗ୍ରାମବାସୀଙ୍କୁ ଡିପି ଅର୍ଥ ପ୍ରଦାନ କରାଯାଉନଥିବା ନେଇ ସେମାନେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ ମଧ୍ୟରେ କ୍ଷୀରୋଦ ଲୋହାର, ଚନ୍ଦ୍ରିକା ନାୟକ,



ଲିଶା ନାୟକଙ୍କ ସମେତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଅଭିଯୋଗ ଅନୁଯାୟୀ, ଡିପି ଅର୍ଥ ପ୍ରଦାନ ପାଇଁ ଅର୍ଥ ଆସିଥିଲେ ମଧ୍ୟ ବିସ୍ଥାପିତ ପରିବାରଗୁଡ଼ିକୁ ଏହା ପ୍ରଦାନ କରାଯାଉନାହିଁ। ଫଳରେ ଦୀର୍ଘଦିନ ଧରି ଅର୍ଥ ପାଇବାକୁ ଅପେକ୍ଷା କରି ରହିଥିବା ବିସ୍ଥାପିତଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ସେମାନେ କହିଛନ୍ତି।

ସରକାରୀ ନିୟମ ଅନୁଯାୟୀ ଡିପି ଅର୍ଥ ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଅର୍ଥ ପ୍ରଦାନରେ କାହିଁକି ବିଳମ୍ବ ହେଉଛି, ତାହାର ତଦନ୍ତ କରାଯାଇ ଶୀଘ୍ର ଅର୍ଥ ପ୍ରଦାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ଡିପି ଅର୍ଥ ଆସିଥିଲେ ମଧ୍ୟ ପ୍ରଦାନ ନକରାଯାଇଥିବା ଘଟଣାର ତଦନ୍ତ କରି ସମ୍ପୃକ୍ତ ଦାୟୀ ଅଧିକାରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ସେମାନେ ଦାବି ଜଣାଇଛନ୍ତି।ଏନେଇ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କୁ ପଚାରିବାରୁ, ବିଭାଗୀୟ ଅଧିକାରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଗୟଲମୁଣ୍ଡା ନୋଡାଲ ୟୁପି ସ୍କୁଲରେ ଶୋକସଭା

ଆନନ୍ଦପୁର,୧୦।୮ (ସମିସ): ଆନନ୍ଦପୁର ବ୍ଲକ ଗୟଲମୁଣ୍ଡା ନୋଡାଲ ବିଦ୍ୟାଳୟରେ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ଧରି ନିଷ୍ଠା ଓ ସମର୍ପଣର ସହ ସେବା କରିଆସୁଥିବା ସିସିଏ ବସନ୍ତ କୁମାର ଦିଗାର (୫୫)ଙ୍କର କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଗୟଲମୁଣ୍ଡା ନୋଡାଲ ୟୁପି ବିଦ୍ୟାଳୟର ଉନ୍ନତି ଓ ଶିକ୍ଷାଦାନରେ ନିଜକୁ ସମର୍ପିତ କରିଥିଲେ।



ବିଦ୍ୟାଳୟକୁ ସେ କେବଳ ନିଜର କର୍ମସ୍ଥଳୀ ଭାବେ ନୁହେଁ, ବରଂ ନିଜ ଘର ଭଳି ଭଲ ପାଉଥିଲେ। ବିଦ୍ୟାଳୟର ପ୍ରତ୍ୟେକ କାର୍ଯ୍ୟରେ ତାଙ୍କର ନିଷ୍ଠା, ପରିଶ୍ରମ ଓ ଦାୟିତ୍ୱବୋଧ ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଥିଲା। ସେ ଜଣେ ଅତ୍ୟନ୍ତ ସହଯୋଗୀ, ମିଷ୍ଟଭାଷୀ ଓ ବନ୍ଧୁତ୍ୱପୂର୍ଣ୍ଣ ସ୍ୱଭାବର ବ୍ୟକ୍ତି ଥିଲେ। ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଓ ସମସ୍ତଙ୍କ ସହ ତାଙ୍କର ଏକ ଆତ୍ମିକ ସମ୍ପର୍କ ଥିଲା ତାଙ୍କର ଅକାଳ ବିୟୋଗର ଦୁଃଖଦ ଖବର ପହଞ୍ଚିବା ପରେ ସମଗ୍ର ଗୟଲମୁଣ୍ଡା ଅଞ୍ଚଳ ଏବଂ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସମସ୍ତ ସହଯୋଗୀ ଗଭୀର ଦୁଃଖ ପ୍ରକାଶ କରିଥିଲେ।

# ଦାନ୍ତିଆ ଆଶ୍ରମ ବିଦ୍ୟାଳୟ ପରିଚାଳନା କମିଟି ଗଠନ

ଆନନ୍ଦପୁର,୧୧।୮ (ସମିସ): ଘସିପୁରା ବ୍ଲକ ଦାନ୍ତିଆ ଆଶ୍ରମ ବିଦ୍ୟାଳୟ ପରିସରରେ ନୂତନ ପରିଚାଳନା କମିଟି ଗଠନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଆନନ୍ଦ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସିଆର୍‌ସିସି ଧନୁର୍ଜୟ ସାହୁଙ୍କ ସମେତ ସହକାରୀ ଶିକ୍ଷକ ସୀତାକାନ୍ତ ମଲ୍ଲିକ୍, ଅଜୟ କୁମାର ମୁଖୀ ଓ ଶିକ୍ଷୟିତ୍ରୀ ସେହ୍ନଲତା ନାୟକଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଗଣଶିକ୍ଷା ବିଭାଗର ନୀତିନିୟମ ଅନୁଯାୟୀ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଓ ଉପ-କମିଟି ଗଠନ କରାଯାଇଥିଲା। ଗତ ୭ ତାରିଖରେ ୧୧୫ ଜଣ ଅଭିଭାବକଙ୍କ ଉପସ୍ଥିତିରେ ବିଭିନ୍ନ ସଦସ୍ୟ ପଦ ପାଇଁ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ବେଳେ ପରବର୍ତ୍ତୀ ବୈଠକରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦ ପାଇଁ ନିର୍ବାଚନ କରାଯାଇଥିଲା। ପରିଚାଳନା କମିଟିରେ ମହିଳା ସଦସ୍ୟା ଭାବେ ବେବିନା ରାଉତ, ସତ୍ୟଭାମା ରାଉତ, ରାନୁ ଜେନା, ରଞ୍ଜିତା ଦାସ, ଗାୟତ୍ରୀ ମଲ୍ଲିକ୍, ବାସନ୍ତୀ ହୋ, ରେଖା ହୋ ଓ ପିଟିନି ସିଧୁ ମନୋନୀତ ହୋଇଥିଲେ। ସେହିପରି ପୁରୁଷ ସଦସ୍ୟ ଭାବେ ମିଶ୍ର ମଲ୍ଲିକ୍, କୁଶ ମୁଣ୍ଡା, ସୁଦର୍ଶନ ହୋ, ମାଟା ହୋ, ପ୍ରଦୀପ ମଲ୍ଲିକ୍ ଓ ଚିନି ବାରିକ ମନୋନୀତ ହୋଇଥିଲେ।



ଅଧ୍ୟକ୍ଷ ପଦ ପାଇଁ ପ୍ରଦୀପ ମଲ୍ଲିକ୍ ଓ ଚିନି ବାରିକ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରଦୀପ ମଲ୍ଲିକ୍ ୧୧ଟି ଭୋଟ ପାଇଥିବାବେଳେ ଚିନି ବାରିକ ୩ଟି ଭୋଟ ପାଇଥିଲେ। ଗୋଟିଏ ଭୋଟ ନାକଚ ହୋଇଥିଲା। ଫଳରେ ପ୍ରଦୀପ ମଲ୍ଲିକ୍ ୮ ଖଣ୍ଡ ଭୋଟରେ ବିଜୟୀ ହୋଇ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଚନ୍ଦୁ ହେମ୍ବ୍ରମ ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ କର୍ମକର୍ତ୍ତା, ଅଭିଭାବକ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି ନବନିର୍ବାଚିତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ପ୍ରଦୀପ ମଲ୍ଲିକ୍ ଓ ଉପାଧ୍ୟକ୍ଷ ଚନ୍ଦୁ ହେମ୍ବ୍ରମଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ଅଭିନନ୍ଦନ ଜଣାଯାଇଥିଲା। ସମଗ୍ର ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା।

# ସମସ୍ୟାରେ ବାଇଲୋ ଉପ୍ରା ବିଦ୍ୟାଳୟ



ଆନନ୍ଦପୁର,୧୧।୮ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାରିଗାଁସ୍ଥିତ ବାଇଲୋ ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଘୋର ଅବ୍ୟବସ୍ଥା ଭିତରେ ଗତି କରୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ମୁଖ୍ୟ ଗେଟ୍‌ରେ ନାମ ଫଳକ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ ପରିଦର୍ଶନରେ ସମସ୍ୟା ହେଉଥିବା ଜଣାଯାଇଛି। ପାଚେରି ନ ଥିବାରୁ ଦୂଷିତ ଜଳ ବିଦ୍ୟାଳୟ ଭିତରକୁ ପଶୁଥିବାରୁ ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ପାର୍ଶ୍ୱରେ ଥିବା ଏହି ବିଦ୍ୟାଳୟ ବିଭିନ୍ନ ସମସ୍ୟାରେ ଥିବାବେଳେ ପାଇଖାନା ପାଣି ବିଦ୍ୟାଳୟ ପରିସରକୁ ପଶିଆସୁଥିବାରୁ ଛାତ୍ରଛାତ୍ରୀ ପାଣିରେ ପଶି ଶ୍ରେଣୀ ଗୃହକୁ ଆସିବାକୁ ବାଧ ହେଉଛନ୍ତି। ବର୍ଷା ଓ ଆବର୍ଜନା ପାଣି ବିଦ୍ୟାଳୟ ଝରକା ପର୍ଯ୍ୟନ୍ତ ଲାଗିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ବିଦ୍ୟାଳୟ ଚତୁଃପାଶ୍ୱର୍ରେ ପାଣି ଜମି ରହିବାରୁ ମଶା, ମାଛି ରହି ଦୁର୍ଗନ୍ଧ ପରିବେଶ ସୃଷ୍ଟି ହୋଇଛି। ବିଦ୍ୟାଳୟର କୌଣସି କମିଟି ଗଠନ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ କେତେକ ସଚେତନ ନାଗରିକ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ପରିତାପର ବିଷୟ। ପରିସର ପରିଷ୍କାର ନ ଥିବାରୁ ପୂର୍ବରୁ ଏହି ବିଦ୍ୟାଳୟରେ ସାପ କାମୁଡ଼ାରେ ଜଣେ ଛାତ୍ରୀଙ୍କ ଜୀବନ ଯାଇଥିବା ଘଟଣା ନଜିର ରହିଛି। ଏବେ ବି ପରିସରରେ ଗଛ ଲତା ବଢ଼ିଯାଇ ଥିବାରୁ ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ଏଣୁ ଶିକ୍ଷା ବିଭାଗ ଅଧିକାରୀ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦୟାନିଧି ବାରିକ, ବାଡ଼ିଆ ସାହୁ, ନରହରି ପରିଡ଼ା, ଅଜୟ ସାହୁ, ମନ୍ଦାକିନୀ ସାହୁ ନିର୍ମଳା ମହାରଣା, ଶଶୀ ରେଖା ନାହାକ, ସନ୍ତୋଷ ଦେହୁରୀ, ରାମଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

# ଶାଳବଣିରେ 'ସ୍ପୋର୍ଟସ ସ୍କିକିଙ୍ଗ ୱାଲ୍' ଉନ୍ମୋଚିତ



ଆନନ୍ଦପୁର,୧୦।୮ (ସମିସ): ଆନନ୍ଦପୁର ବ୍ଲକ୍ ଶାଳବଣିସ୍ଥିତ ଗ୍ରାମ ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରକୃତି ବନ୍ଧୁ ତ୍ରିଲୋଚନ ସାହୁ "ବିଦ୍ୟାଳୟ ସୁରକ୍ଷା କାନ୍ଥ ଏବଂ ସ୍ପୋର୍ଟସ ସ୍କିକିଙ୍ଗ ୱାଲ୍' ତିଆରି କରି ଉନ୍ମୋଚିତ କରିଛନ୍ତି। ଏଥିରେ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସୁରକ୍ଷା ପ୍ରସଙ୍ଗରେ ଭିନ୍ନଭିନ୍ନ ତଥ୍ୟ ସହ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ସଡ଼କ ସୁରକ୍ଷା, ବଜ୍ରପାତ, ଜଙ୍ଗଲ ନିଆଁ ଦମନ, ଜଳ ସଂରକ୍ଷଣ, ଅଂଶୁଘାତ ସତର୍କତା, ହାତୀ ମଣିଷ ବିବାଦ କମାଇବା ଓ ବନ୍ୟପ୍ରାଣୀ ସଂରକ୍ଷଣ, ଘରପୋଡି ସତର୍କତା, ବିଦ୍ୟୁତ୍ ନିରାପତ୍ତା, ବୃକ୍ଷ ରୋପଣ, ବିଭିନ୍ନ ଜରୁରିକାଳୀନ ନମ୍ବର, ବନ୍ୟା ଓ ବାତ୍ୟା ସତର୍କତା ଏବଂ ସାପ କାମୁଡ଼ା ପ୍ରତି ସତର୍କତା ସମ୍ବନ୍ଧରେ ବିଭିନ୍ନ ପ୍ରକାରର ସଚେତନତା ବାର୍ତ୍ତା "ବିଦ୍ୟାଳୟ ସୁରକ୍ଷା କାନ୍ଥ' ରେ ଲେଖିଛନ୍ତି। "ସ୍ପୋର୍ଟସ ସ୍କିକିଙ୍ଗ ୱାଲ୍' ମାଧ୍ୟମରେ ବିଦ୍ୟାଳୟ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାପାଇଁ ଏଥିରେ ଭଲ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ନାମ ଲେଖିବା ପାଇଁ ପ୍ରସ୍ତୁତ କରିଛନ୍ତି। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟରେ ତ୍ରିଲୋଚନ ସାହୁ ଏହିଭଳି ସୁରକ୍ଷା ସମ୍ବନ୍ଧୀୟ ଛାତ୍ରଛାତ୍ରୀ ମାନଙ୍କୁ ତାଲିମ ଦେବା ସହ କ୍ରୀଡ଼ାକୁ ପ୍ରୋତ୍ସାହିତ କରୁଛନ୍ତି। କିଛି ବିଦ୍ୟାଳୟରେ ନିଜେ ଶ୍ରୀ ସାହୁ ଏହାକୁ ଲେଖିବା ଅଭିନବ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି। ଏହି ଉନ୍ମୋଚନ ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜୀବ ନାୟକ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହିତ ଶ୍ରୀ ସାହୁଙ୍କ ଏହିଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶିକ୍ଷକ ହିମାଂଶୁ କୁମାର ପୃଷ୍ଟି ଏନର୍ଜି କ୍ଲବର କାର୍ଯ୍ୟକାରିତା ଏବଂ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ଶିକ୍ଷକ ସରୋଜ କୁମାର ସାହୁ ବୃକ୍ଷର ଉପକାରିତା ସମ୍ବନ୍ଧରେ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ନିଜର ଜନ୍ମ ଦିନରେ ଅତି କମରେ ଗୋଟିଏ ଗଛ ଲଗାଇବା ଏବଂ ଏହାର ଯତ୍ନ ନେବା ଉଦ୍ଦେଶ୍ୟରେ ଶପଥପାଠ କରିଥିଲେ।

# କେନ୍ଦୁଝରରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ

କେନ୍ଦୁଝର,୧୧।୮ (ସମିସ)

"ଘରେ ଘରେ ତ୍ରିରଙ୍ଗା' ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଳିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ଅଗଷ୍ଟ ୯ରୁ ୧୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାବ୍ୟାପୀ ବ୍ୟାପକ କାର୍ଯ୍ୟସୂଚୀକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ବୈଠକ ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସପିଂ ମଲ୍, ରେଳ ଷ୍ଟେସନ ଏବଂ ଚିକିତ୍ସାଳୟଗୁଡ଼ିକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯିବ। ଏତଦ୍‌ବ୍ୟତୀତ, ଅଗଷ୍ଟ ୧୪ ଓ ୧୫ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର "ତ୍ରିରଙ୍ଗା ଏବଂ ବିଭାଜନ ବିଭୀଷିକା" ପ୍ରଦର୍ଶନୀ ଆୟୋଜିତ ହେବ। ଅଗଷ୍ଟ ୧୨ ତାରିଖ ପୂର୍ବାହ୍ନ ସାଢ଼େ ୯ ଟାରେ କେନ୍ଦୁଝର ଷ୍ଟାଡିୟମ୍‌ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଜିଲ୍ଲାସ୍ତରୀୟ ସାଇକଲ ରାଲି ଅନୁଷ୍ଠିତ ହେବ। ପରଦିନ, ଅର୍ଥାତ୍ ଅଗଷ୍ଟ ୧୩ ତାରିଖ ପୂର୍ବାହ୍ନରେ ତ୍ରିରଙ୍ଗା ପରେଡ୍ ସହ ସାମୂହିକ ଜାତୀୟ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ



ଶିକ୍ଷାନୁଷ୍ଠାନ ପ୍ରମୁଖଙ୍କ ଦ୍ୱାରା ନିର୍ଦ୍ଧାରିତ ତିଥିରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ, ଅନଲାଇନ୍ କୁଇଜ୍ ଏବଂ "ଜାତୀୟ ପତାକା ବିକାଶ ଯାତ୍ରା' ପ୍ରଦର୍ଶନୀ ଅନୁଷ୍ଠିତ ହେବ। ସେହିପରି ବ୍ଲକ୍ ଓ ଗ୍ରାମପଞ୍ଚାୟତସ୍ତରରେ ମଧ୍ୟ ସ୍ଥାନୀୟ ସାଇକେଲ ରାଲି ଏବଂ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯିବ। ବିଭାଜନ ବିଭୀଷିକା ସ୍ମୃତି ଦିବସ ଅବସରରେ ଅଗଷ୍ଟ ୧୪ ଓ ୧୫ ତାରିଖ ସନ୍ଧ୍ୟାରେ ଧରଣୀଧର ବିଶ୍ୱବିଦ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିବ। ଅଗଷ୍ଟ ୧୫ ତାରିଖ ଅପରାହ୍ନ ୨:୩୦ ରେ ଜିଲ୍ଲା ସଂସ୍କୃତି ଭବନଠାରେ କବିତା ପାଠ ଓ ବକ୍ତୃତା ଉତ୍ସବ, ବିକାଶଶୀଳ କ୍ରୀଡ଼ା ଭିତ୍ତିଭୂମି ଅଧୀନରେ ୪ଟାରେ ଧରଣୀଧର କ୍ରୀଡ଼ା ପ୍ରାଙ୍ଗଣ (ଶଙ୍କରପୁର)ଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନରେ ଦେଶଭକ୍ତିମୂଳକ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହେବ। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ସମସ୍ତ ସରକାରୀ ବିଭାଗ, ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ ବ୍ଲକ୍ ଉନ୍ନୟନ ଅଧିକାରୀ ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସର୍ବାଧିକ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ଅବିନାଶ ପୁରୋହିତ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ସାର୍ଥକ ଅଭିନନ୍ଦନ ରାୟ ଏବଂ ଗଣମାଧ୍ୟମ ପ୍ରତିନିଧି ଗଣ ଉପସ୍ଥିତ ଥିଲେ।

## ଜାଲ ଶ୍ରମକାର୍ଡ ଓ ମୃତ୍ୟୁ ପ୍ରମାଣପତ୍ର କରି ସରକାରୀ ଅର୍ଥ ହଡ଼ପ ଘଟଣା

# ମୃତ୍ୟୁ ତାରିଖକୁ ନେଇ ଦ୍ୱନ୍ଦ୍ୱ; ମାସକ ପରେ ପୁଣି ତନାଘନା

**ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର, ୧୧।୮ (ସମିସ)**



ଜାଲ ଶ୍ରମକାର୍ଡ ଓ ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରି ସରକାରୀ ବୀମା ଅର୍ଥ ହଡ଼ପ ଅଭିଯୋଗ ଘଟଣାକୁ ନେଇ ବାଲେଶ୍ୱର ଜିଲ୍ଲା ଭୋଗରାଇରେ ପୁଣି ତନାଘନା ଆରମ୍ଭ ହୋଇଛି। ଅଭିଯୋଗ କରିବାର ଏକ ମାସରୁ ଅଧିକ ସମୟ ପରେ ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ୫ ଜଣିଆ ତଦନ୍ତକାରୀ ଦଳ ମଙ୍ଗଳବାର ଫୁଲବଣୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଦୀର୍ଘ ସମୟ ଧରି ତଦନ୍ତ କରିଛନ୍ତି। ତେବେ ତଦନ୍ତ ପରେ ମୃତ୍ୟୁ ତାରିଖକୁ ନେଇ ଭିନ୍ନ ଭିନ୍ନ ତଥ୍ୟ ସାମ୍ନାକୁ ଆସିଥିବାରୁ ଘଟଣାକୁ ଆହୁରି ରହସ୍ୟମୟ କରିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଭୋଗରାଇ ବ୍ଲକ ଟୁକୁରିହାଜିରା ପଞ୍ଚାୟତ ଅନ୍ତର୍ଗତ ବାରବାଟିଆ ଗ୍ରାମର ଜ୍ୟୋତ୍ସ୍ନା ରାଣୀ ମିର୍ଦ୍ଧାଙ୍କ ଗତ ୮ ଅଗଷ୍ଟ ୨୦୨୫ରେ କଟକର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ପକ୍ଷରୁ ଦାବି କରାଯାଇଥିଲା। ମୃତ୍ୟୁ ପରେ ତାଙ୍କ ନାମରେ ୧୧ ଅଗଷ୍ଟ ୨୦୨୫ରେ ଶ୍ରମକାର୍ଡ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି କାର୍ଡ ଆଧାରରେ ପ୍ରାୟ ୩ ଲକ୍ଷ ଟଙ୍କାର ବୀମା ଅର୍ଥ ଉଠାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ମାତ୍ର ଏହି ଘଟଣାର ତଦନ୍ତ କରାଯିବା ପରେ ଭୋଗରାଇ ଅଞ୍ଚଳରେ ଏକାଧିକ ଜାଲ ମୃତ୍ୟୁ ପ୍ରମାଣପତ୍ର ଓ ଜାଲ ଶ୍ରମକାର୍ଡ ପ୍ରସ୍ତୁତ କରାଯାଇ ସରକାରୀ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ଉଠିଥିଲା। ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପରେ ଅନେକ ଘଟଣା ଲୋକଲୋଚନକୁ ଆସିଥିଲା। ଏହାକୁ ଗୁରୁତ୍ୱ ଦେଇ ଶ୍ରମ ବିଭାଗ ପକ୍ଷରୁ ମଧ ତଦନ୍ତ ଆରମ୍ଭ ହୋଇଥିଲା। ପ୍ରାୟ ଏକ ମାସ ପୂର୍ବରୁ ଜିଲ୍ଲା ଶ୍ରମ ଅଧିକାରୀ ତୁଷାର କାନ୍ତ ଜେନା ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିଲେ। ଇତିମଧ୍ୟରେ ମଙ୍ଗଳବାର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କମଳାକାନ୍ତ ଜେନାଙ୍କ ନିର୍ଦ୍ଦେଶକ୍ରମେ ୫ ଜଣିଆ ସ୍ୱାସ୍ଥ୍ୟ ବିଭାଗୀୟ ଟିମ ଫୁଲବଣୀ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ସମ୍ପୃକ୍ତ ଆଶାକର୍ମୀ ପ୍ରମିଳା ଦାସ ଓ ଏଏନଏମ ସନ୍ଧ୍ୟାରାଣୀ ଦେଙ୍କ ସମେତ ମୃତ ଜ୍ୟୋତ୍ସ୍ନାଙ୍କ ସ୍ୱାମୀ ଓ ସମ୍ପର୍କୀୟଙ୍କୁ ଦୀର୍ଘ ସମୟ ଧରି ତଦନ୍ତ ସମୟରେ କବାଟ ବନ୍ଦ କରି ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ତଦନ୍ତ ପରେ ମୃତ୍ୟୁ ତାରିଖକୁ ନେଇ ନୂଆ ବିବାଦ ଦେଖାଦେଇଛି। ତଦନ୍ତକାରୀ ଦଳର ମୁଖ୍ୟ ତଥା ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜ୍ୟୋତ୍ସ୍ନା ମିର୍ଦ୍ଧାଙ୍କ ମୃତ୍ୟୁ ତାରିଖ ୮ ଅଗଷ୍ଟ ନୁହେଁ, ୧୮ ଅକ୍ଟୋବର ୨୦୨୫ ବୋଲି କହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉପଲବ୍ଧ ମୃତ୍ୟୁ ପ୍ରମାଣପତ୍ରରେ ୧୮ ଅଗଷ୍ଟ ତାରିଖ ଉଲ୍ଲେଖ ଥିବା ନେଇ ଅଭିଯୋଗକାରୀ ପକ୍ଷ କହିଛନ୍ତି। ଫଳରେ ୮ ଅଗଷ୍ଟ, ୧୮ ଅଗଷ୍ଟ ଓ ୧୮ ଅକ୍ଟୋବରଏହି ତିନୋଟି ତାରିଖକୁ ନେଇ ଘଟଣାରେ ଗୁରୁତର ପ୍ରଶ୍ନ ଉଠିଛି। ଏହା ସହିତ ଆଉ ଏକ ବଡ଼ ପ୍ରଶ୍ନ ହେଉଛି, ଯଦି ଜ୍ୟୋତ୍ସ୍ନାଙ୍କ ମୃତ୍ୟୁ କଟକର ଏକ ଘରୋଇ ହସ୍ପିଟାଲରେ ଘଟିଥିଲା, ତେବେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କ ମୃତ୍ୟୁ ପ୍ରମାଣପତ୍ର କିପରି ପ୍ରସ୍ତୁତ ହେଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ଦିଗାମ୍ବର ରାଉଳଙ୍କୁ ପଚରାଯିବାରୁ, ସାହାଯ୍ୟ ପାଇଁ ଏଭଳି କରାଯାଇପାରେ ବୋଲି ସେ କହିଥିବା ଅଭିଯୋଗକାରୀ ପକ୍ଷରୁ ଦାବି କରାଯାଇଛି। ଅଭିଯୋଗକାରୀଙ୍କ ମତରେ, ଯଦି ମୃତ୍ୟୁ ପରେ ଶ୍ରମକାର୍ଡ ପ୍ରସ୍ତୁତ ହୋଇଥିବା ଓ ବୀମା ଅର୍ଥ ଉଠାଯାଇଥିବା ଘଟଣା ସତ୍ୟ ହୁଏ, ତେବେ ଏଥିରେ କେଉଁମାନଙ୍କ ଭୂମିକା ରହିଛି ତାହାର ନିରପେକ୍ଷ ତଦନ୍ତ ଆବଶ୍ୟକ। ଏଥିରେ ସ୍ୱାସ୍ଥ୍ୟ ବିଭାଗ, ଶ୍ରମ ବିଭାଗ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବା ଦରକାର। ମାତ୍ର ତଦନ୍ତ ସମୟରେ ସମ୍ପୃକ୍ତ କର୍ମଚାରୀଙ୍କୁ ପଚରାଉଚରା କରି ମୃତ୍ୟୁ ତାରିଖ ସମ୍ପର୍କରେ ନୂଆ ତଥ୍ୟ ଦିଆଯିବାରୁ ତଦନ୍ତର ସ୍ୱଚ୍ଛତାକୁ ନେଇ ମଧ ପ୍ରଶ୍ନ ଉଠିଛି। ଏହି ଘଟଣାରେ ଆଶାକର୍ମୀ ଓ ଏଏନଏମଙ୍କ ଭୂମିକା କଣ ଥିଲା, ମୃତ୍ୟୁ ପ୍ରମାଣପତ୍ର କେଉଁ ଆଧାରରେ ପ୍ରସ୍ତୁତ ହୋଇଥିଲା, ଶ୍ରମକାର୍ଡ କେବେ ଓ କିପରି ଜାରି ହୋଇଥିଲା ଏବଂ ବୀମା ଅର୍ଥ କାହା ଖାତାକୁ ଯାଇଥିଲା। ଏସବୁ ଦିଗରେ ତଦନ୍ତ ହେଲେ ହିଁ ସମଗ୍ର ଘଟଣାର ସତ୍ୟତା ସାମ୍ନାକୁ ଆସିପାରିବ ବୋଲି ସ୍ଥାନୀୟ ମହଲରେ ମତ ପ୍ରକାଶ ପାଇଛି। ତଦନ୍ତକାରୀ ଦଳରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତ୍ତର କୁମାର ଦଣ୍ଡପାଟଙ୍କ ସହ ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜ୍ୟୋତି ପ୍ରକାଶ ସାହୁ, ମୁନସୀ ମୁର୍ମୁ, ଭବାନୀ ଶଙ୍କର ସେଠୀ ପ୍ରମୁଖ ସାମିଲ ଥିବା ଜଣାପଡ଼ିଛି। ଏବେ ପ୍ରଶ୍ନ ହେଉଛିମୃତ୍ୟୁ ତାରିଖରେ ଏତେ ବଡ଼ ଅସଙ୍ଗତି କାହିଁକି? ମୃତ୍ୟୁ ପରେ ଶ୍ରମକାର୍ଡ ପ୍ରସ୍ତୁତ ହୋଇଥିଲେ ତାହା କିପରି ସମ୍ଭବ ହେଲା? ଏବଂ ସରକାରୀ ବୀମା ଅର୍ଥ ଉଠାଯାଇଥିଲେ ତାହାର ପ୍ରକୃତ ହିତାଧିକାରୀ କିଏ? ଏହି ସମସ୍ତ ପ୍ରଶ୍ନର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନିଆଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରେମୁଣାରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

**ରେମୁଣା, ୧୧।୮ (ସମିସ):** ରେମୁଣା ଏନ୍ଏସି ଅନ୍ତର୍ଗତ ମନ୍ଦିର ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଏହି ଶୋଭାଯାତ୍ରା ମନ୍ଦିର ଛକ ଠାରୁ ଆରମ୍ଭ ହୋଇ ହାତିଆଗଣ୍ଡ ଛକ ପର୍ଯ୍ୟନ୍ତ ପରିଚାଳିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଘରେ ଘରେ ତ୍ରିରଙ୍ଗା' ଆହ୍ୱାନକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଲୋକେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ବିଶେଷ କରି ଲୋକମାନଙ୍କ ମନରେ ଦେଶପ୍ରେମର ଉତ୍ସାହକୁ ବୃଦ୍ଧି କରିଥିଲା। ଏହି ଅବସରରେ ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ରେମୁଣା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚିତ୍ତରଞ୍ଜନ ପଣ୍ଡା, ସାଂସଦ ପ୍ରତିନିଧି ଉମାକାନ୍ତ



ପଣ୍ଡା, ମହେଶ୍ୱର ପ୍ରଧାନ, ଗିରିଧାରୀ ଦାସ, ପୂର୍ବତନ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା, ବିଜେପି ଜିଲ୍ଲା ସମ୍ପାଦିକା ରବିତା ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, କାଉନ୍ସିଲର୍ ଶିବୁନ ରାୟ, ହେମବତୀ ବେହେରା, ମିନାକ୍ଷୀ ବେହେରାଙ୍କ ସମେତ ବରିଷ୍ଠ ବ୍ୟକ୍ତି ସରୋଜ ବେହେରା, ଜୟନ୍ତ ମଣ୍ଡଳ, ହରିହର ବେହେରା, ଅନନ୍ତ ସାହୁ, ନାରାୟଣ ପ୍ରସାଦ ଦାସ, ସଞ୍ଜୟ ସେଠୀ, ସରୋଜ ଦାସ, ଅନନ୍ତ ବାରିକ, କୌଶିକ ବେହେରା, ମନୋରଞ୍ଜନ ବେହେରା, ଜୟନ୍ତୀ ପାତ୍ର ଇତ୍ୟାଦି ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ।

## ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଫାଟକରେ ତାଲା



**ଚନ୍ଦନେଶ୍ୱର, ୧୧।୮ (ସମିସ):** ଶିକ୍ଷକ ଅଭାବରେ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ କରି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଭୂୟାଁସାହି ନାଫରାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ଗେଟ୍‌ରେ ତାଲା ପକାଇବା ସହ ଫୁଲବଣୀ-ଜଗନ୍ନାଥ ମୁଖ୍ୟ ରାସ୍ତାରେ ବସି ରାସ୍ତାରୋକ କରିଥିଲେ। ଫଳରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୬ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସେମାନଙ୍କ ପାଇଁ ୩ ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ୨ ଜଣ ଶିକ୍ଷକ ଅଛନ୍ତି। ସେଥିମଧ୍ୟରୁ ଜଣେ ଶିକ୍ଷକ ପ୍ରାୟ ୬ ମାସ ହେଲା ଛୁଟିରେ ରହିଥିବାରୁ ମାତ୍ର ଜଣେ ଶିକ୍ଷକଙ୍କ ଭରସାରେ ସମସ୍ତ ଶ୍ରେଣୀର ପାଠପଢ଼ା ଚାଲିଥିବା ଅଭିଭାବକମାନେ କହିଛନ୍ତି। ଜଣେ ଶିକ୍ଷକଙ୍କ ପକ୍ଷରେ ଏକାସାଙ୍ଗରେ ବିଭିନ୍ନ ଶ୍ରେଣୀର ୭୬ ଜଣ ପିଲାଙ୍କ ପାଠପଢ଼ା ସହ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ ସମ୍ଭାଳିବା କଷ୍ଟକର ହୋଇପଡ଼ିଛି। ଫଳରେ ପିଲାଙ୍କ ଶିକ୍ଷାର ଗୁଣାତ୍ମକ ମାନ ପ୍ରଭାବିତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶିକ୍ଷକ ଅଭାବ ସମ୍ପର୍କରେ ବାରମ୍ବାର ଶିକ୍ଷା ବିଭାଗକୁ ଜଣାଇବା ସହ ଲିଖିତ ଦାବିପତ୍ର ଦିଆଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇନଥିବା ଅଭିଭାବକମାନେ କହିଛନ୍ତି। ଶେଷରେ ବାଧ୍ୟ ହୋଇ ସେମାନେ ଛାତ୍ରଛାତ୍ରୀଙ୍କ ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ରାସ୍ତାରୋକ ଖବର ପାଇ ସିଆରସିସି ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷକ ଅଭାବ ଦୂର କରିବା ନେଇ ଆବଶ୍ୟକ ପଦକ୍ଷେପ ନିଆଯିବାର ଆଶ୍ୱାସନ ପରେ ଆନ୍ଦୋଳନ ହଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ମଧ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଇଓ ନିୟମିତ ସ୍କୁଲ ପରିଦର୍ଶନ କରୁନଥିବା ଏବଂ ସମସ୍ୟା ସମ୍ପର୍କିତ ଦାବିପତ୍ର ଗ୍ରହଣ କରୁନଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ନେଇ ବିଇଓଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ନୀଳଗିରିରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବିରୋଧ

**ନୀଳଗିରି, ୧୧।୮ (ସମିସ):** ନୀଳଗିରି ସହରରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ଅର୍ଥମଞ୍ଜୁର କରିଥିବା ଏବଂ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିବା ଜଣାଯାଇଛି। ନୀଳଗିରି ବାଲିଗୋହିରୀ ଠାରେ ଥିବା ପୁରୁଣା ବସଷ୍ଟାଣ୍ଡ ଜରାଜୀର୍ଣ୍ଣ ହୋଇପଡ଼ିଥିବା ବେଳେ ଯାତ୍ରୀଙ୍କ ପାଇଁ ଆବଶ୍ୟକୀୟ ସାଧନର ସୁବିଧା ନଥିବାରୁ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ରାଜ୍ୟସରକାର ନିଜଗଡ ମୌଜାରେ ଥିବା ୧୮୯୧ନମ୍ବର ପ୍ଲଟକୁ ଚୟନ କରାଯାଇ ସ୍ଥାନୀୟ ପ୍ରଶାସନ ସର୍ଭେ କରିଥିବା ଜଣାଯାଇଛି। ତେବେ ନୂତନ ବସଷ୍ଟାଣ୍ଡ ନିର୍ମାଣକୁ ବିରୋଧକରି ଅଗଷ୍ଟ ୯ତାରିଖରେ ପ୍ରାୟ ୫ଶହ ଦସ୍ତଖତ ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବସଷ୍ଟାଣ୍ଡ ପାଇଁ ଚୟନ ହୋଇଥିବା ସ୍ଥାନଟି ଉପରୋକ୍ତ ମୌଜାର ଖାତାନଂ ୭୪୮ ଏବଂ ପ୍ଲଟ ନଂ ୧୮୯୧ ହେଉଛି ଏକ ଶିକ୍ଷାବିଭାଗର। ପ୍ଲଟଟି ମଧ ଶାରଦ ଦୁଇ ଅନ୍ତର୍ଭୁକ୍ତ। ତେବେ ନୂତନ ବସଷ୍ଟାଣ୍ଡ ନିର୍ମାଣହେଲେ ଏହା



ପାଶ୍ୱର୍?ରେ ସରକାରୀ ଉଚ୍ଚ ବିଦ୍ୟାଳୟ ନୀଳଗିରି ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଥିବାରୁ ବସ ଚଳାଚଳ ହେଲେ ପିଲାମାନଙ୍କର ପାଠପଢାରେ ବ୍ୟାଘାତ ହେବା ସହ ନିକଟରେ ଜନବସତି ଥିବାରୁ ଲୋକଙ୍କର ଜୀବନଯାପନ ଅତିସହ ହୋଇପଡିବ। କେବଳ ଏତିକି ନୁହଁ ୧୯ ନଂ ରାଜ୍ୟ ରାଜପଥର ଘାଟଘରସାହି ବାସୁଳି ମନ୍ଦିର ପାଖ ନୂତନ ବସଷ୍ଟାଣ୍ଡ ସମ୍ମୁଖ୍ଖ ରାସ୍ତା ଅଣ ଓସାରିଆ ହୋଇଥିବାରୁ ଯଦି ସେଠାରେ ବସଷ୍ଟାଣ୍ଡ ନିର୍ମାଣ କରାଯାଏ ଏକ୍ସିଡେଣ୍ଟ ଜୋନ ହୋଇଯିବ ସାଧାରଣରେ ଆଲୋଚନା ହେଉଛି। ଏହି ବିଷୟକୁ ନେଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସମସ୍ତ ବିଷୟରେ ଅବଗତ ହେଲା ପରେ ଲୋକଙ୍କ ଅସୁବିଧାକୁ ଗୁରୁତ୍ୱ ଦେଇ ନୂତନ ବସଷ୍ଟାଣ୍ଡ ନିର୍ମାଣକୁ ବିରୋଧକରି ୫ଶହ ଦସ୍ତଖତ ସମ୍ବଳିତ ଦାବିପତ୍ରରେ ମୋହର ମାରି ସମର୍ଥନ ଦେଇଛନ୍ତି। ସେହି ତୁଳନାରେ ବାଲିଗୋହିରୀ ଠାରେ ଥିବା ବସଷ୍ଟାଣ୍ଡ କୁ ଆଧୁନିକୀକରଣ କରାଯାଇ ସମସ୍ତ ଆଧୁନିକ ସୁବିଧାସୁଯୋଗ ଯୋଗାଇ ଦିଆଗଲେ ବସ ଚଳାଚଳ ସୁବ୍ୟବସ୍ଥିତ ହୋଇପାରିବା ସହିତ ଯାତ୍ରୀମାନେ ସମସ୍ତ ସୁବିଧା ପାଇପାରିବେ। ଏ ନେଇ ବସଷ୍ଟାଣ୍ଡ ସ୍ଥାନାନ୍ତରିତକୁ ବିରୋଧ କରାଯାଇ ନୀଳଗିରି ଉପଜିଲ୍ଲାପାଳଙ୍କ ସହିତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର ସାଂସଦ, ସ୍ଥାନୀୟ ବିଧାୟକ, ଆରଟିଓ ବାଲେଶ୍ୱର, ପୂର୍ବତନ ବିଧାୟକଙ୍କୁ ଅବଗତ କରାଯାଇଛି। ଯଦି କୌଣସି ଫଳପ୍ରଦ ପଦକ୍ଷେପ ନିଆନଯାଏ ତାହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବବୋଲି ଦାବୀର ଉଲ୍ଲେଖ କରାଯାଇଛି।

## ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା

**ବାଲେଶ୍ୱର,୧୧।୮ (ସମିସ):** 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା ସମ୍ପର୍କିତ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ଜିଲ୍ଲାପାଳଙ୍କ ଅଡିଟୋରିୟମ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ନାରୀ ସଶକ୍ତିକରଣ ଓ କିଶୋରୀ ଦର୍ଶାଇଥିଲେ। ଏହି କର୍ମଶାଳାରେ ଆଇନ, ପୁଲିସ, ବ୍ୟାଙ୍କ୍ ସଂସ୍ଥାରୁ ଉପସ୍ଥିତ ଥିବା ୩ଜଣ ପ୍ରଶିକ୍ଷକଙ୍କ ଦ୍ୱାରା ମୌଳିକ କମ୍ପ୍ୟୁଟର ଶିକ୍ଷା, ଇଣ୍ଟରନେଟ ବ୍ୟବହାର, ଇମେଲ ସେଟ୍‌ଅପ୍, ସୁରକ୍ଷିତ ଡିଜିଟାଲ ଅଭ୍ୟାସ, ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ ଓ ବୃତ୍ତିଗତ ଶିଷ୍ଟାଚାର, ବୃତ୍ତିଗତ ଦକ୍ଷତା, ଉନ୍ନତ କୌଶଳ ସହିତ ବ୍ୟବହାରିକ ତାଲିମ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କିଶୋରୀ ବାଳିକାମାନଙ୍କୁ ଅଧିକ ଉତ୍ସାହିତ



ବାଳିକାମାନଙ୍କ ସୁରକ୍ଷିତ ଭବିଷ୍ୟତ ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ମିଳିତ ପଦକ୍ଷେପକୁ ସ୍ୱାଗତ ଜଣାଇ ଥିଲେ। କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରୋଟେକ୍ସନ କମ୍ ପ୍ରୋଗ୍ରାମ ଅଧିକାରୀ ଯୁଥିକାରାଣୀ ରାୟ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରୋଗ୍ରାମ ଅଧିକାରୀ ଗିରିବାଳା ମହନ୍ତ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ପ୍ରଶିକ୍ଷକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଓକିଲ ଅମ୍ବୁଜା ଦାସ, ପ୍ରଶିକ୍ଷକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିବ୍ୟଜ୍ୟୋତି ଦାସ, ପ୍ରଶିକ୍ଷକ ଲିଡ୍ ବ୍ୟାଙ୍କ୍ ଅଧିକାରୀ ମୋହିତ କୁମାର ସା ପ୍ରମୁଖ ମଞ୍ଚାସୀନ ହୋଇ କିଶୋରୀ ବାଳିକା ମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ବିଭିନ୍ନ ପ୍ରକାରର ଦକ୍ଷତା ବିକାଶର ଆବଶ୍ୟକତା ରହିଛି ବୋଲି କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ୪ ଜଣ ଚାମ୍ପିଅନ କିଶୋରୀ ମାନଙ୍କୁ ନଗଦ ଅର୍ଥ ରାଶି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କର୍ମଶାଳାକୁ ଅଧିକ ସାରସ୍ୱତ କରିବା ନିମନ୍ତେ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର, ଶିକ୍ଷକ/ଶିକ୍ଷିକା, ପ୍ରାୟ ୭୦ ଜଣରୁ ଉର୍ଦ୍ଧ କିଶୋରୀ ବାଳିକା, ପିଆର ଆଇ ସଭ୍ୟ/ସଭ୍ୟା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟ କର୍ମକର୍ତ୍ତାଙ୍କ ସମେତ ଅନ୍ୟ ପ୍ରମୁଖ ଅଧିକାରୀ ସକ୍ରିୟ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ସମାଜ ମଙ୍ଗଳ କାର୍ଯ୍ୟାଳୟର ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ(ମମତା) ବାମଦେବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାଲ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସହଦେବଖୁଣ୍ଟା ମାର୍କେଟ୍ କମ୍ପ୍ଲେକ୍ସରେ ଦୋକାନ ଗୃହ ଆବଣ୍ଟନ




**ବାଲେଶ୍ୱର,୧୧।୮ (ସମିସ):** ସହଦେବଖୁଣ୍ଟାସ୍ଥିତ ବସ୍‌ଷ୍ଟାଣ୍ଡର ନବକଳେବର କାର୍ଯ୍ୟ ସମୟରେ ବ୍ୟବସାୟ ଚଳାଇଥିବା ବ୍ୟବସାୟୀମାନଙ୍କ ପାଇଁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ନିର୍ମିତ ମାର୍କେଟ କମ୍ପ୍ଲେକ୍ସରେ ଆଜି ଦୋକାନ ଗୃହ ଆବଣ୍ଟନ କରାଯାଇଛି। ଆଞ୍ଚଳିକ ପରିବହନ ବିଭାଗ ସହଯୋଗରେ ହିତାଧିକାରୀ ଚୟନ ସହ ମୋଟ ୪୬ ଟି ଦୋକାନ ଘର ଆବଣ୍ଟନ କରାଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ଦୋକାନ ଚୁକ୍ତିପତ୍ର ପ୍ରଦାନ କରିଥିଲେ। ଦୋକାନୀମାନେ ଦୀର୍ଘ ବର୍ଷ ଧରି ରାସ୍ତା କଡରେ ବ୍ୟବସାୟ ଚଳାଇ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ସହଦେବଖୁଣ୍ଟା ମାର୍କେଟ କମ୍ପ୍ଲେକ୍ସର ସ୍ଥାୟୀ ଦୋକାନ ଘର ସେମାନଙ୍କ ଜୀବିକାକୁ ଅଧିକ ସୁରକ୍ଷିତ ତଥା ସମ୍ମାନଜନକ କରିବା ସହ ଆର୍ଥିକ ସ୍ୱାବଲମ୍ବନର ଦିଗରେ ନୂତନ ପଥ ପ୍ରଶସ୍ତ କରିବ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ମୋଟ ୪୬ ଜଣ ହିତାଧିକାରୀଙ୍କୁ ସେମାନଙ୍କ ଦୋକାନ ଚୁକ୍ତିପତ୍ର ପ୍ରଦାନ କରାଯାଇଛି। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୋକାନୀମାନଙ୍କୁ ବ୍ୟବସାୟିକ ସଫଳତା କାମନା କରିଥିଲେ। ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ ଏଥିରେ ପୌରହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଉମାକାନ୍ତ ଶତପଥୀ, କାଉନସିଲର ନିରୁପମା ଦାଶ, ଦେବାଶିଷ ସିଂ, ରାଧାକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି କାର୍ଯ୍ୟାଳୟରେ ଚାଷୀ ଓ ବୈଜ୍ଞାନିକ ସମନ୍ୱୟ ବୈଠକ



**ସୋର, ୧୧।୮ (ସମିସ):** ସୋର କୃଷି କାର୍ଯ୍ୟାଳୟରେ ଚାଷୀ ବୈଜ୍ଞାନିକ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ବୈଠକରେ ସୋର ଓ ବାହାନଗା ବ୍ଲକର ପ୍ରାୟ ୨୫ ଜଣ ଚାଷୀ ଭାଗ ନେଇଥିଲେ। ଉକ୍ତ ବୈଠକରେ ଧାନ ଚାଷ, ପନିପରିବା ଚାଷ, ମାଛ ଚାଷରେ ବୈଜ୍ଞାନିକ ଉପାୟରେ ଚାଷୀ ମାନେ କିପରି ଚାଷ କରି ଅଧିକ ଲାଭବାନ ହୋଇପାରିବେ ସେ ବିଷୟରେ ଚାଷୀ ମାନଙ୍କୁ ଉଚିତ ପରାମର୍ଶ ଦିଆଯାଇଥିଲା। ଉକ୍ତ ବୈଠକରେ ଆତ୍ମା ଚେୟାରମ୍ୟାନ ଅଜୟ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ବାସୁଦେବ ଶତପଥୀ, ସୋର ବ୍ଲକ କୃଷି ଅଧିକାରୀଣୀ ରଞ୍ଜିତା ଟୁଡୁ, ବ୍ଲକ ବୈଷୟିକ ପରିଚାଳିକା ଆଦ୍ୟାଶକ୍ତି ସାମଲ, ଅତିରିକ୍ତ ବୈଷୟିକ ପରିଚାଳକ ସୁବାସ ଚନ୍ଦ୍ର ଦୀକ୍ଷିତ, କୃଷି ଅଧିକାରୀ ରବି ନାରାୟଣ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ସମୟରେ କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲର ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି, ଡ. ବିଜୟଲକ୍ଷ୍ମୀ ମହାନ୍ତି ଚାଷୀ ମାନଙ୍କୁ ଚାଷରେ ବୈଜ୍ଞାନିକ ପଦ୍ଧତିରେ ଉପକାରିତା ବିଷୟରେ ଅବଗତ କରାଇଥିଲେ।

### ଲଘୁଚାପଜନିତ ଲଗାଣ ବର୍ଷାରେ ଚଣ୍ଡୀପୁର ଗାଁ ଜଳମଗ୍ନ

# ପାଣି ନିଷ୍କାସନ କଲେ ଗ୍ରାମବାସୀ

**ଚନ୍ଦନେଶ୍ୱର, ୧୧।୮ (ସମିସ)**




ଲଘୁଚାପଜନିତ ଲଗାଣ ବର୍ଷାରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ କଖଡ଼ା ଗ୍ରାମପଞ୍ଚାୟତର ଚଣ୍ଡୀପୁର ଗ୍ରାମରେ ଜଳବନ୍ଦୀ ସମସ୍ୟା ଗୁରୁତର ରୂପ ନେଇଛି। ପାଣି ନିଷ୍କାସନର ପାରମ୍ପରିକ ପଥ ଅବରୋଧ ହୋଇଥିବାରୁ ବର୍ଷାଜଳ ନିଷ୍କାସିତ ହୋଇ ନପାରି ଗାଁର ବିଭିନ୍ନ ସ୍ଥାନରେ ଜମି ରହିଛି। ଫଳରେ ୫୦ରୁ ଉର୍ଦ୍ଧ୍ୱ ପରିବାରର ଶତାଧିକ ଲୋକ ଦୀର୍ଘ ସମୟ ଧରି ପାଣି ଘେରରେ ରହିବାକୁ ବାଧ୍ୟ ହୋଇଛନ୍ତି। ପ୍ରଶାସନିକ ପଦକ୍ଷେପକୁ ଅପେକ୍ଷା ନକରି ଶେଷରେ ଗ୍ରାମବାସୀ ନିଜେ ହାତରେ କୋଦାଳ ଓ ଶାବଳ ଧରି ଅବରୋଧ ହଟାଇ ଜଳ ନିଷ୍କାସନ କରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ଚଣ୍ଡୀପୁର ଗ୍ରାମ ଦେଇ ଦୀର୍ଘଦିନ ଧରି ବର୍ଷାଜଳ ନିଷ୍କାସନ ହୋଇଆସୁଥିବା ଏକ ପାରମ୍ପରିକ ଜଳ ନିଷ୍କାସନ ପଥ ରହିଛି। ତେବେ ଅଭିଯୋଗ ଅନୁସାରେ, ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜଳ ନିଷ୍କାସନ ପଥକୁ ଅବରୋଧ କରିଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଲଘୁଚାପଜନିତ ଲଗାଣ ବର୍ଷା ହେବା ପରେ ପରିସ୍ଥିତି ଆହୁରି ସଙ୍ଗିନ ହୋଇପଡ଼ିଥିଲା। ଗାଁର ରାସ୍ତାଘାଟ, ଘର ଚାରିପାଖ ଓ ଅନ୍ୟାନ୍ୟ ସ୍ଥାନରେ ପାଣି ଜମି ରହିବାରୁ ସାଧାରଣ ଜୀବନଯାପନ ପ୍ରଭାବିତ ହୋଇଥିଲା। ଅନେକ ଘର ଭିତରକୁ ମଧ ପାଣି ପଶିବା ସ୍ଥିତି ଉପୁଜିଥିଲା। ଚୁଲିରେ ପାଣି ଜମି ରହିବାରୁ ବହୁ ପରିବାର ରୋଷେଇ କରିପାରିନଥିଲେ। ଛୋଟ ପିଲା, ବୟସ୍କ ଓ ମହିଳାମାନଙ୍କ ଯାତାୟାତରେ ମଧ ଗୁରୁତର ସମସ୍ୟା ଦେଖାଦେଇଥିଲା। ଘରୁ ବାହାରିବା ପାଇଁ ଲୋକମାନଙ୍କୁ ଜମିଥିବା ପାଣି ମଧ୍ୟରେ ଯିବାକୁ ପଡୁଥିବାରୁ ଦୁର୍ଘଟଣାର ଆଶଙ୍କା ମଧ ସୃଷ୍ଟି ହୋଇଥିଲା। ଏହି ସମସ୍ୟା ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କଖଡ଼ା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଜଳ ନିଷ୍କାସନ ପଥର ଅବରୋଧ ହଟାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ମାତ୍ର ଅଭିଯୋଗ ଅନୁଯାୟୀ, ଜଳ ନିଷ୍କାସନ ପଥ ଅବରୋଧ କରିଥିବା ବ୍ୟକ୍ତି ଗ୍ରାମବାସୀଙ୍କୁ ଧମକ ଦେଇ ଅବରୋଧ ହଟାଇବାକୁ ବାଧା ଦେଇଥିଲେ। ଫଳରେ ସମସ୍ୟାର ସମାଧାନ ନହୋଇ ପରିସ୍ଥିତି ଆହୁରି ଜଟିଳ ହୋଇଥିଲା। ଲଗାଣ ବର୍ଷାରେ ଗାଁରେ ପାଣି ବଢ଼ିବା ସହିତ ଲୋକଙ୍କ ଦୁର୍ଦ୍ଦଶା ମଧ ବଢ଼ିଥିଲା। ଏଭଳି ସ୍ଥିତିରେ ସୋମବାର ଅପରାହ୍ନରେ ପୂର୍ବତନ ବିଜେପି ମଣ୍ଡଳ ସଭାପତି ତଥା ବରିଷ୍ଠ ନେତା ସୁନୀଲ କୁମାର କରଙ୍କ ନେତୃତ୍ୱ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇଥିଲେ। ଗ୍ରାମବାସୀ ନିଜ ହାତରେ କୋଦାଳ, ଶାବଳ ଆଦି ଧରି ଜଳ ନିଷ୍କାସନ ପଥରେ ଥିବା ଅବରୋଧ ହଟାଇବା ସହ ପାଣି ନିଷ୍କାସନର ବାଟ ଖୋଲିଥିଲେ। ଫଳରେ ଧୀରେ ଧୀରେ ଜମି ରହିଥିବା ବର୍ଷାଜଳ ନିଷ୍କାସିତ ହେବା ଆରମ୍ଭ ହୋଇଥିଲା। ଏହି ଅବରୋଧ ହଟାଇବା ଓ ଜଳ ନିଷ୍କାସନ କାର୍ଯ୍ୟରେ ଗ୍ରାମ ପରିଚାଳନା କମିଟିର ସଭାପତି ଗୟାରାମ ଦାସ, ସମ୍ପାଦକ ନିରଞ୍ଜନ ଦେ, ବରେନ୍ଦ୍ର ଦାସ, ଇରନ କର, ନିତ୍ୟଗୋପାଳ ସେନାପତି, ପଙ୍କଜ ସେନାପତି, ରବିନ୍ଦ୍ର କର, ଶରତ ମାହାନା, ଜିତେନ ପ୍ରଧାନ, ଅନୀଲ ସେନାପତି, ପ୍ରଦୀପ ସାମଲ, ଦୀପ୍ତିରାଣୀ କର, ରେଣୁକା ଜେନା, ଝୁନୁରାଣୀ ମାହାନା, ଛବିରାଣୀ ମାହାନା ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପାଠାଗାର ଏକ ଅଭିବୃଦ୍ଧିଶୀଳ ସଂଗଠନ।
-ଏସ୍ ଆର ରଙ୍ଗନାଥନ୍

## ମରଣୋତ୍ତର ରାୟ

ଗତ ଦୁଇ ସପ୍ତାହ ମଧ୍ୟରେ ଭାରତର ନ୍ୟାୟିକ ଇତିହାସରେ ଦୁଇଟି ଅଲୋଡ଼ା ଅଥଚ ଚିର ସ୍ମରଣୀୟ ଅଧ୍ୟାୟ ଲେଖି ହୋଇଛି। ଜୁଲାଇ ମାସ ଶେଷ ସପ୍ତାହରେ ସର୍ବୋଚ୍ଚ ନ୍ୟାୟାଳୟ କୋଇଲା ଦୁର୍ନୀତି ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ ମନମୋହନ ସିଂହଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସେହିପରି ଚଳିତ ମାସ ପ୍ରଥମ ସପ୍ତାହରେ ବୋଫର୍ସ ମାମଲାର ଅନ୍ତ ଘଟାଇଛନ୍ତି। ଏହି ଦୁଇଟି ରାୟ ଅଲୋଡ଼ା ଏଇଥିପାଇଁ ଯେ ଉଭୟ ମାମଲାରେ ଯଦିବା ଦୋଷ ସାବ୍ୟସ୍ତ କରାଯାଇଥା'ନ୍ତା ତେବେ ଦଣ୍ଡ ଭୋଗିବା ପାଇଁ ଡ. ସିଂହ କିମ୍ବା ବୋଫର୍ସ ମାମଲାର ମୂଳ ଆରୋପିତ ରାଜୀବ ଗାନ୍ଧୀ ଜୀବିତ ନାହାନ୍ତି। ଏହା ଆମ ନ୍ୟାୟିକ ପ୍ରକ୍ରିୟାର ବିଳମ୍ବିତ ଦିଗଟିକୁ ସୂଚିତ କରୁଛି ଏବଂ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ ବୋଲି ପୁଣି ଥରେ ପ୍ରମାଣିତ ହେଉଛି।

ବିଶ୍ୱର ସର୍ବାଧିକ ଜନବହୁଳ ବିଶିଷ୍ଟ ବିଶାଳ ଭାରତ ଭୂଖଣ୍ଡରେ ପ୍ରତିଦିନ ଯେତିକି ମାମଲା ବିଚାର ପାଇଁ ଆସୁଛି ତା' ତୁଳନାରେ ବିଚାରପତିଙ୍କର ଅଭାବ ରହୁଛି। ଏଥିସହିତ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରିବା ପାଇଁ ଆଇନଜୀବୀମାନେ ଦାୟୀ ବୋଲି ଅଭିଯୋଗ ହେଉଛି। ଏହି ଦୁଇ ସମସ୍ୟା ମଧ୍ୟରୁ ପ୍ରଥମଟି ସ୍ପଷ୍ଟ ଦୃଶ୍ୟମାନ। ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା-ବିଚାରପତି ସଂଖ୍ୟାର ଅନୁପାତିକ ଜଟିଳତା ଆହୁରି ଅଧିକ। ବହୁଦିନର ଦାବି ପରେ ନିକଟରେ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିଛନ୍ତି। ଅପରପକ୍ଷରେ ଗତ ଜାନୁଆରୀ ୧ ତାରିଖ ସୁଦ୍ଧା ସର୍ବୋଚ୍ଚ ନ୍ୟାୟାଳୟରେ ୯୨, ୧୦୧ଟି ମାମଲା ବିଚାରାଧୀନ ରହିଥିଲା। ଏହାଛଡ଼ା ସମ୍ବିଧାନ ଖଣ୍ଡପୀଠ, ବୃହତ୍ତର ଖଣ୍ଡପୀଠ ଆଦିର ବ୍ୟବସ୍ଥା ଥିବାରୁ ଅନ୍ୟାନ୍ୟ ଖଣ୍ଡପୀଠ ପାଇଁ ବିଚାରପତି ସଂଖ୍ୟାରେ ଆହୁରି ଅଭାବ ଦେଖାଦେଉଛି। ତେଣୁ ମାତ୍ର ୪ ଜଣ ବିଚାରପତି ବୃଦ୍ଧି ଦ୍ୱାରା ବିଚାରାଧୀନ ମାମଲାରେ ଯେ ଦ୍ରୁତ ଉନ୍ନତି ଘଟିବ ସେ ଆଶା ଦେଖାଯାଉନାହିଁ।

ବିଚାରାଧୀନ ମାମଲାର ସଂଖ୍ୟା ବଢ଼ିବା ବର୍ଷେ ଦୁଇବର୍ଷର କଥା ନୁହେଁ। ଏହା ବର୍ଷ ବର୍ଷ ଧରି ପଡ଼ିଆସୁଛି। ଜାତୀୟ ନ୍ୟାୟିକ ନିଯୁକ୍ତି ସଂସ୍ଥା ଗଠନ ନିୟମ ପ୍ରବର୍ତ୍ତନ ପାଇଁ ସରକାରଙ୍କ ତତ୍ପରତା ଏବଂ ଐତିହାସିକ ସଂବିଧାନ ସଂଶୋଧନ ସତ୍ତ୍ୱେ ସୁପ୍ରିମକୋର୍ଟର ସମ୍ବିଧାନ ପୀଠ ଏହାକୁ ଖାରଜ କରିଦେବା ଫଳରେ ବକେୟା ରହିଥିବା ମାମଲାର ନିରନ୍ତର ବୃଦ୍ଧି ଘଟିଚାଲୁଛି। ସେବେଠୁ ସରକାର ଓ ସୁପ୍ରିମକୋର୍ଟଙ୍କ ମଧ୍ୟରେ ବିଚାରପତି ନିଯୁକ୍ତି ନେଇ କିଛିଟା ମତଭେଦ ଲାଗିରହିଛି। ଏ ଲଢ଼େଇରେ କାହାର ବିଜୟ ଘଟିଛି ତାହା ତ ଆମେ କହିପାରିବା ନାହିଁ, ତେବେ ଏହାକୁ ସ୍ୱୀକାର କରିବା ଯେ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ଓ ବିଡ଼ମ୍ବିତ ହୋଇଛି। ଏଥିରେ ନ୍ୟାୟପ୍ରାର୍ଥୀ, ସାଧାରଣ ଜନତା ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ସ୍ୱୀକାର୍ଯ୍ୟ ଯେ ନ୍ୟାୟିକ ବ୍ୟବସ୍ଥା ଅତ୍ୟନ୍ତ ବ୍ୟୟବହୁଳ; କିନ୍ତୁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଆବଶ୍ୟକତା ପୂରଣ ପାଇଁ ସରକାରଙ୍କୁ ଏ ବାବଦରେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ଏବଂ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବାକୁ ହେବ। ନ ହେଲେ ମରଣୋତ୍ତର ରାୟ ପରିସଂଖ୍ୟାନ ବଢ଼ି ଚାଲିଥିବ। ●

## କେନ୍ଦ୍ର ଅସହିଷ୍ଣୁ କାହିଁକି?

ଖଣିଜ ଉତ୍ତୋଳନ ଉପରେ ଅତିରିକ୍ତ ଟିକସ ଧାର୍ଯ୍ୟ କରିବା ପାଇଁ ରାଜ୍ୟମାନଙ୍କର ନ୍ୟାଯ୍ୟ ଅଧିକାରକୁ ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ମସିହାରେ ସବୁଜ ସଙ୍କେତ ଦେବା ପରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ଖଣିଜ ସମୃଦ୍ଧ ରାଜ୍ୟମାନଙ୍କର ନିଜସ୍ୱ ରାଜସ୍ୱ ବୃଦ୍ଧି ଦିଗରେ ଯେଉଁ ଆଶା ସଞ୍ଚାର ହୋଇଥିଲା ତାହାକୁ କେନ୍ଦ୍ର ସରକାର ପୁଣି ଥରେ ଭଣ୍ଡୁର କରିବାର ଉଦ୍ୟମ ଆରମ୍ଭ କରିଛନ୍ତି। ଲୋକସଭାର ଚଳିତ ମୌସୁମୀ ଅଧିବେଶନରେ ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଧେୟକ ଆଗତ କରିବା ପରେ ରାଜ୍ୟମାନଙ୍କୁ ସର୍ବୋଚ୍ଚ ଅଦାଲତ ଦେଇଥିବା ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ବିଧେୟକ ଆଇନରେ ପରିଣତ ହେଲେ ଖଣିଜ ସମୃଦ୍ଧ ରାଜ୍ୟମାନେ ନିଜ ସୁବିଧା ଅନୁସାରେ ଉପକର ସମେତ ଅନ୍ୟାନ୍ୟ ଶୁଳ୍କ ଧାର୍ଯ୍ୟ କରିପାରିବାର କ୍ଷମତା ହରାଇବେ ଏବଂ ଖଣି ଅଞ୍ଚଳ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ କର୍ତ୍ତୃତ୍ୱ ଅଧୀନକୁ ଚାଲିଯିବା ଭଳି ହେବ। ଏଥିରେ ସଂଲଗ୍ନ ୯ (ଡି) ଧାରା ଅନୁଯାୟୀ ଯେଉଁ ରାଜ୍ୟମାନେ ପିଛିଲା ଭାବେ ଖଣିଜ ଉତ୍ତୋଳନକାରୀ ସଂସ୍ଥାଙ୍କଠାରୁ ସେସ୍ ବାବଦ ବକେୟା ଆଦାୟ କରିବାକୁ ନୋଟିସ ଜାରି କରିଛନ୍ତି ତାହା ରଦ୍ଦ ହୋଇଯିବ; ଅର୍ଥାତ୍ ଖଣି ମାଲିକମାନେ ଆଉ ତାହା ପୈଠ କରିବାକୁ ବାଧ ହେବେ ନାହିଁ। କିନ୍ତୁ ଯାହା ଆଦାୟ ହୋଇସାରିଛି ତାହା ଆଉ ସମ୍ପୃକ୍ତ ଖଣିଜ କମ୍ପାନୀଙ୍କୁ ଫେରସ୍ତ ହେବ ନାହିଁ। ଏହା ପରୋକ୍ଷରେ ଖଣି ମାଲିକଙ୍କୁ ସୁହାଇବ।

୨୦୨୪ ମସିହା ସେପ୍ଟେମ୍ବର ମାସରେ ରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟମାନଙ୍କୁ ଖଣିଜ ଉତ୍ତୋଳନ ଉପରେ ଅତିରିକ୍ତ ଶୁଳ୍କ ଆଦାୟ କରିବାର ଅଧିକାର ଦେବା ପରେ ରାୟର ପୁନର୍ବିଚାର କରିବାକୁ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ଏପରିକି ସମ୍ବିଧାନ ଖଣ୍ଡପୀଠଙ୍କ ରାୟର ପୁନର୍ବିଚାର ପାଇଁ କେନ୍ଦ୍ରର ଆବେଦନ ପରେ ଖୋଦ୍ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏବେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଅକାମୀ କରିବା ପାଇଁ ଉପରୋକ୍ତ ବିଲ୍ ଅଣାଯାଇଥିବା ଆଇନ ବିଶାରଦମାନେ ମତ ଦେଇଛନ୍ତି। ଖଣିଜ ସମୃଦ୍ଧ ରାଜ୍ୟମାନଙ୍କ ନିଜସ୍ୱ ଟିକସ ଧାର୍ଯ୍ୟ ଅଧିକାର ଖଣିଜ ବିକାଶ ଆଇନ - ୧୯୫୭ ଦ୍ୱାରା ସ୍ୱୀକୃତ। ତେଣୁ ଏହାକୁ ନେଇ କେନ୍ଦ୍ର ସରକାର ଏତେ ଅସହିଷ୍ଣୁ କାହିଁକି ବୁଝାପଡୁନି। ଏହି ଉତ୍ତର ଖୋଜିବା ବେଳେ ଏହି ଧାରଣା ସାମ୍ନାକୁ ଆସୁଛି ଯେ ଗରିବ ରାଜ୍ୟମାନେ, ବିଶେଷକରି ପୂର୍ବାଞ୍ଚଳର ଖଣିଜ ସମୃଦ୍ଧ, ଅଥଚ ଅବହେଳିତ। ରାଜ୍ୟମାନେ ନିଜ ସମ୍ବଳରେ ଉନ୍ନତି କରିବା ବଦଳରେ ସବୁବେଳେ ସମ୍ବଳ ସହାୟତା ଲାଗି କେନ୍ଦ୍ର ପାଖରେ ବଶମ୍ବଦ ହୋଇ ରୁହନ୍ତୁ ଏହା ବୋଧହୁଏ କେନ୍ଦ୍ର ସରକାର ଚାହୁଁଛନ୍ତି।

ଏହି ଆଇନ ଲାଗୁ ହେଲେ ଓଡ଼ିଶା ପ୍ରାୟ ୫୦ ହଜାର କୋଟି ଟଙ୍କାର ବକେୟା ହରାଇବ। ଏବେ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଚାଲିଛି। ତେଣୁ 'ପାର୍ଟି' ଆଦର୍ଶରେ ଏହି ପ୍ରସଙ୍ଗରେ ରାଜ୍ୟ ସରକାର ନିରବ ରହିବେ ନା 'ମାଟି' ସ୍ୱାର୍ଥରେ ଓଡ଼ିଶାବାସୀଙ୍କ ହକ୍ ମାଗିବେ ତାହା ଦେଖିବାକୁ ଓଡ଼ିଶାବାସୀ ଅପେକ୍ଷା କରିଛନ୍ତି। ଏଠାରେ ଆମେ ସୂଚାଇ ଦେବାକୁ ଚାହୁଁ ଯେ ଓଡ଼ିଶା ଭଳି ଅବହେଳିତ ରାଜ୍ୟମାନେ ସେମାନଙ୍କର ହକ୍ ମାଗୁଛନ୍ତି, ଦୟା କିମ୍ବା ଅନୁକମ୍ପା ନୁହେଁ। ●

## ପ୍ରାକୃତିକ ବିପର୍ଯ୍ୟୟ ଓ ବଦ୍‌ଖର୍ଚ୍ଚି ଖାଉଟି

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଚଳିତ ବର୍ଷ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଘଟିସାରିଛି। ଓଡ଼ିଶାର ୨୨ ଟି ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ନଈ ବଢ଼ି ହେତୁ ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଅନେକ ଗୃହପାଳିତ ପ୍ରାଣୀ ସମେତ ବନ୍ୟପ୍ରାଣୀ ହନ୍ତସନ୍ତ ହୋଇଛନ୍ତି। ଫସଲ, କୃଷି ଜମି ଇତ୍ୟାଦି କ୍ଷତିଗ୍ରସ୍ତ ହୋଇଛି। ଏକ ପ୍ରାକୃତିକପ୍ରବଣ ରାଜ୍ୟ ଭାବେ ଓଡ଼ିଶା ପ୍ରତିବର୍ଷ କିଛି ନା କିଛି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସେଭଳି ଆସାମରେ ପ୍ରବଳ ବନ୍ୟା ଫଳରେ ପ୍ରାୟ ୧୦୦ ଲୋକଙ୍କ ମୃତ୍ୟୁ ଘଟିବା ସହିତ ଦେଢ଼ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ବର୍ଷ ଜୁନ୍ ୨୦ ରେ ମୌସୁମୀ ବର୍ଷା ଆରମ୍ଭ ହେବା ପରଠାରୁ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରରେ ମୋଟ ୪୪ଟି ବାଦଲ ଫଟା ବର୍ଷା, ୨୧ଟି ଭୂସ୍ଖଳନ, ୧୮ଟି ଅଚାନକ ବନ୍ୟା ଘଟଣା ଯୋଗୁଁ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ଆସାମ ଓ ଜମ୍ମୁ-କଶ୍ମୀର ବ୍ୟତୀତ, ହିମାଚଳ ପ୍ରଦେଶ, କେରଳ, ଗୁଜରାଟର, ମହାରାଷ୍ଟ୍ର, ଛତିଶଗଡ଼ ପ୍ରଭୃତି ରାଜ୍ୟମାନଙ୍କରେ ବନ୍ୟା ତାଣ୍ଡବଲୀଳା ରଚିଛି। ବିଭିନ୍ନ ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ଘଟି ବହୁ ଧନଜୀବନ ନଷ୍ଟ ହୋଇଛି।

ଭାରତ ବାହାରେ ଭେନେଜୁଏଲା, ଜାପାନ ଆଦି ରାଷ୍ଟ୍ରରେ ଭୂମିକମ୍ପ, ସୁନାମି ଦ୍ୱାରା ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଇଂଲଣ୍ଡ, ଫ୍ରାନ୍ସ ଆଦି ଅନେକ ୟୁରୋପୀୟ ରାଷ୍ଟ୍ରରେ ବାୟୁମଣ୍ଡଳର ତାପମାତ୍ରା ବିପଦଜନକ ଭାବେ ବଢ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଆମେରିକାର ୱାଶିଂଟନ, କାନାଡ଼ା ଏବଂ ଇଉରୋପୀୟ ରାଷ୍ଟ୍ରମାନଙ୍କରେ ବନାଗ୍ନି ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଆହୁରି ଅନେକ ଘଟଣା ଘଟି ଚାଲିଛି।

ଅପୂର୍ବ ସୌନ୍ଦର୍ଯ୍ୟ ଭରା ହିମାଳୟଅଞ୍ଚଳ, ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ପରିସଂସ୍ଥୀୟ ସନ୍ତୁଳନ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ବିକାଶ ନାମରେ ଅତ୍ୟଧିକ ମାନବୀୟ ହସ୍ତକ୍ଷେପ କାରଣରୁ ଏହି ଅଞ୍ଚଳରେ କ୍ରମଶଃ ପ୍ରାକୃତିକ ବିପର୍ଯ୍ୟୟମାନ ବଢ଼ି ଚାଲିଛି। ୧୯୭୬ ମସିହାରେ ଜୋଶୀ ମଠ ଠାରେ ଭୂମି ଦବି ଯାଇ ଫାଟ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟରେ ଏକ ଆବେଦନରୁ ଜଣାପଡ଼େ ଯେ, ହିମାଳୟ ଅଞ୍ଚଳରେ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା, ସୁଡ଼ଙ୍ଗ ନିର୍ମାଣ, ପଥର ଓ ପାହାଡ଼ ଖନନ, ରାସ୍ତା ଘାଟ ନିର୍ମାଣ, ଟ୍ରାଫିକ୍ ବୃଦ୍ଧି, ପର୍ଯ୍ୟଟନ ବିକାଶ, ଅବାଧ ହୋଟେଲ, ରିସର୍ଟ, ଲଜ୍ ଓ ହୋମଷ୍ଟେ ସମେତ ବାଣିଜ୍ୟିକ ପ୍ରତିଷ୍ଠାନର ଅନିୟନ୍ତ୍ରିତ ଓ ଅସ୍ଥାୟୀ ନିର୍ମାଣ, ଅପର୍ଯ୍ୟାପ୍ତ ବର୍ଜ୍ୟବସ୍ତୁ ନିଷ୍କାସନ ଯୋଗୁଁ ବାୟୁ ଓ ଜଳ ପ୍ରଦୂଷଣ ଭଳି ସମସ୍ୟାଗୁଡ଼ିକ ଦେଖାଦେଇଛି। ଏହି ସମସ୍ୟାଗୁଡ଼ିକ ହିମାଳୟ ଅଞ୍ଚଳର ପରିସଂସ୍ଥାକୁ କ୍ଷତି ପହଞ୍ଚାଉଛି, ଯାହା ୧୩ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, ଯଥା ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କାଶ୍ମୀର, ଲଦାଖ୍, ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ମଣିପୁର, ମିଜୋରାମ, ସିକିମ, ନାଗାଲାଣ୍ଡ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶକୁ ପ୍ରଭାବିତ କରୁଛି। ପ୍ରତିକାର ପାଇଁ ଭାରତ ସରକାର ସେପ୍ଟେମ୍ବର ୨୦୨୩ ରେ ୧୩ ସଦସ୍ୟ ବିଶିଷ୍ଟ ବୈଷୟିକ କମିଟି ଗଠନ କରିଛନ୍ତି। ଏହାର ଅଧ୍ୟକ୍ଷ ଅଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନସ୍ଥ ଅନୁଷ୍ଠାନ 'ଜିବି ପନ୍ତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଲୟାନ ଏନଭାର୍ନମେଣ୍ଟ'ର ନିର୍ଦ୍ଦେଶକ। ଏହାକୁ ଏକ 'ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ' ବୋଲି ଅଭିହିତ କରାଯାଇଛି। ବିକାଶ ନାମରେ ଯେଉଁସବୁ କାର୍ଯ୍ୟକଳାପ ଚାଲିଛି ଏବଂ ଏହାର ବିପରୀତ ପ୍ରଭାବକୁ କେତେଦୂର ହିମାଳୟ ପରିସଂସ୍ଥାର ସହ୍ୟ କରିପାରିବା କ୍ଷମତା ରହିଛି, ଏହି କମିଟି ମୂଲ୍ୟାଙ୍କନ କରିବ। ସମ୍ପୃକ୍ତ ହିମାଳୟ ଅଞ୍ଚଳ ରାଜ୍ୟଗୁଡ଼ିକ ନିଜ ନିଜ ପରିସଂସ୍ଥାର ସୁଧାର ପାଇଁ ଖସଡ଼ା ପ୍ରସ୍ତୁତ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦାଖଲ କରିବାକୁ ଦାୟୀ ରହିବେ। ଏଥିପୂର୍ବରୁ ହିମାଳୟ ପରିସଂସ୍ଥାକୁ ସ୍ଥାୟୀ କରିବା ପାଇଁ ୨୦୧୪ ମସିହାରେ ଜାତୀୟ ଜଳବାୟୁ ପରିବର୍ତ୍ତନ ଯୋଜନା (ଏନ୍‌ଏପିସିସି) ଅଧୀନରେ ଏକ ଜାତୀୟ ମିଶନ ଗଠନ କରାଯାଇଥିଲା, ଯାହା ଆଠଟି ମିଶନ ମଧ୍ୟରୁ ଗୋଟିଏ।

ପଶ୍ଚିମ ଘାଟ ପର୍ବତମାଳା ଅଞ୍ଚଳରେ ଅବସ୍ଥିତ, କେରଳର ୱାୟାନାଡ ଜିଲ୍ଲାରେ ବହୁବାର ଭୂସ୍ଖଳନ ଘଟିଚାଲିଛି। ପଶ୍ଚିମଘାଟ, ଯାହାକୁ ସହ୍ୟାଦ୍ରି ମଧ୍ୟ କୁହାଯାଏ, ଭାରତର ପଶ୍ଚିମ ଉପକୂଳ ସହିତ ସମାନ୍ତରାଳ ଭାବରେ ଗତି କରୁଥିବା ୧,୬୦୦ କିଲୋମିଟର ଲମ୍ବା ପର୍ବତମାଳାର କ୍ଷେତ୍ର। ଏହା ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ ଓ ତାମିଲନାଡୁ ଦେଇ ଗତି କରେ। ବିଶିଷ୍ଟ ପରିବେଶବିତ୍ ଡକ୍ଟର ମାଧବ ଗାଡଗିଲଙ୍କ ତତ୍ତ୍ୱାବଧାନରେ ଗଠନ ହୋଇଥିବା 'ପଶ୍ଚିମଘାଟ ପରିବେଶ ବିଜ୍ଞାନ ବିଶେଷଜ୍ଞ ପ୍ୟାନେଲ' ଦ୍ୱାରା ୨୦୧୧ରେ ଦାଖଲ ହୋଇଥିବା ରିପୋର୍ଟରେ ସମଗ୍ର ୧, ୨୯, ୦୩୭ ବର୍ଗ କିଲୋମିଟର ପର୍ବତ ଶୃଙ୍ଖଳକୁ ପରିବେଶଗତ ସମ୍ବେଦନଶୀଳ କ୍ଷେତ୍ର (ଇଏସ୍‌ଏ) ଭାବରେ ଚିହ୍ନଟ କରାଯାଇଥିଲା। ଏଥିରେ ଖଣି ଖନନ ଏବଂ ବୃହତ୍ ନଦୀ ବନ୍ଧ, ଡ୍ୟାମ ନିର୍ମାଣ ଉପରେ କଠୋର କଟକଣା ସୁପାରିସ କରାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ରାଜ୍ୟମାନେ ଆଗ୍ରହ ପ୍ରକାଶ କଲେ ନାହିଁ। ପୁଣି ଅପ୍ରେଲ ୧୫, ୨୦୧୩ରେ କସ୍ତୁରିରଙ୍ଗନ କମିଟି ରିପୋର୍ଟ (ଉଚ୍ଚସ୍ତରୀୟ କାର୍ଯ୍ୟ ଗୋଷ୍ଠୀ) କୋହଳ ମନୋଭାବ ପ୍ରଦର୍ଶନ କରି ପଶ୍ଚିମଘାଟର ୩୭% (ପ୍ରାୟ ୬୦, ୦୦୦ ବର୍ଗ କିଲୋମିଟର)କୁ ପରିବେଶଗତ ସମ୍ବେଦନଶୀଳ କ୍ଷେତ୍ର ଭାବରେ ଚିହ୍ନଟ କରିବାର ପ୍ରସ୍ତାବ ଦେଇଥିଲା, ଯାହାର ଲକ୍ଷ୍ୟ ଥିଲା ସ୍ଥାୟୀ ଆଞ୍ଚଳିକ ବିକାଶ ସହିତ ଜୈବ ବିବିଧତା ସଂରକ୍ଷଣକୁ ସନ୍ତୁଳିତ କରିବା। ସେଭଳି ପୂର୍ବଘାଟମାଳା ରାଜ୍ୟଗୁଡ଼ିକ ହେଉଛି ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲାଙ୍ଗାନା, କର୍ଣ୍ଣାଟକ ଓ ତାମିଲ ନାଡୁ। ଏହି ଅଞ୍ଚଳଗୁଡ଼ିକରେ ମଧ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ହେତୁ ପ୍ରଭୁତ ଧନଜୀବନ କ୍ଷତିଗ୍ରସ୍ତ ହେଉଛି। ପଶ୍ଚିମଘାଟ ପର୍ବତମାଳା ଭଳି ପୂର୍ବଘାଟ ପର୍ବତମାଳା ପରିସଂସ୍ଥାର ସ୍ଥିତି ଅନୁଧ୍ୟାନ କରିବା ଜରୁରୀ।

ପ୍ରକୃତିର ନିୟମ ଅନୁସାରେ ପ୍ରତି ବର୍ଷ ଧରିତ୍ରୀ ବକ୍ଷରେ ପ୍ରାକୃତିକ ସମ୍ପଦ ସ୍ୱତଃ ସୃଷ୍ଟି ହୁଏ। ପ୍ରାକୃତିକ ସମ୍ପଦର ଉତ୍ପନ୍ନ ତୁଳନାରେ ଯେଉଁ ଦିବସ ବା ତାରିଖରେ ଆବଶ୍ୟକ ଅଧିକା ହୁଏ ଅର୍ଥାତ୍ ସମ୍ବଳ ନିଅଣ୍ଟ ପଡ଼େ ତା'କୁ କୁହାଯାଏ 'ଆର୍ଥ ଓଭରଶଟ୍ ଡେ' ବା 'ଧରିତ୍ରୀ ସୀମା ଉଲଙ୍ଘନ ଦିବସ'। ଆମର ବଢ଼ୁଥିବା ଲୋଭର ବିସ୍ତାର ହେତୁ ୧୯୭୦ ଦଶକ ପରଠାରୁ ପୃଥିବୀ ସୀମା ଲଙ୍ଘନ ଦିବସ କ୍ରମଶଃ ପଛକୁ ପଛକୁ ଘୁଞ୍ଚି ଚାଲିଛି। ସାଙ୍କେତିକ ଭାବରେ କହିବାକୁ ଗଲେ ଉପଭୋକ୍ତା ମାନଙ୍କର ଚାହିଦାର ଅତ୍ୟଧିକ ବୃଦ୍ଧି ଘଟିଛି। ୧୯୭୦ ମସିହାରେ ଏହା ଡିସେମ୍ବର ୨୫ରୁ ଆରମ୍ଭ ହୋଇ ଚଳିତ ବର୍ଷ ୨୦୨୬ ମସିହାରେ ଜୁଲାଇ ୩୦କୁ ଘୁଞ୍ଚି ଆସିଛି। ଏହାର ଅର୍ଥ ହେଉଛି, ମାନବ ଜାତି ପ୍ରକୃତିର ସମ୍ବଳକୁ ପୃଥିବୀର ପରିସଂସ୍ଥା ଦ୍ୱାରା ତାହାର ପୁନଃଉତ୍ପାଦିତ ହେବା ଗତି ତୁଳନାରେ ୭୩% ଅଧିକ ଦ୍ରୁତ ଗତିରେ ବ୍ୟବହାର କରୁଛି; ଯାହା ୧.୭୩ଟି ପୃଥିବୀର ସମାନ ଚାହିଦା ପୂରଣ କରିବା ସହ ସମତୁଲ ଅଟେ। ଯଦି ଏହିଭଳି ଧାରାରେ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର କରାଯାଏ ତାହାହେଲେ ଆମକୁ ୨୧ ଶତାବ୍ଦୀର ମଧ୍ୟଭାଗ ପୂର୍ବରୁ ଦୁଇଟି ଗ୍ରହର ସମ୍ପଦ ଆବଶ୍ୟକ ହୋଇପାରେ।

ଏଭଳି ଅତ୍ୟଧିକ ପ୍ରାକୃତିକ ସମ୍ପଦ ବ୍ୟବହାର ହେତୁ ପରିସଂସ୍ଥୀୟ ସନ୍ତୁଳନ ବାଧାପ୍ରାପ୍ତ ହେଉଛି। ଜୈବବିବିଧତା ହ୍ରାସ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ସମେତ ସବୁଜ ଗୃହ ବାଷ୍ପର ଘନତା ବଢ଼ିବା ସହ ବିଶ୍ୱତାପନ, ଜଳବାୟୁରେ ବ୍ୟାପକ ଅନିୟମିତତା ଓ ପରିବର୍ତ୍ତନ ଜନିତ ସମସ୍ୟା ବଢ଼ିଚାଲିଛି। ତେଣୁ ଉପଭୋକ୍ତାଗଣ ପ୍ରାକୃତିକ ସମ୍ପଦ ବ୍ୟବହାର କ୍ଷେତ୍ରରେ ସଂଯମ ଅବଲମ୍ବନ କରି ନିଜର ଅଙ୍ଗାର ପଦଚିହ୍ନ ହ୍ରାସ କରିବାର ବେଳ ଆସିଛି। ମହାତ୍ମା ଗାନ୍ଧୀ ସତର୍କ ସୂଚନା ଦେଇ କହିଥିଲେ, 'ସମସ୍ତଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ପୃଥିବୀରେ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ଜଣେ ବ୍ୟକ୍ତିର ଲୋଭକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ।' ଏଥିପୂର୍ବରୁ ବିଗତ ବର୍ଷମାନଙ୍କରେ ଏପରି ଅନେକ ଛାତିଥରା ଘଟଣାମାନ ଘଟି ସାରିଛି ଏବଂ ଆଗାମୀ ବର୍ଷମାନଙ୍କରେ ମଧ୍ୟ ନିଃସନ୍ଦେହ ଘଟିବାକୁ ଯାଉଛି। ବିଗତ ଦୁଇ ଶହ ବର୍ଷ ହେବ ମଣିଷର ଜୀବନଶୈଳୀ ବିଳାସପୂର୍ଣ୍ଣ ଗତିରେ ଅଗ୍ରଗତି ହେବାରେ ଲାଗିଛି। ଏଥିପାଇଁ ମୁଣ୍ଡପିଛା ପ୍ରାକୃତିକ ସମ୍ପଦର ଆବଶ୍ୟକତା ବଢ଼ିଚାଲିଛି। ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ଖଣି ଖନନ, ଶିଳ୍ପ ପ୍ରତିଷ୍ଠାନ, ସହର ବସତି ସ୍ଥାପନ, ରାସ୍ତାଘାଟ ନିର୍ମାଣ, ଶକ୍ତି ଉତ୍ପାଦନ, ଜଳ ଯୋଗାଣ, କୃଷି ସମ୍ପ୍ରସାରଣ, ଯାନବାହନ ଓ ପରିବହନର ବିକାଶ, ଭିତ୍ତିଭୂମି ବିକାଶ ଜରୁରୀ ହୋଇପଡ଼ିଛି। ଏଭଳି କାର୍ଯ୍ୟକ୍ରମ, ଯାହାକୁ ମାନବୀୟ ହସ୍ତକ୍ଷେପ କୁହାଯାଇଥାଏ, ପରିସଂସ୍ଥୀୟ ସନ୍ତୁଳନ ରକ୍ଷା କରିବାରେ ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ବାଧ କରେ। ତେଣୁ ପ୍ରାକୃତିକ ବିପର୍ଯ୍ୟୟର ଅପରାଧୀ ହେଉଛନ୍ତି ବଦ୍‌ଖର୍ଚ୍ଚି ଖାଉଟିମାନେ, ଅଦୂରଦର୍ଶୀ ପ୍ରଶାସନିକ କର୍ତ୍ତୃପକ୍ଷ ଅର୍ଥାତ୍ ଅମଲାତନ୍ତ୍ର ଏବଂ ବିକାଶମୂଳକ କାର୍ଯ୍ୟକ୍ରମର ଦାୟିତ୍ୱ ନ୍ୟସ୍ତ ଥିବା ରାଜନେତାମାନେ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ତରୁଣମାନେ ତମାଖୁ ପ୍ରତି ସତର୍କ ହୁଅନ୍ତୁ

**ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ**

ଏମିତି ଗୋଟିଏ ରୋଗ ଅଛି ଯାହା ଭାରତରେ ପ୍ରତି ଘଣ୍ଟାରେ ନିଏ ୯୧ଟି ମୂଲ୍ୟବାନ ମଣିଷ ଜୀବନ। ଅର୍ଥାତ୍ ପ୍ରତିଦିନ ୨୧୯୨ଟି ଜୀବନଦୀପ ଲିଭେ। ଏଇ ରୋଗଟି ପୁଣି ମଣିଷ କିଣିକରି ଆଣିଥାଏ। ଏହା ହେଉଛି ତମାଖୁ ସେବନ ଜନିତ ମୃତ୍ୟୁ। ମଣିଷ ପ୍ରତିଦିନ ବିଡ଼ି, ସିଗାରେଟ, ଖଇନି, ହୁକା ସମେତ ନାନାଦି ମାଧ୍ୟମରେ ଯେତିକି ତମାଖୁ ସେବନ କରେ ତା'ର ପରିଣାମ ସ୍ୱରୂପ ପ୍ରତିବର୍ଷ ଭାରତରେ ୮ ଲକ୍ଷ ଲୋକ କର୍କଟ, ଯକ୍ଷ୍ମା ସମେତ ନାନା ରୋଗରେ ମୃତ୍ୟୁବରଣ କରିଥା'ନ୍ତି। ପ୍ରାୟ ୧୨ ଲକ୍ଷ ଲୋକ ଭାରତରେ ପ୍ରତିବର୍ଷ ତମାଖୁ ଜନିତ ରୋଗରେ ପୀଡ଼ିତ ହୋଇଥା'ନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ, ବିଶ୍ୱରେ ପ୍ରତିବର୍ଷ ତମାଖୁ ନେଇଥାଏ ୪୯ ଲକ୍ଷ ଜୀବନ। ବର୍ତ୍ତମାନ ଲୋକସଂଖ୍ୟାରୁ ୨ କୋଟି ୫୦ ଲକ୍ଷ ତମାଖୁ ଯୋଗୁଁ ମରିବେ, ଯେଉଁମାନେ ଏବେ ତରୁଣ ବା ଯୁବକ ଏବଂ ମୁଖ୍ୟତଃ ବିକାଶଶୀଳ ଦେଶର ଅଧିବାସୀ। ବିଶ୍ୱ ଲୋକସଂଖ୍ୟାର ଛଅଭାଗରୁ ଭାଗେ ରହନ୍ତି ଭାରତରେ। ଆଗରୁ ତମାଖୁ ସେବନ ସମସ୍ୟା ବିକଶିତ ଦେଶମାନଙ୍କରେ ଅଧିକ ଥିଲା। ମାତ୍ର ଏବେ ଚୀନ୍ ଓ ଭାରତ ସମେତ ବିକାଶଶୀଳ ଦେଶମାନଙ୍କରେ ଏହା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ହୋଇ ଠିଆ ହୋଇଛି। ଆକଳନ ଅନୁସାରେ, ୨୦୩୦ ମସିହା ବେଳକୁ ପ୍ରତିବର୍ଷ ପ୍ରାୟ ୧ କୋଟି ଲୋକ ତମାଖୁ-ରାକ୍ଷସ କବଳରେ ପଡ଼ି ମୃତ୍ୟୁବରଣ କରିବେ, ଯେଉଁଥିରୁ ୭୦ଲକ୍ଷ ମୁଖ୍ୟତଃ ଚୀନ୍ ଓ ଭାରତର ହୋଇଥିବେ। ୧୯୯୦ ମସିହା ବେଳେ ଭାରତରେ ଯେତେ ଲୋକ ମୃତ୍ୟୁବରଣ କରୁଥିଲେ, ସେଥିରୁ ତମାଖୁ ସେବନ ଜନିତ ମୃତ୍ୟୁସଂଖ୍ୟା ଥିଲା ଶତକଡ଼ା ୧.୪ ଭାଗ।

ତମାଖୁ ସେବନ ସମସ୍ୟା ଭାରତର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିପଦଜନକ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଭାରତରେ ପ୍ରତିଦିନ ପ୍ରାୟ ୫୫୦୦ ଜଣ ତରୁଣ ଓ ଯୁବକ ତମାଖୁ ସେବନ ଆରମ୍ଭ କରୁଛନ୍ତି। ଭାରତରେ ପ୍ରତିବର୍ଷ କର୍କଟ ରୋଗାକ୍ରାନ୍ତ ଲୋକଙ୍କ ମଧ୍ୟରୁ ଶତକଡ଼ା ୩୦ ଭାଗ ଅର୍ଥାତ୍ ପ୍ରାୟ ୧୫ଲକ୍ଷ ଲୋକ ମୁଖ ଗହ୍ୱର, ଗଳା ଓ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ହୋଇଥା'ନ୍ତି। ପାନ ମସଲା, ଖଇନି ଆଦି କଞ୍ଚା ତମାଖୁ ଚୋବାଇବା ଫଳରେ ଏହି ରୋଗ ସୃଷ୍ଟି ହୋଇଥାଏ। ଭାରତୀୟ କ୍ୟାନ୍ସର ସୋସାଇଟି ଏବଂ ଭାରତୀୟ ଔଷଧୀୟ ଗବେଷଣା ପରିଷଦ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତରେ ମୁଖ୍ୟତଃ ଅନୁନ୍ନତ ଓ ବସ୍ତି ଅଞ୍ଚଳରେ ୭/୮ ବର୍ଷରୁ ଖଇନି, ପାନ ମସଲା ଆଦି ଖାଇବା ଆରମ୍ଭ ହୋଇଯାଏ। କାଳକ୍ରମେ ଏଇ ପିଲାମାନେ ତରୁଣ ଓ ଯୁବକ ହେଲାବେଳକୁ ଖଇନି ଓ ପାନ ମସଲା, ବିଡ଼ି, ସିଗାରେଟ ଆଦିର ଭକ୍ତ ହୋଇଯାଇଥା'ନ୍ତି।

ତମାଖୁ ସେବନ ପରି ଆସୁରିକ ନିଶା କବଳରେ ଭାରତର ଛାତ୍ର ଓ ତରୁଣମାନେ ପଡ଼ିବାର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ରହିଛି ଅଜ୍ଞାନତା, ଭୋଗବାଦୀ ସଂସ୍କୃତିର ବିସ୍ତାର, ତମାଖୁ ବିଜ୍ଞାପନ, ଅନ୍ୟମାନଙ୍କୁ ଅନୁସରଣ, କୁସଙ୍ଗ ଅଥବା ନୈରାଶ୍ୟ। ୨୦୦୩ ମସିହାରେ ତମାଖୁ ଉତ୍ପାଦ ଆଇନ ଅନୁସାରେ ସର୍ବସାଧାରଣ ସ୍ଥାନମାନଙ୍କରେ ସିଗାରେଟ ଓ ତମାଖୁ ସେବନ ବାରଣ କରାଯାଇଛି। ନାବାଳକମାନଙ୍କୁ ତମାଖୁ ବିକ୍ରି ବାରଣ କରାଯାଇଛି। ଶିକ୍ଷାନୁଷ୍ଠାନମାନଙ୍କର ୧୦୦ ଗଜ ଦୂରତ୍ୱ ମଧ୍ୟରେ ସିଗାରେଟ ଓ ତମାଖୁର ବିକ୍ରୟ ମଧ୍ୟ ନିଷିଦ୍ଧ କରାଯାଇଛି। ଚଳଚ୍ଚିତ୍ର ଓ ଟିଭି ସିରିଏଲ ପରି ମାଧ୍ୟମରେ ସିଗାରେଟ ଓ ତମାଖୁ ସେବନ ଦୃଶ୍ୟ ରଖିବାକୁ ବାରଣ କରାଯାଇଛି। ଏହାସତ୍ତ୍ୱେ ରାସ୍ତାଘାଟ, ଦୋକାନ ବଜାର, କାର୍ଯ୍ୟାଳୟ, ପାର୍କ ସବୁଠାରେ ଏହି ଆଇନର ଖୋଲା ଉଲଙ୍ଘନ ଚାଲିଛି। ଖୋଲାଖୋଲି ସିଗାରେଟ ସେବନ କରାଯାଉଛି। ରାସ୍ତାଘାଟରେ ପାନମସଲା ଓ ଖଇନିର ପ୍ଲାଷ୍ଟିକ ଜରି କୁଢ଼ କୁଢ଼ ହୋଇ ବିରାଟ ପ୍ରଦୂଷଣ ସମସ୍ୟା ହୋଇଛି। ବାପା ମା' ସିଗାରେଟ ଟାଣୁଥିବା ଦେଖି ଅଥବା ମାନସିକ ଚାପ ଯୋଗୁଁ ପିଲାମାନେ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି।

ମାନବ ସମାଜକୁ ଏଥିରୁ ମୁକ୍ତ କରିବା ପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ। ବିଭିନ୍ନ ଦେଶର ସରକାର, ସ୍ୱାସ୍ଥ୍ୟ ସଂଗଠନ ଓ ବେସରକାରୀ ସଂଗଠନଗୁଡ଼ିକ ତମାଖୁ ସେବନର କୁପରିଣାମ ସମ୍ପର୍କରେ ସଚେତନ ସୃଷ୍ଟି କରିବା ଉଚିତ୍। କ୍ରିୟାଭିମୁଖୀ କାର୍ଯ୍ୟକ୍ରମ ଗ୍ରହଣ କରା ନ ଗଲେ କେବଳ ଜନସଚେତନତା କାର୍ଯ୍ୟକ୍ରମରୁ ସୁଫଳ ମିଳିବ ନାହିଁ। ସରକାରୀସ୍ତରରେ ତମାଖୁ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେବା ବନ୍ଦ କରାଯିବା ଆବଶ୍ୟକ। ଖେଳ ପ୍ରତିଯୋଗିତାମାନଙ୍କରେ ତମାଖୁ କମ୍ପାନୀଗୁଡ଼ିକୁ ପ୍ରାୟୋଜକ କରାନଯିବା ଉଚିତ୍। ତମାଖୁ ସେବନରେ ଅଭ୍ୟସ୍ତ ବୟସ୍କ ବ୍ୟକ୍ତିମାନଙ୍କୁ ତମାଖୁ ବର୍ଜନ ପାଇଁ ବୁଝାଇବାରେ ବିଶେଷ ସୁଫଳ ମଳିନପାରେ। ମାତ୍ର ଛାତ୍ର ଓ ତରୁଣମାନଙ୍କୁ ତମାଖୁ ସେବନରୁ ହେଉଥିବା ଭୟାବହ କ୍ୟାନ୍ସର, ଯକ୍ଷ୍ମା, ମସ୍ତିଷ୍କ ପ୍ରଦାହ ଆଦି ରୋଗ ଓ ଏହାର ଭୟାନକ ଅବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଧାରଣା ଦିଆଯିବା ଆବଶ୍ୟକ। କେବଳ ସିଗାରେଟ ଖୋଳ ଉପରେ ଦୁଇଖଣ୍ଡ ହାଡ଼ ଓ ଖପୁରୀ ଥୋଇ ବିପଦ ଲେଖିଦେଲେ କିଛି ଲାଭନାହିଁ। କାରଣ ଉପରେ 'ବୈଧାନିକ ସତର୍କତା' ଲେଖାଯାଉଥିବାରୁ ଏହି ଚିତ୍ର ମୂଲ୍ୟହୀନ ହୋଇପଡଉଛି। ବରଂ ତମାଖୁ ସେବନରୁ ହେଉଥିବା ରୋଗର ବିବରଣୀ ଏବଂ କେତେ ଲୋକ ଏହାର ଶିକାର ହୋଇ ମରୁଛନ୍ତି ତା'ର ବିଶେଷ ସୂଚନା ସିଗାରେଟ ଖୋଳ ଉପରେ ଦେଲେ ଅଧିକ ଫଳପ୍ରଦ ହେବ। ତମାଖୁକୁ ମହଙ୍ଗା କରାଗଲେ ଏହାର ବ୍ୟବହାର ହ୍ରାସ ପାଇପାରେ। ତେଣୁ ସରକାର ତମାଖୁ ଉପରୁ ଅଧିକରୁ ଅଧିକ ଟିକସ୍ ଆଦାୟ କରିବା ଉଚିତ। ●

(ପୂର୍ବତନ ବିଧାୟକ, ଖୋର୍ଦ୍ଧା)
ମୋ: ୯୪୩୭୨୮୭୮୦୬

## ଲଳିତା ବିଦ୍ୟାପତି ବିବାହ

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ସ୍ୱଂ ବିଷ୍ଣୁ ନୀଳମାଧବ ନାମରେ କୌଣସି ଯାଗାରେ ଆରାଧିତ ହେଉଥିବା ସୂଚନା ପାଇ ମାଳବର ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ସନ୍ଧାନରେ ଚାରିଦିଗକୁ ଚାରି ଜଣ ଅମାତ୍ୟ ପ୍ରେରଣ କଲେ। ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣ ପୂର୍ବ ଦିଗକୁ ଯାଇ ନୀଳାଚଳ ପର୍ବତ ପାଖରେ ପହଞ୍ଚିଲେ। ସେଠାରେ ଅକସ୍ମାତ୍ ତାଙ୍କର ଶବରରାଜା ବିଶ୍ୱାବସୁଙ୍କ ସହ ସାକ୍ଷାତ ହେଲା। ସେ ବ୍ରାହ୍ମଣ ଅତିଥିଙ୍କୁ ଘରକୁ ନେଇ ଉପଯୁକ୍ତ ସତ୍କାର କଲେ। ଶବର ରାଜଙ୍କ ଝିଅ ଲଳିତା ସହିତ ସମୟକ୍ରମେ ବିଦ୍ୟାପତିଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଲା। ଶବରପଲ୍ଲୀରେ ସମସ୍ତେ ଏ କଥା ଜାଣିବା ପରେ ଲଳିତାକୁ ପତ୍ନୀ ରୂପେ ଗ୍ରହଣ କରିବା ପାଇଁ ବିଦ୍ୟାପତିଙ୍କୁ ବିଶ୍ୱାବସୁ ନିର୍ଦ୍ଦେଶ ଦେଲେ। ବିଦ୍ୟାପତି ଚିନ୍ତା କଲେ ଶବର ରାଜାଙ୍କ କଥାରେ ଅରାଜି ହେଲେ ସେ ନୀଳମାଧବଙ୍କୁ ଠାବ କରିବାରେ ଅସମର୍ଥ ହେବେ ଏବଂ ରାଜାଙ୍କର ଇଚ୍ଛା ପୂରଣ ହୋଇପାରିବ ନାହିଁ। ତେଣୁ ସେ ଲଳିତାଙ୍କୁ ବିବାହ କରି ବିଶ୍ୱାବସୁଙ୍କ ଘରେ ରହିଲେ।

ବିଦ୍ୟାପତି ଲକ୍ଷ୍ୟ କଲେ ଯେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବିଶ୍ୱାବସୁ ବେଶ୍ କିଛି ସମୟପାଇଁ କୁଆଡ଼େ ଚାଲି ଯାଉଥିଲେ ଏବଂ ଫେରିବା ବେଳେ ଫଳମୂଳର କିଛି ପ୍ରସାଦ ଓ ଛଡ଼ା ଫୁଲ ନେଇ ଆସୁଥିଲେ। ସେଥିରେ ମର୍ତ୍ତ୍ୟମଣ୍ଡଳରେ ଅଲଭ୍ୟ କେତେକ ଫଳ ଓ ଫୁଲ ରହୁଥିଲା ଏବଂ ସେ ସବୁର ସୁଗନ୍ଧରେ ସାରା ଅଞ୍ଚଳ ମହକି ଉଠୁଥିଲା। ସେ ବିଷୟରେ ଜାଣିବା ପାଇଁ ସେ ପତ୍ନୀ ଲଳିତାଙ୍କୁ ପଚାରିଲେ। ନୀଳମାଧବଙ୍କ କଥା କାହା ଆଗରେ ପ୍ରକାଶ କରିବା ପାଇଁ ବାରଣ ଥିଲେ ମଧ୍ୟ ଲଳିତା ସ୍ୱାମୀଙ୍କ ଅନୁରୋଧ ଏଡ଼ାଇ ନ ପାରି କହିଲେ, 'ବାପା ସବୁଦିନ ନୀଳକନ୍ଦର ଗୁହାରେ ବିରାଜମାନ କରିଥିବା ପ୍ରଭୁ ନୀଳମାଧବଙ୍କୁ ଆରାଧନା କରିବା ପାଇଁ ଯାଆନ୍ତି। ସ୍ୱର୍ଗରୁ ଦେବତାମାନେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇଁ ସେଠାକୁ ନିୟମିତ ଆସନ୍ତି। ମର୍ତ୍ତ୍ୟମଣ୍ଡଳରେ ଦୁର୍ଲଭ ଫଳ ଓ ଫୁଲ ମହାପ୍ରଭୁଙ୍କୁ ଅର୍ପଣ କରନ୍ତି। ସେହି ପ୍ରସାଦରୁ କିଛି ବାପା ଘରକୁ ନେଇ ଆସନ୍ତି।'

ଏହା ଶୁଣି ବିଦ୍ୟାପତିଙ୍କର ଆନନ୍ଦର ସୀମା ରହିଲା ନାହିଁ। ବିବାହିତ ବ୍ରାହ୍ମଣ ହୋଇ ମଧ୍ୟ ଜଣେ ଶବର କନ୍ୟା ସହ ତାଙ୍କର ଦ୍ୱିତୀୟ ବିବାହ ବ୍ୟର୍ଥ ଯାଇ ନ ଥିବା ଜାଣି ଖୁସି ହେଲେ। ସମୟ ଓ ସୁଯୋଗ ଦେଖି ସେ ନୀଳମାଧବଙ୍କୁ ଦର୍ଶନ କରିବାର ଇଚ୍ଛା ସ୍ତ୍ରୀ ଆଗରେ ପ୍ରକାଶ କରି ଜିଦ୍ ଧରି ବସିଲେ। କିନ୍ତୁ ତାହା ସମ୍ଭବ ନଥିବାରୁ ବିଚାରୀ ଲଳିତା ପ୍ରମାଦ ଗଣିଲେ। ବିଦ୍ୟାପତି ଭଲରେ ଖିଆପିଆ କଲେ ନାହିଁ। ତାଙ୍କ ଶରୀର ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲା। ଏହା ଦେଖି ଲଳିତା ମଧ୍ୟ ଭଲରେ ଖାଇବା ପିଇବା କଲେ ନାହିଁ ଏବଂ ଅନେକ ସମୟରେ ମନ ମାରି ବସିରହିଲେ। ଝିଅ ଜୋଇଁଙ୍କର ଏ ଅବସ୍ଥା ଦେଖି ଦିନେ ବିଶ୍ୱାବସୁ ଝିଅକୁ ଏହାର କାରଣ ପଚାରିଲେ। ଲଳିତା ସବୁକଥା କହିଦେଲେ।

ସେତେବେଳକୁ ଲଳିତା ଅନ୍ତସତ୍ତ୍ୱା ଥିଲେ। ସେ ଅବସ୍ଥାରେ ଝିଅକୁ ଅଧିକ ଯନ୍ତ୍ରଣା ଦେବା ପାଇଁ ଶବରରାଜା ଚାହୁଁ ନ ଥିଲେ। ତେଣୁ ସେ କହିଲେ, 'ଗୋଟିଏ ସର୍ତ୍ତରେ ମୁଁ ତୋ କଥାରେ ରାଜି। ବିଦ୍ୟାପତି ମୋ ସାଙ୍ଗରେ ଦର୍ଶନକୁ ଯିବା ଓ ଆସିବା ସମୟରେ ଆଖିରେ ପଟି ବାନ୍ଧିବେ।' ଏ ନିଷ୍ପତ୍ତି ଶୁଣି ଲଳିତା ଓ ବିଦ୍ୟାପତି ଖୁସି ହେଲେ ମଧ୍ୟ ଚିନ୍ତା କଲେ ଯେ ଯଦି ଠାକୁରଙ୍କ ବିଜେସ୍ଥଳୀ ପର୍ଯ୍ୟନ୍ତ ରାସ୍ତା ନ ଦେଖିବେ, ରାଜାଙ୍କୁ ଠାକୁର ଦର୍ଶନ କରାଇବେ କିପରି? କିନ୍ତୁ ଲଳିତା ଏହାର ସମାଧାନର ବାଟ ଦେଖେଇ ଦେଲେ - 'ଆପଣ ଦିଅଁ ଦର୍ଶନ କରି ଗଲା ବେଳେ ବାପାଙ୍କ ଅଜାଣତରେ ଅଣ୍ଟିରେ ଅଣ୍ଟିଏ ରାଶି ନେଇ ଯିବେ। ଅଣ୍ଟିରେ ଗୋଟିଏ ଛୋଟ କଣା କରା ଯାଇଥିବ। ସେ କଣା ବାଟେ ରାସ୍ତାସାରା ରାଶି ପଡ଼ିପଡ଼ି ଯିବ। କିଛି ଦିନପରେ ରାଶି ଗଜା ହୋଇ ଗଛ ଉଠିବ। ରାଶି ଗଛ ଦେଖିଦେଖି ଠାକୁରଙ୍କ ପର୍ଯ୍ୟନ୍ତ ବାଟ ଠଉରେଇ ହେବ।'

ଯୋଜନା ମୁତାବକ ଦିଅଁ ଦର୍ଶନ ହେଲା। ତା' ପରେ ବିଦ୍ୟାପତି ଲଳିତା ଓ ବିଶ୍ୱାବସୁଙ୍କ ସହ ଆଲୋଚନା କରି ଅବନ୍ତୀ ଫେରିଗଲେ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧବଙ୍କ ସନ୍ଧାନ ଦେଲେ। ରାଜା ନୀଳାଚଳକୁ ଆସି ମନ୍ଦିର ଓ ଠାକୁରମାନଙ୍କର ବିଗ୍ରହ ନିର୍ମାଣ କରି ପ୍ରତିଷ୍ଠା ଏବଂ ସେବାପୂଜାର ସମସ୍ତ ବନ୍ଦୋବସ୍ତ କଲେ। ବିଦ୍ୟାପତି ଓ ଲଳିତାଙ୍କ ଔରସରୁ ଜନ୍ମିତ ସନ୍ତାନମାନେ ଶ୍ରୀମନ୍ଦିରରେ ଶୁଦ୍ଧସୁଆର ସେବକ ରୂପେ ରୋଷ ଘରେ ପ୍ରସାଦ ପ୍ରସ୍ତୁତି ଦାୟିତ୍ୱରେ ରହିଲେ। ବିଦ୍ୟାପତିଙ୍କ ପ୍ରଥମ ପତ୍ନୀଙ୍କ ଗର୍ଭରୁ ଜନ୍ମିତ ସନ୍ତାନମାନେ ମନ୍ଦିରର ବ୍ରାହ୍ମଣ ସେବକ ହେଲେ। ବିଶ୍ୱାବସୁ ଶବରଙ୍କ ବଂଶଧରମାନେ ମହାପ୍ରଭୁଙ୍କର ଶ୍ରୀଅଙ୍ଗ ସେବକ ହେଲେ ଏବଂ ସେମାନଙ୍କୁ 'ଦଇତା ସେବକ' କୁହାଗଲା। ● (ଆଧାର: ଦେଉଳ ତୋଳା- କୃଷ୍ଣ ଦାସ। ଏ ପ୍ରସଙ୍ଗ ସ୍କନ୍ଦ ପୁରାଣରେ ନାହିଁ)

ମୋ: ୯୯୦୦୦୮୩୪୩୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚାମେଲିଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

# ଫଳ ପ୍ରକାଶନ ଉପରେ ହାଇକୋର୍ଟଙ୍କ ରୋକ୍

କଟକ/ମହାକାଳପଡ଼ା,୧୧।୮ (ସମିସ): ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ସୂଚୀ ଅନୁସାରେ ଆସନ୍ତା ଅଗଷ୍ଟ ୧୩ରେ ଏହି ଅନାସ୍ଥା ନିର୍ବାଚନ ପ୍ରକ୍ରିୟା ଜାରି ରହିବ ହେଲେ ମାମଲାର ରାୟ ପ୍ରକାଶ ପର୍ଯ୍ୟନ୍ତ ଅନାସ୍ଥା ଫଳ ପ୍ରକାଶ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ନିଜ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ଚ୍ୟାଲେଞ୍ଜ କରି ଚାମେଲି ଓଝା ଦାୟର କରିଥିବା ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏହି ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ମାମଲାର ଶୁଣାଣି ଶେଷ କରି ଆଜି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି ଚାମେଲିଙ୍କ ବିରୋଧରେ ୨୨ ଜଣ ସଭ୍ୟଙ୍କ ମଧ୍ୟରୁ ୨୧ ଜଣ ତାଙ୍କ ନାଁରେ ଅନାସ୍ଥା ଆଣିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଅନାସ୍ଥା ନୋଟିସ୍ ସହିତ ଆବଶ୍ୟକୀୟ ନଥିପତ୍ରର ନକଲ ତାଙ୍କୁ ପ୍ରଦାନ କରାଯାଇ ନାହିଁ। ଏହି ନୋଟିସ ତାଙ୍କର ନିରକ୍ଷର ପିତା ଗ୍ରହଣ କରିଥିଲେ। ଅଗଷ୍ଟ ୧୩ରେ ତିଖିରୀ ପଞ୍ଚାୟତ ସରପଞ୍ଚ ପାଇଁ ଅନାସ୍ଥା ଭୋଟ ହେବ ବୋଲି କେନ୍ଦ୍ରାପଡା ଉପଜିଲ୍ଲାପାଳ ନୋଟିସ ଜାରି କରିଥିଲେ। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍, ୧୯୬୪ର ଧାରା ୨୪(୨)(ଗ) ଅନୁଯାୟୀ ପ୍ରସ୍ତାବିତ ପ୍ରସ୍ତାବ ଏବଂ ନୋଟିସର ନକଲ ନ ମିଳିବା ବେଆଇନ ବୋଲି ଦର୍ଶାଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଥିଲେ।

## ବିଇଡି ନାମଲେଖା ପାଇଁ ମେଧା ତାଲିକା

ଭୁବନେଶ୍ୱର, ୧୧।୮ (ସମିସ): ଦୁଇ ବର୍ଷିଆ ବିଇଡି, ଏମ୍‌ଇଡି ଓ ବିଏଚ୍‌ଇଡି ପାଠ୍ୟକ୍ରମରେ ନାମଲଖା ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଉପଲବ୍ଧ ଥିବା ସମସ୍ତ ୨୮୨୫ ଟି ସିଟ୍‌ରେ ନାମଲେଖା ପାଇଁ ୨୮୨୫ ଜଣ ଏହି ରାଉଣ୍ଡରେ ଚୟନ ହୋଇଛନ୍ତି। ଅର୍ଥାତ୍ ସମସ୍ତ ସିଟ୍‌ରେ ନାମଲେଖା ପାଇଁ ପିଲାଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରେ ୧୩୨୯ ଜଣ ଛାତ୍ର ଏବଂ ୧୪୯୬ ଜଣ ଛାତ୍ରୀ ରହିଛନ୍ତି। ମେଧାବୀ ପିଲାମାନେ ଫ୍ରିଜ୍ ବିକଳ୍ପ ଚୟନ କରିବା ପରେ ନାମଲେଖା ଫି’ ଅନଲାଇନ ମାଧ୍ୟମରେ ପୈଠ କରିବେ ଓ ଆସନ୍ତା ୧୪ ତାରିଖ ସୁଦ୍ଧା ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ନାମଲେଖା ପ୍ରକ୍ରିୟା ସାରିବେ। ସେହିପରି ସ୍ଲାଇଡ୍ ବିକଳ୍ପ ବାଛୁଥିବା ପିଲାମାନେ କେବଳ ଅନଲାଇନରେ ନାମଲେଖା ଫି’ ପୈଠ କରିବେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବେ।


## AFFIDAVIT

By virtue of an Affidavit sworn before Executive Magistrate, Cuttack, dtd.22/07/2026. I ,Jitendra Choudhury, S/o. Late Ashok Kumar Choudhury of Mangalabag, Gopalsahi, Po-Buxibazar, P.S-Mangalabag, Dist.-Cuttack declare that I have changed the name of my daughter From Havya Hansika Choudhury to Havya Hanshika. Henceforth she shall be known as **Havya Hanshika** for all purposes.

**Jitendra Choudhury**

## AFFIDAVIT

By virtue of an Affidavit sworn before Executive Magistrate, Nayagarh, dtd.03.08.2026. I, Jayanta Kumar Mohapatra, S/o Jagabandhu Mohapatra, Vill-Baghara, P.O.- Biruda, P.S.-Itamati, Dist.- Nayagarh do hereby declare that I have changed my name from Jayant Kumar Mohapatra To Jayanta Kumar Mohapatra. Henceforth I shall be known as **Jayanta Kumar Mohapatra** for all purposes.

**Jayanta Kumar Mohapatra**

## NOTICE

By virtue of an affidavit sworn before the Executive Magistrate, Athmallik dated 10th August 2026, I, Mrs. KOIL NAIK address Wife of ANTARYAMI NAIK, Village : TIKARPADA, P.O. : TIKARPADA, P.S.: BOUDH , District: BOUDH, PIN : 762026 , STATE : ODISHA, declare that I have changed the name of my daughter from “PRIYA NAIK” to “TULASI NAIK”. Henceforth, she shall be known as **“TULASI NAIK”** for all purposes.

**KOIL NAIK**

## AFFIDAVIT

I, Chhatram Singh, S/o. Late Siba Singh, resident of L.P-84, Prasanti Vihar, Po.-KIIT, Ps.- Infocity, Bhubaneswar, Dist.- Khordha, Pin: 751024, Odisha declare by this affidavit No. Vol.-II, Sl. No.- 381, Dtd.: 11.08.2025 that, now onwards I shall be known as **CHHOTRAM SINGH** for all future purposes.

## AFFIDAVIT

By virtue of an affidavit (SL No. A/33, dtd- 10.08.2026) sworn before The Executive Magistrate, Panposh, Uditnagar, Rourkela. I, **Roshni Biswakarma** (new name), resident of AT- Sibshankar Nagar, Rourkela-1, PS-Plantsite, Dist- Sundargarh, Odisha, PIN- 769001 declare that I have changed my name from **Roshani Kumari** (old name) to **Roshni Biswakarma** (new name). Henceforth, I shall be known as **Roshni Biswakarma** (new name) for all purposes.

**Roshni Biswakarma**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁପ୍ରିମ୍‌କୋର୍ଟରେ ‘ଡିଜି’...

ଜଣ ବରିଷ୍ଠ ଆଇପିଏସ୍‌ଙ୍କ ନାମ ପଠାଯାଇଥିଲା। ସେଥିରେ ୩ ଜଣ ଡ଼ିଜି ପାହ୍ୟା ଓ ୮ ଜଣ ଏଡ଼ିଜି ପାହ୍ୟାର ଅଧିକାରୀ ଥିଲେ। ମାତ୍ର ଏମାନଙ୍କ ମଧ୍ୟରୁ ୩ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ କୁମାର ନାଥ ଓ ଆର୍.ପି. କୋଚେଙ୍କ ନାମ ଚର୍ଚ୍ଚାରେ ରହିଥିଲା।

ଗତ ୭ ତାରିଖରେ ୟୁପିଏସ୍ ଅଧ୍ୟକ୍ଷ ଅଜୟ କୁମାରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଚୟନ କମିଟି ବୈଠକ ଅଧାରୁ ବାତିଲ ହୋଇଥିଲା। କମିଟିର ସଦସ୍ୟ ଭାବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଡିଜିପି ୱାଇ.ବି ଖୁରାନିଆ ଉପସ୍ଥିତ ଥିଲେ। ବରିଷ୍ଠତା ଭିତ୍ତିରେ ୧୯୯୦ ବ୍ୟାଚ୍ ର ସୁଧାଂଶୁ ଷଡଙ୍ଗୀ, ୧୯୯୩ ବ୍ୟାଚ୍‌ର ସୁଶାନ୍ତ ନାଥ ଓ ଆର ପି କୋଚେଙ୍କ ନାଁ ରାଜ୍ୟ ସରକାରଙ୍କୁ ସୁପାରିସ କରିବା ପାଇଁ ପ୍ରାୟ ଚୂଡ଼ାନ୍ତ ହୋଇଥିଲା। ମାତ୍ର ବୈଠକ ଚାଲିଥିବା ସମୟରେ ଆକସ୍ମିକ ଭାବରେ ୧୯୯୩ ବ୍ୟାଚ୍ ଆଇପିଏସ୍ ସୁଶାନ୍ତ ନାଥଙ୍କୁ ସମ୍ଭାବ୍ୟ ସୂଚୀରୁ ବାଦ ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବ ଓ ଡ଼ିଜିଙ୍କୁ ଖବର ଦିଆଯାଇଥିଲା। ଓପିଆରବି ପରିଚାଳିତ ପୁଲିସ ସବ୍‌ଇନ୍ସପେକ୍ଟର ପରୀକ୍ଷା ପ୍ରସଙ୍ଗରେ ସୁଶାନ୍ତ ନାଥଙ୍କ ନାମରେ ମାମଲା ତଦନ୍ତାଧୀନ ଥିବା ଏବଂ ସରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଥିବା ଯୋଗୁଁ ତାଙ୍କୁ ଏହି ସୂଚୀରେ ସ୍ଥାନ ନ ଦେବା ପାଇଁ ମୁଖ୍ୟ ସଚିବ ଓ ଡ଼ିଜି ୟୁପିଏସ୍‌ସିକୁ ଅବଗତ କରିଥିଲେ। ମାତ୍ର ୟୁପିଏସସି ଅଧ୍ୟକ୍ଷ ଏହାର ବୈଧ ଦସ୍ତାବିଜ୍ ମାଗିବାରୁ ରାଜ୍ୟ ସରକାର ସମୟ ନେଇଥିଲେ ଓ କୌଣସି ନାମ ସୁପାରିସ ବିନା ବୈଠକ ଶେଷ ହୋଇଥିଲା। ଏହାର ଦୁଇଦିନ ପରେ ଅର୍ଥାତ ଗତକାଲି ସଞ୍ଜୀବ ପଣ୍ଡା ଓ ୱାଇ.କେ. ଜେଠୱାଙ୍କୁ ଡ଼ିଜି ପଦକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଫଳରେ ପରବର୍ତ୍ତୀ ଡିଜି ପଦକୁ ନେଇ ନୂଆ ସମୀକରଣ ସୃଷ୍ଟି ହୋଇଛି। ନିଜ ପସନ୍ଦର ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଡ଼ିଜି ପଦ ଦେବା ଲାଗି ସରକାର ଏପରି କାର୍ଯ୍ୟ କରିଥିବା ଅଭିଯୋଗକାରୀ ଆବେଦନରେ ଉଲ୍ଲେଖ କରିଛନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏହି ପିଆଇଏଲ୍ ପଛରେ ରାଜ୍ୟର ଜଣେ ଡ଼ିଜି ଆଶାୟୀ ବରିଷ୍ଠ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ଚିଦାମ୍ବରମ୍ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଓ ସୁପ୍ରିମକୋର୍ଟରେ ମାମଲା ଲଢ଼ିବା ପାଇଁ ସେ ଗୋଟିଏ ଉପସ୍ଥିତି (ଆପିଅରାନ୍ସ) ର ଫି ବାବଦରେ ଅନ୍ୟୂନ ୫୦ ଲକ୍ଷ ଟଙ୍କା ନେଇଥାଆନ୍ତି। ତେଣୁ ଏତେ ଟଙ୍କା କିଏ ଭରଣା କରିବ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

## ସଂସଦ ପରିସର...

ଧରି ଏକ ମାନବ ଶୃଙ୍ଖଳା ତିଆରି କରି ଦୁଇ ଗୋଷ୍ଠୀଙ୍କୁ ପୃଥକ ରଖିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଗତ ଜୁଲାଇ ୨୦ରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ଉତ୍ତର ଦାବି କରିଥିଲେ। ଏହା ସହିତ ଅଯୋଧ୍ୟା ରାମ ମନ୍ଦିର ପାଣ୍ଠିରେ ଦୁର୍ନୀତି ଉପରେ ମଧ୍ୟ ସେମାନେ ଆଲୋଚନା ପାଇଁ ମଧ୍ୟ ଦାବି କରୁଥିଲେ। ଅନ୍ୟପଟେ, ବିଜେପି ସାଂସଦମାନେ ଝାଡ଼ଖଣ୍ଡରେ ଚାକିରି ଆଶାୟୀ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜକୁ ନେଇ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ଝାଡ଼ଖଣ୍ଡରେ ଛାତ୍ରଙ୍କ ଉପରେ ଲାଠିଚାର୍ଜ ପାଇଁ ରାହୁଲ ଗାନ୍ଧୀ ଜବାବ ଦିଅନ୍ତୁ ବୋଲି ସେମାନେ ବ୍ୟାନର ଧରି ସ୍ଲୋଗାନ ଦେଇଥିଲେ।

ବିଜେପି ସାଂସଦ ଅନୁରାଗ ଠାକୁର ଅଭିଯୋଗ କରିଛନ୍ତି ଯେ, ରାହୁଲ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରୁଥିବା ବେଳେ ଝାଡ଼ଖଣ୍ଡରେ ନିଜ ସରକାରର ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ନିରବ ରହି ଦୋମୁହାଁ ନୀତି ପ୍ରଦର୍ଶନ କରୁଛନ୍ତି। ପ୍ରତିବାଦ ସମୟରେ ପ୍ରିୟଙ୍କା ଭଦ୍ରା ଯାଉଥିବା ସମୟରେ ବିଜେପି ସାଂସଦ ମୁକେଶ ଦଲାଲ ‘ସରମ୍ କରୋ ରାହୁଲ ଗାନ୍ଧୀ’ ବୋଲି କହିଥିଲେ। ଉତ୍ତରରେ ପ୍ରିୟଙ୍କା କହିଥିଲେ ଯେ ରାହୁଲ ଗାନ୍ଧୀ ପୂର୍ବରୁ ହିଁ ଝାଡ଼ଖଣ୍ଡର ଛାତ୍ରଛାତ୍ରୀଙ୍କୁ ଭେଟି ସାରିଛନ୍ତି। ପରେ ପ୍ରିୟଙ୍କା ଗଣମାଧ୍ୟମକୁ କହିଥିଲେ, ବିରୋଧୀଙ୍କ ଚାପ ଯୋଗୁଁ ପ୍ରଥମ ଥର ପାଇଁ ଶାସକ ଦଳର ସାଂସଦମାନେ ନିଜେ ପ୍ରତିବାଦ କରିବାକୁ ବାଧ୍ୟ ହୋଇଛନ୍ତି।

ସଂସଦ ବାହାରେ ଏହି ଉତ୍ତେଜନାପୂର୍ଣ୍ଣ ପରିବେଶ ଥିବା ବେଳେ ଭିତରେ ମଧ୍ୟ ଅଚଳାବସ୍ଥା ଜାରି ରହିଥିଲା। ବାଚସ୍ପତି ଓମ ବିର୍ଲା ବିରୋଧୀଙ୍କୁ ଗୃହ କାର୍ଯ୍ୟ ଚଳାଇବାକୁ ଅନୁରୋଧ କରିଥିଲେ ମଧ୍ୟ ହଟ୍ଟଗୋଳ ଯୋଗୁଁ ଲୋକସଭା ବାରମ୍ବାର ମୁଲତବୀ ହୋଇଥିଲା। ସରକାରଙ୍କ ପକ୍ଷରୁ କିରଣ ରିଜିଜୁ କହିଥିଲେ ଯେ ଯଦି ଗୃହ ସ୍ୱାଭାବିକ ଭାବେ ଚାଲେ, ତେବେ ଗୃହମନ୍ତ୍ରୀ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ଅଛନ୍ତି। ତେବେ ରାହୁଲ ଗାନ୍ଧୀକହିଛନ୍ତି ଯେ ଛାତ୍ରଛାତ୍ରଙ୍କ ଉପରେ କିଏ ଓ କାହିଁକି ପେଲେଟ୍ ଗନ୍ ମାଡ଼ ପାଇଁ ନିର୍ଦ୍ଦେଶ ଦେଇଥିଲା, ତାହାର ନିର୍ଦ୍ଦିଷ୍ଟ ଜବାବ ଦରକାର। ତେବେ ଅଚଳାବସ୍ଥା ମଧ୍ୟରେ ରାଜ୍ୟସଭାରେ ଟ୍ରିବ୍ୟୁନାଲ ସଂସ୍କାର ବିଲ୍ ପାସ୍ ହୋଇଥିବା ବେଳେ ଲୋକସଭାରେ କେରଳର ନାମ କେରଲମ କରିବାକୁ ବିଲ୍ ପାସ୍ ହୋଇଥିଲା। ଅନ୍ୟପକ୍ଷରେ ପ୍ରସ୍ତାବିତ ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ଆଇନ ସଂକ୍ରାନ୍ତ ବିଲକୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଏହି ବିଲକୁ ସରକାର ଜେପିସିକୁ ପଠାଇବାକୁ ଚାହୁଥିବା ବେଳେ ବିରୋଧୀ ଦଳ ଏହାକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି।

## ୧୫ ପର୍ଯ୍ୟନ୍ତ...

,ଖୋର୍ଦ୍ଧା, ମୟୁରଭଞ୍ଜ, ଢେଙ୍କାନାଳ, ବରଗଡ଼, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ ଓ ଝାରସୁଗୁଡା ଆଦି ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅବଶିଷ୍ଟ ୧୩ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ କେନ୍ଦ୍ର କହିଛି। ଏହା ସହ ୧୫ ତାରିଖ ଯାଏଁ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମ ମହାନ୍ତି କହିଛନ୍ତି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳରେ ୩୫-୪୫ କିମି ବେଗରେ ପବନ ବହିବା ସହ ଏହା ସର୍ବାଧିକ ୫୫ କିମି ପର୍ଯ୍ୟନ୍ତ ପହଞ୍ଚିପାରେ। ପବନର ବେଗ ଅଧିକ ହେତୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

## ଜାପାନରୁ ଫେରିବ...

ଅନୁରୋଧ କରାଯାଇଛି। ୧୯୪୫ ଅଗଷ୍ଟରେ ନେତାଜୀଙ୍କ ନିଖୋଜ ହେବା ଘଟଣାକୁ ନେଇ ଅନେକ ବର୍ଷ ଧରି ବିଭିନ୍ନ ତର୍କ ଓ ମତବାଦ ରହିଆସିଛି। କେତେକ ରିପୋର୍ଟ ଅନୁଯାୟୀ, ନେତାଜୀଙ୍କ ଅବଶେଷ ଜାପାନର ରେଙ୍କୋଜି ମନ୍ଦିରରେ ସଂରକ୍ଷିତ ହୋଇ ରହିଛି। ନେତାଜୀଙ୍କ କନ୍ୟା ଅନିତା ଦୀର୍ଘ ଦିନ ଧରି ଏହି ଚିତାଭସ୍ମକୁ ଭାରତ ଫେରାଇ ଆଣିବା ପାଇଁ ଦାବି କରି ଆସୁଛନ୍ତି।

## ବଜ୍ରପାତରେ ୪ ମହିଳା...

କରାଯାଇଛି। ସମସ୍ତ ଆହତଙ୍କ ଘର ବି ଛତିଶଗଡ଼ର ଯଶପୁର ଜିଲ୍ଲା ଅଧୀନ ତୁମଲା ଗ୍ରାମରେ ବୋଲି ଜଣାପଡ଼ିଛି। ସେହିପରି ଜିଲ୍ଲାର ବଣାଇଁ ଥାନା ଅଧୀନ ଇନ୍ଦ୍ରପୁର ଗ୍ରାମରେ ଚାଷଜମିରେ ଧାନ ରୁଆ ଚାଲିଥିବାବେଳେ ହଠାତ୍ ବଜ୍ରପାତ ଘଟି ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଇନ୍ଦ୍ରପୁର ଗ୍ରାମର ଏକ ଚାଷଜମିରେ ୧୧ ଜଣ ମହିଳା ଧାନ ରୁଆ କାମ କରୁଥିଲେ। ଅପରାହ୍ନରେ ହଠାତ୍ ଆକାଶରେ ଘଡ଼ଘଡ଼ି ସହ ବିଜୁଳି ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସୁନିତା ଓରାମ (୩୩) ଓ ଦ୍ରୌପଦୀ କିଷାନ (୩୫) ଗୁରୁତର ହୋଇ ଚାଷଜମିରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ, ଟିକାୟତପାଲି ଥାନା ଅଧୀନ ଝିରଡାପାଲି ଗ୍ରାମର ସଞ୍ଜୁକ୍ତା ଚାରଦିଆ (୪୦) ମଧ୍ୟ ଚାଷଜମିରେ କାମ କରୁଥିବା ସମୟରେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଯୁବକଙ୍କ ମୃତ୍ୟୁ...

ବଜ୍ରପାତରେ ସୁପାଇ ହାଁସଦା (୨୪) ଓ ବିଜୁ ଟୁଡୁ (୨୫) ଆହତ ହୋଇଛନ୍ତି। ଉଭୟଙ୍କୁ କିଷାନତାଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ପୁଲିସ ଶିବଶଙ୍କରଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶିବଶଙ୍କରଙ୍କ ଅକାଳ ମୃତ୍ୟୁରେ ପରିବାରବର୍ଗଙ୍କ ସମେତ କାପୋଇ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦେଶରେ ଓଡ଼ିଶା...

ଥିଲା। ଆନ୍ଧ୍ର ପ୍ରଦେଶକୁ ୨୩୧୩୪ କୋଟି, ଛତିଶଗଡ଼କୁ ୨୮୧୦୩ କୋଟି, ହରିୟାଣାକୁ ୧୩୩୯୫ କୋଟି, ପଞ୍ଜାବକୁ ୧୪୭୩୨ କୋଟି, ତେଲେଙ୍ଗାନାକୁ ୩୪୫୩୩ କୋଟି ପରି ବୃହତ୍ ସହାୟତା ମିଳିଥିଲା। ଅନ୍ୟ କେତେକ ରାଜ୍ୟଙ୍କୁ ମଧ୍ୟ ହଜାର ହଜାର କୋଟି ଟଙ୍କାର ସହାୟତା ମିଳିଥିବା ବେଳେ ଓଡ଼ିଶାକୁ ମାତ୍ର ୭ କୋଟିର ସହାୟତା ମିଳିଛି। ସମବାୟ ବିଶେଷଜ୍ଞମାନଙ୍କ ଯୁକ୍ତି ଅନୁଯାୟୀ ରାଜ୍ୟର ସମବାୟ ସମିତିଗୁଡ଼ିକ ଯେତେ ଅଧିକ ପ୍ରକଳ୍ପ ପ୍ରସ୍ତାବ ପଠାଇବେ, ସେହି ଅନୁସାରେ ଋଣ ଓ ଅନୁଦାନ ମିଳିଥାଏ। ଓଡ଼ିଶାରୁ ବଡ଼ ଧରଣର ବ୍ୟବସାୟିକ କିମ୍ବା ଶିଳ୍ପଭିତ୍ତିକ ସମବାୟ ପ୍ରସ୍ତାବ କମ୍ ଯାଉଥିବାରୁ ଅନୁଦାନର ପରିମାଣ କମ୍ ରହୁଛି। ମହାରାଷ୍ଟ୍ର, ଗୁଜରାଟ ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଶତାଧିକ ସମବାୟ ଚିନି କଳ, ବଡ଼ ସମବାୟ ସୂତା କଳ ଏବଂ ବିଶାଳ ଦୁଗ୍ଧ ସମବାୟ ସଂଘ ରହିଛି। ଏହି ବଡ଼ ଶିଳ୍ପଗୁଡ଼ିକର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ହଜାର ହଜାର କୋଟି ଟଙ୍କାର ପାଣ୍ଠି ଆବଶ୍ୟକ ହୁଏ, ଯାହା ଏନ୍‌ସିଡିସି ଯୋଗାଇଥାଏ। ଓଡ଼ିଶାରେ ଏଭଳି ବୃହତ୍ ସମବାୟ ଶିଳ୍ପର ସଂଖ୍ୟା ଖୁବ୍ କମ୍, ତେଣୁ ସେହି ସ୍ତରର ବଡ଼ ପାଣ୍ଠି ଓଡ଼ିଶାକୁ ଆସିପାରୁ ନାହିଁ। ରାଜ୍ୟଗୁଡ଼ିକର ସମବାୟ ବ୍ୟାଙ୍କ, ପାକ୍ସ ଗୁଡ଼ିକର ଆର୍ଥିକ ସ୍ଥିତି ସୁଦୃଢ଼ ଥିଲେ ସେମାନେ ଏନସିଡିସିରୁ ମୋଟା ଅଙ୍କର ଋଣ ଉଠାଇଥାନ୍ତି। ଏନ୍‌ସିଡିସିରୁ ଋଣ ପାଇବାକୁ ହେଲେ ସମବାୟ ସମିତିଗୁଡ଼ିକର ଆର୍ଥିକ ସ୍ଥିତି ସ୍ୱଚ୍ଛ ଏବଂ ସେଗୁଡ଼ିକ ଲାଭଜନକ ହେବା ଆବଶ୍ୟକ। ଓଡ଼ିଶାର ଅନେକ ସମବାୟ ସମିତିର ଅଡିଟ୍ ପ୍ରକ୍ରିୟା ବିଳମ୍ବରେ ହେବା ଏବଂ କେତେକ ସମିତି ଆର୍ଥିକ ଦେବାଳିଆ ସ୍ଥିତିରେ ଥିବାରୁ, ସେମାନେ ଏନ୍‌ସିଡିସିର କଠୋର ଆର୍ଥିକ ଯୋଗ୍ୟତା ମାପଦଣ୍ଡ ପୂରଣ କରିପାରନ୍ତି ନାହିଁ। ତେଣୁ ଓଡ଼ିଶାକୁ ଅପେକ୍ଷାକୃତ ନଗଣ୍ୟ ଋଣ ମିଳୁଥିବା ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ଡବଲ ଇଞ୍ଜିନ ସରକାର ରାଜ୍ୟରେ ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନେଇ ଅନେକ ଦାବି ତଥା ପ୍ରତିଶ୍ରୁତି ରଖୁଛନ୍ତି। ମାତ୍ର କାର୍ଯ୍ୟକ୍ଷେତ୍ରରେ ଏହା ପ୍ରତିଫଳିତ ହୋଇପାରୁ ନାହିଁ। ଏ କ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଆନ୍ତରିକତାର ଅଭାବ ରହିଛି। ଗତ ଆର୍ଥିକ ବର୍ଷରେ ଏନସିଡିସି ମାର୍କେଟିଂ ତଥା ଫିସେରୀ କ୍ଷେତ୍ରରେ ଓଡ଼ିଶାକୁ ଟଙ୍କାଟିଏ ମଧ୍ୟ ପ୍ରଦାନ କରିନାହିଁ। ତେଣୁ ରାଜ୍ୟର ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ହେଲେ ଉଭୟ ରାଜ୍ୟ ତଥା କେନ୍ଦ୍ର ସରକାର ଏନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଯାହାଫଳରେ ଏହା ଗ୍ରାମାଞ୍ଚଳରେ କୃଷକ, ମହିଳା ତଥା ଉଦ୍ୟୋଗୀମାନଙ୍କୁ ଆତ୍ମନିର୍ଭର ଭାବେ ଗଢ଼ିତୋଳିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ପୋଲାଭରମ କ୍ଷତିଗ୍ରସ୍ତଙ୍କ...

କାମ ୯୬.୮୭ ପ୍ରତିଶତ ଶେଷ ହୋଇଛି। କଂକ୍ରିଟ୍ କାମ ୯୮.୮୪ ପ୍ରତିଶତ ଓ ଷ୍ଟିଲ୍ କାମ ୯୨.୯୫ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ସରକାରୀ ତଥ୍ୟ ଅନୁସାରେ ପୋଲାଭରମ ଯୋଗୁଁ ମୋଟ ୯୬,୬୬୦ଟି ପ୍ରକଳ୍ପ ବିସ୍ଥାପିତ ପରିବାର ପ୍ରଭାବିତ ହେବେ। ପ୍ରଥମ ପର୍ଯ୍ୟାୟର +୪୧.୧୫ ମିଟର ଜଳସ୍ତର ପର୍ଯ୍ୟନ୍ତ ପ୍ରଭାବିତ ପରିବାରଙ୍କ ମଧ୍ୟରୁ ୧୭,୮୯୨ ପରିବାରଙ୍କୁ ଏପର୍ଯ୍ୟନ୍ତ ଭୌତିକ ଭାବେ ସ୍ଥାନାନ୍ତର କରାଯାଇଛି। ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ଏପର୍ଯ୍ୟନ୍ତ ୧,୩୭୩.୦୧ କୋଟି ଟଙ୍କା ନଗଦ ସହାୟତା ଓ ବିଭିନ୍ନ ଅଧିକାର-ସୁବିଧା ବାବଦରେ ପ୍ରଦାନ ହୋଇଥିବାବେଳେ ଏ ସଂକ୍ରାନ୍ତ କାମରେ ୧,୫୮୧.୦୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ମାର୍ଚ୍ଚ ୨୦୨୬ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଆବଶ୍ୟକ ହେଲେ ଆଉ ଗୋଟିଏ ବର୍ଷ ସମୟ ବଢ଼ାଇବାର ବ୍ୟବସ୍ଥା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ମାତ୍ର ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରକଳ୍ପ ପ୍ରଭାବିତଙ୍କ ମଧ୍ୟରେ କେବଳ ଆନ୍ଧ୍ର ପ୍ରଦେଶର କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ ସୂଚନା ଦେଇଥିବାବେଳେ ଓଡ଼ିଶାର ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି। ଓଡ଼ିଶାର ହଜାର ହଜାର ଆଦିବାସୀ ଏହି ପ୍ରକଳ୍ପ ଯୋଗୁଁ ଭିଟାମାଟି ହରାଇବାର ଆଶଙ୍କା ରହିଛି। ଶହଶହ ଏକର ଚାଷ ଜମି ଓ ଜଙ୍ଗଲ ଜମି ଜଳମଗ୍ନ ହେବ। ମାତ୍ର ସମ୍ପୃକ୍ତ ପରିବାରର ସୁରକ୍ଷା, ପୁନର୍ବାସ ଓ ଜୀବିକାର ଗ୍ୟାରେଣ୍ଟି କିଏ ଦେବ? ଏହି ଆଦିବାସୀମାନଙ୍କର ଜୀଇବାର ହକ୍ ନାହିଁ ନା ସେମାନଙ୍କ ଜୀବନର ମୂଲ୍ୟ ନାହିଁ?


WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-13/2026-27

34001/613/2627

1. Number of works -(01)
2. Approximate estimated cost: - 13.54 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 13.08.2026 to 19.08.2026
5. Last Date / Time of receipt of bid in the portal :- Dt. 19.08.2026 up to 5.00 PM
6. Date of Opening of bid:- Dt. 20.08.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR-34001/34025/1/26-27/0011

**OFFICE OF THE NOTIFIED AREA COUNCIL, ATHMALLIK.**

NO. 2947 e-Procurement DT. 10.08.26

13001/1494/2627 **Bid identification No.Alkn-02/2026-27**

Bid documents consisting of work, estimated cost, cost of tender paper, EMD time of completion, Class of contractors and the set of term and conditions of contract and detals of other necessary documents can be seen in Govt.website i.e. www.tendersorissa.gov.in

| | | | |
|---|---|---|---|
| 1. | Name of the works | : | Electrical works & Civil work |
| 2. | No. of works | : | 02nos. |
| 3. | Estimated cost | : | Rs.5,26,282/- & 13,73,086/- |
| 4. | Date & Time of availability of Bid Documents in the portal | : | From 10.00A.M of dt.11.08.2026 to 17.08.2026 Up to 5.00P.M |
| 5. | Last Date of receive of Bid through Online | : | On or before 17.08.2026 up to 5.00P.M |
| 6. | Submission of original Document (DD/ EMD/ Affidavit) | : | On 18.08.2026 upto 11.00AM |
| 7. | Date of opening of bid on | : | At 11.00A.M on.18.08.2026 |

Executive Officer
N.A.C Athmallik.

OIPR-13001/13161/1/26-27/0004

**SBI | ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** | ଯାଜପୁର ରୋଡ୍ ଶାଖା, ଯାଜପୁର | **ଇ-ନିଲାମ ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡ଼ିକୁ ଦଖଲ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି ।

ଇ-ନିଲାମର ତାରିଖ ଏବଂ ସମୟ: ତା୨୦.୦୮.୨୦୨୬ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ
ଗାଡ଼ି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ତା.୧୯.୦୮.୨୦୨୬ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

| କ୍ର. ନଂ | ଋଣଗ୍ରହୀତା/ଗ୍ୟାରେଣ୍ଟି ଦାତାଙ୍କ ନାମ ଠିକଣା | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧ | ଋଣଗ୍ରହୀତା: ଶ୍ରୀ ବିବେକ କୁମାର ତିୱାରୀ, ପିତା- ଜନାର୍ଦ୍ଦନ ତିୱାରୀ, ଦଳା ଛକ, ଘର ନଂ.- 28JR 33, ଶିବ ମନ୍ଦିର ନିକଟ, ଯାଜପୁର ରୋଡ୍, ଯାଜପୁର | Model: Celerio ZXi; Year of Manufacture: 2017; Regd. No.: OD-05Z-6804; Chassis No.: MA3ETDE1S00390336; Engine No.: K10BN 7892424 | ତା.୧୧.୦୮.୨୦୨୬ ସୁଦ୍ଧା ଟ.୫,୨୭,୫୩୬/-+ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧,୦୮,୦୦୦/- / ୧୦,୮୦୦/- / ୫୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://baanknet.com ପରିଦର୍ଶନ କରନ୍ତୁ । ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦ ୨୨୦କୁ କଲ୍ କରନ୍ତୁ । ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.BAANKNET@psballiance.comକୁ ଇମେଲ କରନ୍ତୁ । ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ https://baanknet.com ଦେଖନ୍ତୁ । ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ https://baanknet.com କୁ ଇମେଲ କରନ୍ତୁ । ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ https://baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd, ଯୋଗାଯୋଗ ନଂ.: ୭୭୩୫୬୩୬୭୦୦ ସହିତ ଯୋଗାଯୋଗ କରନ୍ତୁ ।

https://baanknet.com ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି । ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ ।

ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : www.sbi.co.in & https://baanknet.com

ଗାଡିର ପାର୍କିଂ ସ୍ଥାନ: ଭାରତୀୟ ଷ୍ଟେଟ ବ୍ୟାଙ୍କ, ଯାଜପୁର ରୋଡ, ଯାଜପୁର

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ୭୭୩୫୬୩୬୭୦୦ (କ୍ଷମତାପ୍ରାପ୍ତ ଅଧିକାରୀ), ଯାଜପୁର ରୋଡ୍ ଶାଖା, ଯାଜପୁର

ତାରିଖ: ୧୧.୦୮.୨୦୨୬
ସ୍ଥାନ : ଯାଜପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**IDBI BANK** | କ୍ଷେତ୍ରୀୟ କାର୍ଯ୍ୟାଳୟ, ଆଇଡ଼ିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨ CIN-L65190MH2004GOI148838 | **ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ **୧୭.୦୯.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା (କ୍ର. ନଂ. ୧ ନିମନ୍ତେ) ଏବଂ ୨୮.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା (କ୍ର. ନଂ. ୨ ନିମନ୍ତେ)** ମଧ୍ୟରେ ସ୍ଥାବର ସମ୍ପତ୍ତି ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍। ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୬(୨) ଏବଂ ରୁଲ୍ ୮(୬)/୯(୧) ପ୍ରାବଧାନ ସହିତ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା, ବନ୍ଧକଦାତା ଏବଂ ଜାମିନଦାରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ଆଇଡ଼ିବିଆଇ ବ୍ୟାଙ୍କ ଲିଃ.)ଙ୍କ ନିକଟରେ ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି। ନିମ୍ନରେ ଦର୍ଶିତ ପ୍ରତ୍ୟେକ ଋଣଗ୍ରହୀତାମାନଙ୍କ ଠାରୁ ବକେୟା ଋଣରାଶି ଆଦାୟ କରିବାପାଇଁ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀମାନେ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ। ପୁନଶ୍ଚ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ କ୍ଷମତା ପ୍ରୟୋଗ କରି ସମ୍ପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଡିମାଣ୍ଡ ନୋଟିସ୍ ଅନୁଯାୟୀ ଆଇଡ଼ିବିଆଇ ବ୍ୟାଙ୍କ ଲିଃ. ବକେୟା ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ବ୍ୟାଙ୍କ ଦେୟ ବିଯୁକ୍ତ ଆଦାୟ ହୋଇଥିବା ରାଶି ଯଦି ଥାଏ ତାହା ଆଦାୟ କରିବାପାଇଁ ସୁରକ୍ଷିତ ସମ୍ପତ୍ତିକୁ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ଯାଉଛନ୍ତି। ସର୍ବସାଧାରଣ ବ୍ୟକ୍ତିଗତ ଭାବେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରସ୍ତାବ ଦାଖଲ ପାଇଁ ଆମନ୍ତ୍ରଣ କରାଯାଉଅଛି। ଋଣଗ୍ରହୀତା(ମାନ) / ବନ୍ଧକଦାତା(ମାନ) / ଜାମିନ୍‌ଦାର(ମାନ) / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଏବଂ ସମୟ, ଅମାନତ ରାଶି ଏବଂ ବିଡ୍ ବୃଦ୍ଧି ରାଶିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ବିକ୍ରୟ ଅନୁସୂଚୀ:**

| କ୍ର. ନଂ. | ଋଣଗ୍ରହୀତା / ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | କ) ଡ଼ିମାଣ୍ଡ ନୋଟିସ୍ ତାରିଖ ଖ) ସାଙ୍କେତିକ ଦଖଲ ତାରିଖ ଗ) ବକେୟା ଦେୟ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ରାଶି |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅଭିଷେକ ମହାନ୍ତି / ସହ-ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ମହାନ୍ତି, ଉଭୟଙ୍କ ଯୋଗାଯୋଗ/ସ୍ଥାୟୀ ଠିକଣା- ପ୍ଲଟ୍ ନଂ.: ୧୮୮୪/୨୦୯୪, ବାଲିଅନ୍ତା ରୋଡ୍, ଆଇଓବି ବ୍ୟାଙ୍କ ନିକଟ, ବାଲିଅନ୍ତା, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୨୧୦୧ | କ) ୧୫.୦୫.୨୦୨୬ ଖ) ୨୪.୦୭.୨୦୨୬ ଗ) ୩୧.୦୭.୨୦୨୬ ସୁଦ୍ଧା ଟ.୩୭,୭୧,୦୫୭.୦୦ ଏବଂ ସେବାବଦ ସୁଧ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୧ (ଟାଇପ୍- ୩ ବିଏଚ୍‌କେ), ସୁପର ବିଲ୍ଟ ଅପ୍ ଏରିଆ: ୧୪୬୯ ବର୍ଗଫୁଟ, ୪ର୍ଥ ମହଲା, ହର୍ଷପ୍ରିୟା ରିଟ୍ରିଟ୍ ଆପାର୍ଟମେଣ୍ଟ ସହିତ ସମୁଦାୟ କ୍ଷେତ୍ର: ଏକର୦.୨୨୦ ଡିସିମିଲ୍‌ରୁ ଆନୁପାତିକ ଅବିଭକ୍ତ ଜମିର ଅଂଶ ସହିତ ଷ୍ଟିଲ୍ଟ ଫ୍ଲୋରରେ ଥିବା ଏକ ପାର୍କିଂ ସ୍ଥାନ, ହାଲ୍ ମ୍ୟୁଟେସନ୍ ଖାତା ନଂ.: ୬୨୩/୧୯୫, ପ୍ଲଟ୍ ନଂ.: ୩୨୮, ସତ୍ତ୍ୱ: ସ୍ଥିତିବାନ, କିସମ: ଘରବାରି/ହୋମଷ୍ଟେଡ, ଅନୁରୂପ ଖାତା ନଂ.: ୧୬୩, ମୌଜା: ଅଣ୍ଡିଲୋ, ଥାନା ନଂ.: ୧୪ (ବାଲିଅନ୍ତା), ତହସିଲ/ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ପିନ୍-୭୫୨୧୦୧, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା, ଜମିର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୩୨୯ ଏବଂ ୩୩୧, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୩୨୧ (ସରକାରୀ ଜମି), ଦକ୍ଷିଣ: ପ୍ଲଟ୍ ନଂ. ୩୨୭ (ଶ୍ରୀ ନଳିନୀକାନ୍ତ ଆଚାର୍ଯ୍ୟ), ସହିତ ସେଠାରେ, ଉଭୟ ବର୍ତ୍ତମାନ ଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ବିଲ୍ଡିଂ ଏବଂ ଷ୍ଟ୍ରକ୍‌ଚର୍ | ଟ.୫୭,୯୦,୦୦୦/- / ଟ.୫,୭୯,୦୦୦/- / ଟ.୫୦,୦୦୦/- |
| | **ଅମାନତ ରାଶି ଜମାର ଅନ୍ତିମ ତାରିଖ : ୧୬.୦୯.୨୦୨୬ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ** | | | |
| | **ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା୧୧.୦୯.୨୦୨୬ରିଖ ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ, ପ୍ରାକ୍ ସୂଚନା ସହିତ** | | | |
| ୨. | ଋଣଗ୍ରହୀତା: ଶ୍ରୀ ଲଳିତ ନାରାୟଣ ରଥ, ପିତା: ଲକ୍ଷ୍ମୀ ନାରାୟଣ ରଥ / ସହ-ଋଣଗ୍ରହୀତା: ଶ୍ରୀମତୀ ସନ୍ତୋଷିନୀ ରଥ, ସ୍ୱାମୀ: ଲଳିତ ନାରାୟଣ ରଥ, ଉଭୟଙ୍କ ଠିକଣା-୧: ପ୍ଲଟ୍ ନଂ.: ୬୬୫/୩୦୭୧, ଶ୍ରୀ ବିହାର, ଲେନ୍ ନଂ.-୭, ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬, ଠିକଣା-୨: ପଣ୍ଡା ରେସିଡେନ୍ସି, ଫ୍ଲାଟ୍ ନଂ.: ପିଆର୍-ଡ଼ି-୧୦୭, ବ୍ଲକ୍-ଡ଼ି, ପ୍ରଥମ ମହଲା, ମୌଜା: ସତ୍ୟଭାମାପୁର, ରଙ୍ଗ ବଜାର, ଥାନା: ବାଲିଅନ୍ତା, ଭୁବନେଶ୍ୱର-୭୫୧୦୩୧ | କ) ୧୨.୧୨.୨୦୨୪ ଖ) ୧୨.୦୩.୨୦୨୫ ଗ) ୩୧.୦୭.୨୦୨୬ ସୁଦ୍ଧା ଟ.୫୬,୮୧,୦୯୮.୩୬ ଏବଂ ସେବାବଦ ସୁଧ | ପଣ୍ଡା ରେସିଡେନ୍ସି ନାମକ ଆପାର୍ଟମେଣ୍ଟରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ପିଆର୍-ଡ଼ି-୧୦୭, ପ୍ରଥମ ମହଲା, ଖାତା ନଂ.: ୨୫/୧୧, ପ୍ଲଟ୍ ନଂ.: ୭୦୮ ଏବଂ ଖାତା ନଂ.: ୨୫/୧୩, ପ୍ଲଟ୍ ନଂ.: ୭୦୮/୮୪୨, ମୌଜା: ସତ୍ୟଭାମାପୁର, ଥାନା/ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ (ପଞ୍ଜୀକୃତ ବିକ୍ରୟ ଦଲିଲ ଅନୁଯାୟୀ)- ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ. ୭୦୯, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୬୬୧, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ. ୭୨୩, ସହିତ ସେଠାରେ, ଉଭୟ ବର୍ତ୍ତମାନ ଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର ଓ ନିର୍ମାଣ | ଟ.୩୩,୪୫,୦୦୦/- / ଟ.୩,୩୫,୦୦୦/- / ଟ.୫୦,୦୦୦/- |
| | **ଅମାନତ ରାଶି ଜମାର ଅନ୍ତିମ ତାରିଖ : ୨୭.୦୮.୨୦୨୬ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ** | | | |
| | **ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା୨୬.୦୮.୨୦୨୬ରିଖ ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ, ପ୍ରାକ୍ ସୂଚନା ସହିତ** | | | |

RTGS / NEFT ମାଧ୍ୟମରେ ଅମାନତ ରାଶି ଦାଖଲ କରିବାର ଆକାଉଣ୍ଟ ଏବଂ IFSC Codeର ବିବରଣୀ: ଆକାଉଣ୍ଟ ନଂ.: ୦୪୨୩୪୯୧୫୦୧୦୦୨୬, IFSC Code: IBKL0000042

କ୍ଷମତାପ୍ରାପ୍ତ ଅଧିକାରୀ/ଡେଲାଗ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ଶୁକଦେବ ପାଲ- ସହାୟକ ମହାପ୍ରବନ୍ଧକ (୯୦୭୩୩୦୩୧୦୧), ସୁଜିତ କୁମାର ବେହେରା- ପ୍ରବନ୍ଧକ (୯୩୩୭୬୨୫୯୯୦)

ଇ-ନିଲାମ ବିକ୍ରୟର ସଂକ୍ଷିପ୍ତ ନିୟମ ଏବଂ ସର୍ତ୍ତାବଳୀ: ... IDBI Bank Ltd. ... www.idbibank.in ... https://baanknet.com ... https://psballiance.com ... PSB Alliance Private Limited (BAANKNET Platform) ... [illegible] ... www.idbibank.in ...

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୨.୦୮.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍

# ଆନ୍ତଃଜିଲ୍ଲା ବାଇକ୍ ଚୋରି ଓ ଚୋରା ମଦ କାରବାରର ପର୍ଦ୍ଦାଫାଶ

ବାଲେଶ୍ୱର, ୧୧।୮ (ସମିସ)



ସହଦେବଖୁଣ୍ଟା ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଜିଲ୍ଲା ଓ ଏହାର ପଡ଼ୋଶୀ ଭଦ୍ରକ ଏବଂ ମୟୂରଭଞ୍ଜ ଅଞ୍ଚଳରେ ଚାଲିଥିବା ଏକ ବଡ଼ ଧରଣର ଆନ୍ତଃଜିଲ୍ଲା ବାଇକ୍ ଚୋରି ଏବଂ ବେଆଇନ୍ ମଦ କାରବାର ରାକେଟ୍‌ର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ମାମଲାରେ ସଂପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୪ଟି ଚୋରା ବାଇକ୍ ଏବଂ ୨ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି ବୋଲି ସହଦେବଖୁଣ୍ଟା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ପରେଶ ରାଉତ ସୂଚନା ଦେଇଛନ୍ତି।

ଆଜି ଭୋର ପ୍ରାୟ ୫ଟାରେ ସହଦେବଖୁଣ୍ଟା ପୋଲିସ ହରିପୁର ଛକ ନିକଟରେ ନାଇଟ୍ ପାଟ୍ରୋଲିଂ ଏବଂ ଗାଡ଼ି ମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ନମ୍ବର ପ୍ଲେଟ୍ ନଥିବା ଏକ ବାଇକ୍‌ରେ ଆସୁଥିବା ସଦର ଥାନା ଧୂସୁଳି ଗ୍ରାମର ବୁବୁ ଓରଫ୍ ବିଶ୍ୱଜିତ୍ ଜେନା (୨୫)କୁ ପୁଲିସ ଅଟକାଇଥିଲା। ଗାଡ଼ିର ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ପୁଲିସ ସନ୍ଦେହରେ ତାଙ୍କୁ ପଚରାଉଚରା କରିବା ସହ ବାଇକ୍ ଓ ଗୋଟିଏ ମୋବାଇଲ୍ ଜବତ କରିଥିଲା। ବିଶ୍ୱଜିତ୍‌କୁ ଅଧିକ ପଚରାଉଚରା କରିବା ପରେ ତାଙ୍କ ଘରୁ ନମ୍ବର ପ୍ଲେଟ୍ ନଥିବା ଅନ୍ୟ ଏକ କଳା ରଙ୍ଗର ହୋଣ୍ଡା ସିବି ୟୁନିକର୍ଣ୍ଣ ବାଇକ୍ ଉଦ୍ଧାର କରାଯାଇଥିଲା। ପୋଲିସ ତଦନ୍ତକୁ ଆଗକୁ ନେଇ ଗୋପୀନାଥପୁର ଅଞ୍ଚଳରେ ପ୍ଲାଷ୍ଟିକ୍ ପାଲ ଘୋଡ଼ାଯାଇ ଲୁଚାଯାଇଥିବା ଅନ୍ୟ ଏକ ହୋଣ୍ଡା ସିବି ସାଇନ୍ (ଓଡ଼ି-୦୧ଏଏ-୯୭୪୮) ବାଇକ୍ ଜବତ କରିଥିଲା। ଯାଞ୍ଚ ପରେ ଏହି ବାଇକ୍‌ର ପ୍ରକୃତ ନମ୍ବର (ଓଡ଼ି-୨୨କ୍ୟୁ-୯୫୪୫) ବୋଲି ଜଣାପଡ଼ିଥିଲା। ଏହାସହ ସହଦେବଖୁଣ୍ଟା ଖାପରାପଦା ସ୍ଥିତ ଶେଖ୍ ହାମିଦ୍‌ଙ୍କ ଘର ସାମ୍ନାରୁ ନମ୍ବର ପ୍ଲେଟ୍ ନଥିବା ଆଉ ଗୋଟିଏ ନୀଳ ରଙ୍ଗର ଟିଭିଏସ୍ ଆପାଚି ବାଇକ୍ ଓ ଗୋଟିଏ ଓପୋ ମୋବାଇଲ୍ ଜବତ କରାଯାଇଥିଲା। ଏହି ସମଗ୍ର ଘଟଣାରେ ଜଡ଼ିତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ, ସଦର ଥାନା ଅଞ୍ଚଳର ଧୂସୁଳି ଗାଁର ଶିବସୁନ୍ଦର ଜେନାଙ୍କ ପୁଅ ବୁବୁ ଓରଫ୍ ବିଶ୍ୱଜିତ୍ ଜେନା (୨୫), ଟାଉନ୍ ଥାନା ଅଞ୍ଚଳର ମାନସିଂହ ବାଜାରର ଜତିନ୍ ଭଣ୍ଡାରୀଙ୍କ ପୁଅ ବାବୁ ଓରଫ୍ ବିଶ୍ୱଜିତ୍ ଭଣ୍ଡାରୀ (୨୬), ସଦର ଥାନା ଅଞ୍ଚଳର ଗୋପୀନାଥପୁର ଗାଁର ରବୀନ୍ଦ୍ର ଦାସଙ୍କ ପୁଅ ଜଗା ଓରଫ୍ ଜଗନ୍ନାଥ ଦାସ (୨୯), ବସ୍ତା ଥାନା ଅଞ୍ଚଳର ମାଛଡ଼ିହା ଗାଁର କାହ୍ନୁ ଚରଣ ଜେନାଙ୍କ ପୁଅ ମକର ଚରଣ ଜେନା (୨୫)। ପୁଲିସର ରେକର୍ଡ ଅନୁସାରେ, ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ଅନେକ ସଙ୍ଗୀନ ମାମଲା ରହିଛି। ବିଶେଷକରି ଜଗନ୍ନାଥ ଦାସଙ୍କ ନାମରେ ଟାଉନ୍ ଥାନା, ସଦର ଥାନା ଓ ଗୋପାଳପୁର ଥାନାରେ ବେଆଇନ୍ ମଦ କାରବାର (ଓଡ଼ିଶା ଅବକାରୀ ଆଇନ୍) ସଂକ୍ରାନ୍ତୀୟ ୫ଟି ମାମଲା ରହିଥିବା ବେଳେ ବିଶ୍ୱଜିତ୍ ଭଣ୍ଡାରୀ ଓ ବିଶ୍ୱଜିତ୍ ଜେନାଙ୍କ ନାମରେ ମଧ୍ୟ ଅବକାରୀ ମାମଲା ରହିଛି। ଏହା ବ୍ୟତୀତ ଶେଖ୍ ହାମିଦ୍‌ଙ୍କ ନାମରେ ଟାଉନ୍ ଥାନାରେ ବିଏନଏସ ଏବଂ ଡିପି ଆକ୍ଟ ଅଧୀନରେ ମାମଲା ରହିଛି। ସହଦେବଖୁଣ୍ଟା ଥାନାରେ ୩୪୯/୨୬ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଏହି ରାକେଟ୍‌ରେ ସଂପୃକ୍ତ ଅନ୍ୟ ସଦସ୍ୟଙ୍କୁ ଧରିବା ଏବଂ ଚୋରି ହୋଇଥିବା ଅନ୍ୟ ବାଇକ୍‌ଗୁଡ଼ିକୁ ଉଦ୍ଧାର କରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସହଦେବଖୁଣ୍ଟା ଥାନା ଅଧିକାରୀ ଆଲୋକ ବେହେରା ଉପସ୍ଥିତ ଥିଲେ।

**୪ ଗିରଫ, ୪ ବାଇକ୍ ଜବତ**

## ୩୦ରେ ଜିଲ୍ଲା ବରିଷ୍ଠ ପୁରୁଷ ଫୁଟବଲ ଖେଳାଳି ଚୟନ ଶିବିର

ବାଲେଶ୍ୱର,୧୧।୮ (ସମିସ): ଜିଲ୍ଲା କ୍ରୀଡାସଂଘ ଆନୁକୂଲ୍ୟରେ ବରିଷ୍ଠ ପୁରୁଷ ଫୁଟବଲ ଖେଳାଳିମାନଙ୍କ ଏକ ଚୟନ ଶିବିର ଚଳିତ ମାସ ୩୦ ତାରିଖରେ ପରମିଟ ପଡିଆଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। ଆଗ୍ରହୀ କଲେଜ ଏବଂ ଅନୁଷ୍ଠାନର ଖେଳାଳି ମାନେ ଉକ୍ତ ତାରିଖ ଦିନ ସକାଳ ୯ ଘଟିକା ସମୟରେ ପଡିଆରେ ସେମାନଙ୍କର ଆଧାର କାର୍ଡ ନେଇ ଉପସ୍ଥିତ ରହିବାକୁ କୁହାଯାଇଛି। ଏହି ଶିବିରରୁ ଚୟନ ହେବାକୁ ଥିବା ଫୁଟବଲ ଖେଳାଳୀମାନେ ଆସନ୍ତା ମାସ ହେବାକୁ ଥିବା ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତା ସମ୍ପର୍କରେ ସମସ୍ତ ବିବରଣୀ ପାଇଁ ଜିଲ୍ଲା କ୍ରୀଡା ସଂଘ ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା (୯୩୩୭୮୯୯୭୪୯) ଏବଂ ଯୁଗ୍ମ ସମ୍ପାଦକ (ଫୁଟବଲ) ନିମାଇଁ ଚରଣ ରାଉତରାୟ (୯୩୩୭୧୫୩୩୯୬) ଙ୍କ ସହିତ ଯୋଗାଯୋଗ କରିବାକୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୂଚନା ଦେଇଛନ୍ତି।

## ଓଲଟିଲା ପିକ୍‌ଅପ୍; ମହିଳା ମୃତ, ୨୦ ଆହତ

**ଜଳେଶ୍ୱର,୧୧।୮ (ସମିସ) :** ଜଳେଶ୍ୱର ଥାନା ନାମ୍ପ ପଞ୍ଚାୟତ ତାଳବଣିଆ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଶ୍ରମିକ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବା ଫଳରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନ ପ୍ରାୟ



୪ଟା ସମୟରେ ଭୋଗରାଇ କମରଦା ଅଞ୍ଚଳରୁ ଧାନ ତଳି ରୁଆ କାର୍ଯ୍ୟ ସାରି ପ୍ରାୟ ୬୦ ଜଣ ଶ୍ରମିକଙ୍କୁ ନେଇ ଏକ ପିକ୍‌ଅପ୍ ଭ୍ୟାନ୍ ରାଜ୍ୟ ରାଜପଥ ୫୭ ନମ୍ବର ଜଳେଶ୍ୱର-ଚନ୍ଦନେଶ୍ୱର ମୁଖ୍ୟ ରାସ୍ତାରେ ଫେରୁଥିଲା। ତେବେ ତାଳବଣିଆ ଛକ ନିକଟରେ ଆଗରେ ଏକ ଅଟୋ ହଠାତ୍ ଆଗକୁ ଆସିଯାଇଥିଲା ଫଳରେ ଅଟକୁ ବଞ୍ଚାଇବାକୁ ଯାଇ ଗାଡ଼ିଟି ରାସ୍ତା ଉପରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଲୋକ ଗାଡି ତଳେ ଚାପିଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଅଟୋ, ଆମ୍ବୁଲାନ୍ସ ଯୋଗେ ଜିକେଭଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ୧ ମୃତ। ମୃତକ ଜଣଙ୍କ ହେଉଛନ୍ତି ମଞ୍ଜୁ ଦେହୁରୀ (୫୦) । ସେ ରାସଗୋବିନ୍ଦପୁରଥାନା ଚିଞ୍ଚାଲଗଡ଼ିଆ ଅଞ୍ଚଳର। ଉକ୍ତ ପିକ୍‌ଅପ୍ ଗାଡି ଟି ରାସଗୋବିନ୍ଦ ପୁର ଥାନା ଚିଞ୍ଚଲଗଡିଆ ଅଞ୍ଚଳର ବୋଲି ସୂଚନା ମିଳିଛି। ଘଟଣା ସ୍ଥଳରୁ ଡ୍ରାଇଭର ଚଂପଟ ମାରିଛି। ସେଠାରେ ଆହତମାନଙ୍କର ଚିକିତ୍ସା ଜାରି ରହିଛି। ପାଖରେ ନାମ୍ପ ଫାଣ୍ଡି ଆଗ ଦେଇ ଓଭରଲୋଡ ହୋଇ ଶହ ଶହ ପିକଅପ୍ ଯାଉଛି। ଏ ନେଇ ପରିବହନ ବିଭାଗ ଏବଂ ଜଳେଶ୍ୱର ପୁଲିସ ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠିଛି ବୋଲି ସାଧାରଣ ଲୋକ ପ୍ରକାଶ କରିଚନ୍ତି।

## ଭଡ଼ାଘରୁ ଯୁବକର ଝୁଲନ୍ତା ଶବ ଉଦ୍ଧାର

**ଜଳେଶ୍ୱର, ୧୧।୮ (ସମିସ) :** ଜଳେଶ୍ୱର ପୌରପାଳିକା, ଷ୍ଟେସନ୍ ବଜାର ପଥରପୁରାରୁ ଏକ ଭଡ଼ା ଘରୁ ଯୁବକର ଝୁଲନ୍ତା ଅବସ୍ଥାରେ ଶବ ଉଦ୍ଧାର ହୋଇଛି। ଉତ୍ତରପ୍ରଦେଶ ରାଜ୍ୟ କୃଷିନଗର ଜିଲ୍ଲା ବରବାପଟି ଥାନା ଦାରେକୋଟି ଗାଁର ରାହୁଲ ମଦେସିଆ (୨୪) ରାଇବଣିଆ ଅଞ୍ଚଳର ଜଣେ ଝିଅ ସହିତ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କରେ ଥିଲା। ଫେସବୁକ୍‌ରୁ ପ୍ରେମ କରି ଦେଢ଼ ବର୍ଷ ତଳେ ବିବାହ କରି ଜଳେଶ୍ୱର ଅଞ୍ଚଳରେ ଭଡାରେ ରହିଆସୁଥିଲେ। ଭାଇର ମୃତ୍ୟୁ ଖବର ପାଇ ଉତ୍ତର ପ୍ରଦେଶରୁ ଆସିଥିବା ସାନଭାଇ ତା'ର ଭାଇକୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ମୃତ ରାହୁଲ ମଦେସିଆଙ୍କ ସ୍ତ୍ରୀ କହିବା ଅନୁସାରେ ସୋମବାର ଅପରାହ୍ନ ଚିକେନ ଖାଇବାକୁ କେନ୍ଦ୍ର କରି ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ପର ମୁହୂର୍ତ୍ତ ରେ ବନ୍ଦ କୋଠରି ଘର ଭିତରୁ ଓଢଣୀରେ ଝୁଲି ପଡିଥିଲେ। ଜଳେଶ୍ୱର ପୁଲିସ ମାଜେଷ୍ଟ୍ରଟଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରି ଜଳେଶ୍ୱର ଜିକେ ହସ୍ପିଟାଲ୍ ରେ ବ୍ୟବଚ୍ଛେଦ କରାଯାଇଛି। ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରି ଶବକୁ ବଲେରୋ ଯୋଗେ ଉତ୍ତର ପ୍ରଦେଶକୁ ନେଇଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ

**ସିମୁଳିଆ, ୧୧।୮ (ସମିସ):** ସ୍କୁଟି ଯୋଗେ ଭଦ୍ରକ ଯାଉଥିବା ବେଳେ ସିମେଣ୍ଟ ଟ୍ରକ ସହ ଧକ୍କା ହୋଇ ଯୁବକର ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସିମୁଳିଆ ଥାନା ଅନ୍ତର୍ଗତ ମୁରୁଣା ପଞ୍ଚାୟତ ମଞ୍ଜୁରୀପୁର ଗ୍ରାମର ପବିତ୍ର ଦଳେଇଙ୍କ ପୁଅ ଜଗନ୍ନାଥ ଦଳେଇ (୨୩) ସ୍କୁଟି ଯୋଗେ ଭଦ୍ରକ ଯାଉଥିବା ସମୟରେ ଜାତୀୟ ରାଜପଥ ଭଦ୍ରକ ଦମକଳ କେନ୍ଦ୍ର ସମ୍ମୁଖରେ ସମ୍ମୁଖ ପଟରୁ ଏକ ସିମେଣ୍ଟ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜଗନ୍ନାଥ ବାଇକରୁ ଛିଟିକି ପଡି ମୁଣ୍ଡ ଆଘାତ ହୋଇ ପ୍ରବଳ ରକ୍ତସ୍ରାବ ହୋଇ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା।

## ସାପ କାମୁଡ଼ାରେ ତିନି ବର୍ଷର ଶିଶୁ ମୃତ

ସୋର,୧୧।୮ (ସମିସ): ଖଇରା ଥାନା କ୍ଷୀରିପଦା ଗ୍ରାମରେ ସାପ କାମୁଡ଼ାରେ ଜଣେ ତିନି ବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ଏହି ଗ୍ରାମର ଶଶୀକାନ୍ତ ମଲ୍ଲିକଙ୍କ ତିନି ବର୍ଷର ଶିଶୁପୁତ୍ର ଓମ ପ୍ରକାଶ ମଲ୍ଲିକ ଗତକାଲି ବିଳମ୍ବିତ ରାତିରେ ତାଙ୍କ ମାଆଙ୍କ ସହିତ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ସାପ ଓମ ପ୍ରକାଶଙ୍କ ଡାହାଣ ଗୋଡ଼କୁ କାମୁଡି ତାଙ୍କ ମାଆଙ୍କ ମୁଣ୍ଡ ନିକଟରେ ଥିବା ଜାଣି ପାରି ଶିଶୁ ପୁତ୍ରକୁ ନେଇ ବାହାରକୁ ପଳେଇ ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ଫଳରେ ପରିବାର ଲୋକେ ସାପ ଟିକୁ ମାରିଦେଇଥିଲେ। କିଛି ସମୟ ପରେ ଓମ ପ୍ରକାଶ ଗୁରୁତର ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ୫୭/୨୬ରେ ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୧୦ ଫୁଟ୍‌ର ଅଜଗର ଉଦ୍ଧାର



ନୀଳଗିରି, ୧୧।୮ (ସମିସ): ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ କୁଳିଗଡି ଗ୍ରାମର ଦୁଇ ନମ୍ବର ଜୋନର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ମାଳତି ମାଝିଙ୍କ ଘରେ ସୋମବାର ରାତ୍ରି ୧୦ଟାରେ ପରିବାର ଲୋକେ ଘର ଭିତରେ ଶୋଇବାକୁ ଯାଉଥିବା ବେଳେ ଏକ ଅଜଗର ସାପ ଘର ଭିତରେ ପଶିଯାଇ ଗର୍ଜନ କରୁଥିବାର ଶୁଣି ପରିବାର ଲୋକେ ଟର୍ଚ୍ଚ ଲାଇଟ୍ ମାରିବାରୁ ୧୦ ଫୁଟ ଲମ୍ବର ଅଜଗର ସାପଟି ଶୋଇବା ଘର ଗୋଟିଏ କୋଣରେ ଗୁଡେଇ ହୋଇ ରହିଥିବାର ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକେ ସ୍ନେକ ହେଲ୍ପ ଲାଇନକୁ ଯୋଗା ଯୋଗ କରିଥିଲେ। ସ୍ନେକ ହେଲପ୍ ଲାଇନ ଆସିବାରେ ବିଳମ୍ବ ହେବାରୁ ପାଖ ସାପ ଧରାଳିଙ୍କ ସହଯୋଗରେ ଅଜଗରକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ କୁଲଡ଼ିହା ଅଭୟାରଣ୍ୟରେ ଛାଡି ଦିଆଯାଇଥିଲା।

## କ୍ରାନ୍ତି ଦିବସରେ ଭିଟାମାଟି ସୁରକ୍ଷା କମିଟିର ସଂକଳ୍ପ ସମାବେଶ




**ବାଲିଆପାଳ, ୧୧।୮ (ସମିସ):** ବାଲିଆପାଳ ବ୍ଲକର ସମୁଦ୍ର ଉପକୂଳ ଚଉମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଓ ପେଟ୍ରୋକେମିକାଲ ପ୍ଲାଣ୍ଟ ବିରୋଧରେ ଆନ୍ଦୋଳନ ଥମିବାର ନାଁ ଧରୁନି। ଯେତେ ସମୟ ଗଡି ଯାଉଛି ଭିଟାମାଟି ସୁରକ୍ଷା କମିଟିର ଆହ୍ୱାନରେ ସେତେ ସେତେ ଆନ୍ଦୋଳନ ତେଜିବାରେ ଲାଗିଛି। କ୍ରାନ୍ତି ଦିବସ ଅବସରରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ଆହ୍ୱାନ କ୍ରମେ ବାଲିବିଲ ହାଟ ପଡିଆରେ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳ ପଞ୍ଚାୟତର ଶହ ଶହ ମହିଳା ପୁରୁଷ ଯୋଗଦେଇ ଜୀବନର ଶେଷ ରକ୍ତ ବିନ୍ଦୁଥିବା ଯାଏ ବନ୍ଦର ଓପେଟ୍ରୋ କେମିକାଲ ପ୍ଲାଣ୍ଟ କରେଇ ଦେବୁ ନାହିଁ ବୋଲି ଶପଥ ନେଇଛନ୍ତି।। ଏହି ଅବସରରେ ଡଗରା ବଡ଼ ଗୁମୁଟି ଛକରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବାଲିବିଲ ହାଟ ପଡ଼ିଆରେ ପହଞ୍ଚିବା ପରେ ସଭା କାର୍ଯ୍ୟ ଆରମ୍ଭହୋଇଥିଲା। ଭିଟାମାଟି ସୁରକ୍ଷା କମିଟି ଆବାହକ ଶ୍ରୀ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାବେଶରେ ବସ୍ତା ବିଧାନସଭା କ୍ଷେତ୍ରର କଂଗ୍ରେସ ନେତା ବିଜନ ନାୟକ, ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଘାଟି ଆନ୍ଦୋଳନର ସଂଗ୍ରାମୀ ସଦସ୍ୟ କୁଶଧ୍ୱଜ ଜେନା, ଭିଟାମାଟି ସୁରକ୍ଷା କମିଟିର ସଂଯୋଜକ ଅନୁଜ କୁମାର ମାହାପାତ୍ର, ଭିଟାମାଟି ସୁରକ୍ଷା କମିଟିର ଉପସଭାପତି ମାୟାଧର କୁଲ୍ଲାରୀ,ସିପିଆଇ (ଏମ) ନେତା ମୃତ୍ୟୁଞ୍ଜୟ ରାଉତ, ବିଜେଡି ନେତା ମହେନ୍ଦ୍ର ବିଶ୍ୱାଳ, ଏସୟୁସିଆଇ ନେତା ନିରାକାର ପଣ୍ଡା, ବାଇନ ଦଳାଇ, ହର ପ୍ରସାଦ ମହାନ୍ତି, କମିଟିର ସଦସ୍ୟ ଅନୁପମ ମହାନ୍ତି, ବିଜୟ ନାୟକଙ୍କ ସହିତ ବହୁ ବରେଣ୍ୟ ନେତୃମଣ୍ଡଳୀ ଯୋଗଦେଇ ଉପକୂଳ ୬ଟି ପଞ୍ଚାୟତର ଲୋକଙ୍କୁ ଭିଟାମାଟି ଆନ୍ଦୋଳନ ପାଇଁ ନିଜକୁ ଜଣେ ଜଣେ ସୁଦକ୍ଷ ଯୋଦ୍ଧା ଭଳି ପ୍ରସ୍ତୁତ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନରେ ସେଦିନ କ୍ରାନ୍ତି ଦିବସରେ ଯେମିତି ବ୍ରିଟିଶ ତୁମେ ଭାରତ ଛାଡର ନାରା ପ୍ରକମ୍ପିତ ହେଉଥିଲା ସେହିପରି ସଭାସ୍ଥଳରେ ଉପସ୍ଥିତ ଶହ ଶହ ମହିଳା ପୁରୁଷଙ୍କ କମ୍ପାନୀ ତୁମେ ବାଲିଆପାଳ ଛାଡର ନାରାରେ ଖଣ୍ଡ ମଣ୍ଡଳ ପ୍ରକମ୍ପିତ ହୋଇ ଉଠିଥିଲା।

## ଆଇନଜୀବୀଙ୍କୁ ଭୁଜାଲି ଆକ୍ରମଣ ଘଟଣାରେ ଦୋଷୀଙ୍କୁ ଗିରଫ ଦାବି



**ଜଳେଶ୍ୱର, ୧୧। ୮ (ସମିସ):** ଗତକାଲି ଦିନ ଦ୍ୱିପ୍ରହରରେ ୧୬ନଂ ଜାତୀୟ ରାଜପଥ ଉପରେ ଆଇନଜୀବୀଙ୍କୁ ଭୁଜାଲିରେ ଆକ୍ରମଣ ଘଟଣାରେ ଦୋଷୀ ମାନଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଜଳେଶ୍ୱର ଓକିଲ ସଂଘ ପକ୍ଷରୁ ସମୂହ କଲମ ଛାଡ ଆନ୍ଦୋଳନ କରିବା ସହିତ ଜଳେଶ୍ୱର ଏସଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାନୁଯାୟୀ ଗତ କାଲି ଅପରାହ୍ନରେ ଜଳେଶ୍ୱର କୋର୍ଟରେ କାର୍ଯ୍ୟରତ ଆଇନଜୀବୀ ସିଦ୍ଧାର୍ଥ ଦାସ ନିଜ ବାଇକ ଯୋଗେ କୋର୍ଟରୁ ଘରକୁ ଫେରୁଥିବା ବେଳେ ଜାତୀୟ ରାଜପଥର ଶାନ୍ତିଆ ନିକଟରେ ୩ଜଣ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ସିଦ୍ଧାର୍ଥଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସିଦ୍ଧାର୍ଥଙ୍କ କାନ୍ଧ ଓ ହାତରେ ଗଭୀର ଆଘାତ ଲାଗିବା ସହିତ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜଳେଶ୍ୱର ପରେ ବାଲେଶ୍ୱର ଓ ଅଧିକ ଗୁରୁତର ହେବାରୁ କଟକ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେ ଏବେ ହସପିଟାଲରେ ଜୀବନ ମରଣ ସହିତ ସଂଗ୍ରାମ କରୁଥିବା ବେଳେ ଆକ୍ରମଣକୁ ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପୁଲିସ ଅପରାଧୀକୁ ଧରିବାରେ ସକ୍ଷମ ହୋଇପାରିନାହିଁ। ତେଣୁ ଓକିଲ ସଂଘ ତରଫରୁ କଲମ ଛାଡ ଆନ୍ଦୋଳନର ଡାକରା ଦେବା ସହିତ ଜଳେଶ୍ୱର ଥାନାରେ ଦାବୀପତ୍ର ପ୍ରଦାନ କରିଛନ୍ତି। ଅନ୍ୟପଟେ ଖୁବଶିଘ୍ର ଅପରାଧିଙ୍କୁ ଗିରଫ କରାଯିବ ବୋଲି ଜଳେଶ୍ୱର ଏସଡିପିଓ ସୁରେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

## କୃତ୍ରିମ ବୁଦ୍ଧିମତ୍ତା ଉପରେ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ




**ବାଲେଶ୍ୱର,୧୧।୮ (ସମିସ):** 'କୃତ୍ରିମ ବୁଦ୍ଧିମତ୍ତାର ପରିଚୟ: ଧାରଣା, ପ୍ରୟୋଗ ଓ ନୈତିକତା' ଶୀର୍ଷକ ସପ୍ତାହବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ୬୦ ରୁ ଅଧିକ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଅରୁଣ କୁମାର ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ସ୍ନାତକୋତ୍ତର କମ୍ପ୍ୟୁଟର ବିଜ୍ଞାନ ବିଭାଗର ସଂଯୋଜକ ଡ଼କ୍ଟର ମିନତୀ ମିଶ୍ର କାର୍ଯ୍ୟକ୍ରମର ରୂପରେଖା ଉପସ୍ଥାପନ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ଯୋଗଦେଇ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଏସ୍. କେ. ଉଦ୍‌ଗତା ଶିକ୍ଷା ଓ ଗବେଷଣାରେ ଏ.ଆଇ ର ବଢୁଥିବା ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗରୱାଲା ଉଚ୍ଚଶିକ୍ଷାରେ ଏ.ଆଇ ର ଦାୟିତ୍ୱଶୀଳ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତାର ମୌଳିକ ଧାରଣା, ଯନ୍ତ୍ର ଶିକ୍ଷଣ, ଗଭୀର ଶିକ୍ଷଣ, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, କମ୍ପ୍ୟୁଟର ଭିଜନ୍ ଓ ବିଭିନ୍ନ ଶିକ୍ଷା, ଗବେଷଣା ଓ ବୃତ୍ତିଗତ କ୍ଷେତ୍ରରେ ଏ.ଆଇ ର ପ୍ରୟୋଗ ଉପରେ ତାଲିମ ଦିଆଯିବ। ଏଥିସହ ଚାଟ୍‌ଜିପିଟି, ଜେମିନି, କୋପାଇଲଟ୍ ଆଦି ଆଧୁନିକ ଏଆଇ ଉପକରଣର ବ୍ୟବହାରିକ ଜ୍ଞାନ ଏବଂ ନୈତିକ ଓ ଦାୟିତ୍ୱଶୀଳ ଏ.ଆଇ ବ୍ୟବହାର ଉପରେ ମଧ୍ୟ ତାଲିମ ପ୍ରଦାନ କରାଯିବ।ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏହି ପଦକ୍ଷେପ ମାଧ୍ୟମରେ ମହାବିଦ୍ୟାଳୟ ଅଧ୍ୟାପକ-ଅଧ୍ୟାପିକା ମାନଙ୍କ ଏ.ଆଇ ସଂପର୍କିତ ଜ୍ଞାନ ସହ ବ୍ୟାବହାରିକ ଦକ୍ଷତା ବୃଦ୍ଧି ସହ ଏନ୍‌ଇପି୨୦୨୦ ଅନୁରୂପ ଗୁଣାତ୍ମକ, ପ୍ରଯୁକ୍ତିସମ୍ପନ୍ନ ଓ ଭବିଷ୍ୟତମୁଖୀ ଉଚ୍ଚଶିକ୍ଷାକୁ ଆହୁରି ସୁଦୃଢ଼ କରିବାରେ ଏହା ସହାୟକ ହେବାନେଇ ଆଶାବ୍ୟକ୍ତ କରାଯାଇଛି।

## ନୀଳଗିରି ଉପଖଣ୍ଡରେ ନୂତନ ଭାରପ୍ରାପ୍ତ ଏସ୍‌ଡିପିଓଙ୍କ ଯୋଗଦାନ

**ନୀଳଗିରି, ୧୧।୮ (ସମିସ):** ନୀଳଗିରି ଉପଖଣ୍ଡରେ ନୂତନ ଭାରପ୍ରାପ୍ତ ଏସ.ଡି.ପି.ଓ ଭାବେ ନିର୍ମଳା ଗୋଛାୟତ ଗତ ସୋମବାର ଦିନ ଯୋଗଦାନ କରିଛନ୍ତି। ପୂର୍ବରୁ ପ୍ରମୋଦ ମଲ୍ଲିକ ଏସଡ଼ିପିଓ ଭାବେ କାର୍ଯ୍ୟରତ ଥିବା ସମୟରେ ତାଙ୍କୁ ଅତିରିକ୍ତ ଏସପି ଭାବେ ପଦୋନ୍ନତି ହୋଇଥିଲା। ଦୁଇବର୍ଷ କାର୍ଯ୍ୟକାଳ ଭିତରେ ବିଭିନ୍ନ ଥାନାରେ ବହୁ ଅପରାଧିକ ମାମଲା, ଚୋରି, ଧରିବାରେ ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିପାରିଥିଲେ। ଦୁଇବର୍ଷ ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ସୁପରିଚାଳନା କରିଥିବା ବେଳେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିନଥିଲା। ଇତି ଅବସରରେ ଶ୍ରୀ ମଲ୍ଲିକ ପଦୋନ୍ନତି ରେ ଅତିରିକ୍ତ ଏସପି ଭାବେ ବାଲେଶ୍ୱର ରେ ଯୋଗଦାନ କରିଛନ୍ତି।ଭାରପ୍ରାପ୍ତ ଏସଡ଼ିପିଓ ନିର୍ମଳା ଗୋଛାୟତ ବର୍ତ୍ତମାନ ବାଲେଶ୍ୱର ଡିଏସପି ଭାବେ କାର୍ଯ୍ୟରତ ଥିବାବେଳେ ନୀଳଗିରିରେ ଆଇନ ଶୃଙ୍ଖଳା ପ୍ରତି ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଛନ୍ତି।

## ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ବଣ୍ଟନ




**ସୋର,୧୧।୮ (ସମିସ):** ଭୂମିପୁତ୍ର ସେବା ପ୍ରତିଷ୍ଠାନ ଓ ବାଲେଶ୍ୱର ସୋସିଆଲ ସର୍ଭିସ୍ ତରଫରୁ କାରିଟାସ୍ ଇଣ୍ଡିଆ ସହଯୋଗରେ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଅନଷ୍ଠିତ ହେଇଯାଇଛି। ସୋର ବ୍ଲକର କେଦାରପୁର ଗ୍ରାମ ପଞ୍ଚାୟତ ଓ ଗୁଡ଼ ଗ୍ରାମ ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକ ମାନଙ୍କୁ ରିଲଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବନ୍ୟା ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ କାରିଟାସ୍ ଇଣ୍ଡିଆର ଓଡିଶା ମୁଖ୍ୟ ଜହନ ଲିମା, ବାଲେଶ୍ୱର ସୋସିଆଲ ସର୍ଭିସ୍ ର ନିର୍ଦ୍ଦେଶକ ରାୟ ଅନ୍ଥୁନି, ଗୁଡ଼ ଗ୍ରାମ ପଞ୍ଚାୟତର ସରପଞ୍ଚ ବାସନ୍ତୀ ପଣ୍ଡା, ପ୍ରୋଗ୍ରାମ ଅଫିସର ସିଲୁ ଶାହା, ଫାଇନାନ୍ସ ଅଫିସର ସତ୍ୟ ମାହାପାତ୍ର, ବବୁଲ ମାନା, ଜଏ ବେହେରା, ଅଙ୍କିତ ଗିରି, ସୁଭବ୍ରତ ଗିରି, ଜୟନ୍ତ ଦାସ, ମନୋଜ ଗିରି, ଭୂମିପୁତ୍ର ର ସଂପାଦକ ଶିଶିର ଦାଶ ଉପସ୍ଥିତ ଥିଲେ। ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ହରିଶ୍ ଜେନା, ଚନ୍ଦ୍ରକାନ୍ତ ଜେନା, ଜ୍ୟୋତି ପ୍ରକାଶ ପାତ୍ର, ଜଡା ନାୟକ, ବବୁଲ ମହାନ୍ତି, ନୀଳକଣ୍ଠ ଦାଶ, ଜୟ ପ୍ରକାଶ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଭୂମିପୁତ୍ରର ସମ୍ପାଦକ ଶିଶିର ଦାଶ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କେଦାରପୁର ଓ ଗୁଡ଼ ଗ୍ରାମ ପଞ୍ଚାୟତର ୮୦୯ ପରିବାରଙ୍କୁ ରିଲିଫ୍ ବଣ୍ଟନ କରାଯାଇଥିଲା।

# ପଥର ବନ୍ଧ ନ ଥିବାରୁ କୂଳ ଖାଉଛି ସମୁଦ୍ର

ବାଲିଆପାଳ, ୧୧।୮ (ସମିସ)





ଦକ୍ଷିଣ ବାଲିଆପାଳରେ ଚୈମୂଖ ପଞ୍ଚାୟତର ଚୌମୁଖ ଏବଂ କଙ୍କଡ଼ାପାଳ ଗାଁ ସମୁଦ୍ର ଗର୍ଭରେ ଲୀନ ହେବା ସଜବାଜ ହେଉଥିବାର ଦେଖିବାକୁ ମିଳିଛି। ପଥରବନ୍ଧ ନଥିବାରୁ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟାରେ ଭୟଭୀତ ଗ୍ରାମବାସୀ। ଚୌମୁଖ ଏବଂ କଙ୍କଡାପାଳ ଗ୍ରାମରେ ପ୍ରାୟ ଦଶ ହଜାରରୁ ଅଧିକ ଲୋକ ବାସ କରିଥାନ୍ତି। ପାନ ବରଜ, ସମୁଦ୍ରରୁ ମାଛ ମାରିବା, ବିଲରେ ଚାଷ କରି ଜୀବିକା ନିର୍ବାହ କରିଥାନ୍ତି ଏହି ଦୁଇ ଗାଁର ଲୋକେ। ହେଲେ ପ୍ରତ୍ୟେକ ଦିନ ଡରାଉଛି ସମୁଦ୍ର। ପଥର ବନ୍ଧ ନଥିବାରୁ ବାତ୍ୟା ପାଇଁ ବିଭିନ୍ନ ସ୍ଥାନରେ ସମୁଦ୍ର ତଟ କ୍ଷୟ ହେବାରେ ଲାଗିଛି। ସାମୁଦ୍ରିକ ଝଡ଼ର ସାମ୍ନା କରିବାକୁ ଯାଇ ହେକ୍ଟର ହେକ୍ଟର ଝାଉଁ ଜଙ୍ଗଲ ଲୀନ ହୋଇଗଲାଣି। ଏବେ ଯୋଉଠି ସମୁଦ୍ର ପାଣିର ଲହରୀ ଭାଙ୍ଗୁଛି ସେଠାରେ ବିସ୍ତୀର୍ଣ୍ଣ ଝାଉ ଜଙ୍ଗଲରେ ଭରପୁର ଥିଲା। ସମୟ କ୍ରମେ ସମୁଦ୍ର କୂଳ ଲଙ୍ଘନ କରି କରାଳ ଗର୍ଭରେ ଲୀନ ହୋଇଯାଇଛି। ୟାସ ବାତ୍ୟାରେ ସମୁଦ୍ରର ପାଣି ଗାଁ ଭିତରକୁ ପଶିଆସି ପାନବରଜ ଏବଂ ଚାଷ ଜମିରେ ଫସଲ ନଷ୍ଟ ହୋଇଥିଲା। ଅଞ୍ଚଳ ବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଆସୁଛି। ଅମାବାସ୍ୟା, ପୂର୍ଣ୍ଣିମା ଆଦି ଜୁଆରିଆ ତିଥିରେ ରାତିରେ ନିଦ ହଜାଇ ଦେଇଛି ଏହି ସମୁଦ୍ର। ପଞ୍ଚାୟତର ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ବେଳାଭୂମି ବିସ୍ତୃତ ହୋଇଥିବା ବେଳେ ସରକାର ଗାଁର ସୁରକ୍ଷା ପାଇଁ ବହୁ ବର୍ଷ ପୂର୍ବ ବ୍ୟାପକ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇଥିଲା। କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବଂ ସମୁଦ୍ରର ମାଡ଼ରେ ତାହା ଲୋପ ପାଇବାକୁ ବସିଲାଣି। ଅଞ୍ଚଳବାସୀଙ୍କ ବହୁ ଦାବି ପରେ ଜଳସେଚନ ବିଭାଗ ପକ୍ଷରୁ କିଛି ବର୍ଷ ପୂର୍ବେ ପଥର ବନ୍ଧ କରାଯାଇଛି। ଯାହାକି ସମୁଦ୍ରକୁ ଶଙ୍ଖେ ପାଣି ଭଳି ପ୍ରତିପାଦନ ହେଉଛି। ଅନ୍ୟ ପଟେ ସମୁଦ୍ରର ଜୁଆର ମାଡକୁ ଆକଟ କରୁଥିବା ଝାଉଁ ଜଙ୍ଗଲ ପ୍ରତି ବିଭାଗୀୟ ଅଧିକାରୀଙ୍କର ଦୃଷ୍ଟି ନପଡୁଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାତି ହେଉ କି ଦିନ କାଠ ମାଫିଆମାନେ ଝାଉଁ ଜଙ୍ଗଲ କାଟି ସଫା କରୁଛନ୍ତି। ବନ ବିଭାଗ ପକ୍ଷରୁ ଥରେ ବି ପେଟ୍ରୋଲଙ୍ଗ ଗାଡ଼ି ଦେଖିବାକୁ ମିଳେ ନାହିଁ। ଏମିତି ଯଦି ଆଗାମୀ କିଛି ଦିନ ଚାଲିବ ତାହେଲେ ଚଉମୁଖ ଏବଂ କଙ୍କଡାପାଳ ଗାଁ ଦୁଇଟି ଧୂଳିସାତ୍ ହେବାରୁ କେହି ବି ରୋକି ପାରିବେ ନାହିଁ। ଚଳିତ ବର୍ଷ ବାତ୍ୟା ଆସିବା ଆଗରୁ ପଥର ବନ୍ଧ, ଏବଂ ଝାଉଁ ଜଙ୍ଗଲର ପୁନରୁଦ୍ଧାର ପାଇ ଗ୍ରାମବାସୀ ଦାବି କରିଛନ୍ତି।

### ବୈଦ୍ୟପୁର ନୋଡାଲ ଉପ୍ରା ବିଦ୍ୟାଳୟରେ ଅନିୟମିତତା

# ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

ବଡ଼ସାହି, ୧୧।୮(ସମିସ): ବଡ଼ସାହି ବ୍ଲକ ଅଧୀନ ବୀରେଶ୍ୱରପୁର ପଞ୍ଚାୟତ ବୈଦ୍ୟପୁର ନୋଡାଲ ଉପ୍ରା: ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଓ ଅନ୍ୟାନ୍ୟ ଅର୍ଥରାଶି ପରିଚାଳନାରେ ଅନିୟମିତତା ହୋଇଥିବା ନେଇ ପୂର୍ବତନ ଚେୟାରମ୍ୟାନ ସଞ୍ଜୀବ କୁମାର କମିଳା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ ଏପ୍ରିଲ ୭ ତାରିଖରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ/ସଦସ୍ୟାଙ୍କ ସହ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଚେୟାରମ୍ୟାନ ଶ୍ରୀ କମିଳାଙ୍କ କାର୍ଯ୍ୟକାଳ ୨୦୨୫ରୁ ୨୦୨୬ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଅବଧି ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଓ ଆର୍ଥିକ ପରିଚାଳନାରେ ବ୍ୟାପକ ଦୁର୍ନୀତି କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ବିନା ସମ୍ମତିରେ ପ୍ରଧାନଶିକ୍ଷକ କମ୍ପୋଜିଟ୍ ଫଣ୍ଡ ଟଙ୍କା ଉଠାଣ ନିମନ୍ତେ ଚେୟାରମ୍ୟାନଙ୍କୁ ବାଧ୍ୟ କରିଥିଲେ। ବାରମ୍ବାର ମନା କରିବା ସତ୍ତ୍ୱେ ସିଆରସିସିଙ୍କ ଦ୍ୱାରା ତାଙ୍କୁ ବାଧ୍ୟ କରାଯାଇଥିଲା। ପରେ ମାର୍ଚ୍ଚ ୨୮ ତାରିଖରେ (ଯାହା ଟଙ୍କା ଉଠାଣ ନିମନ୍ତେ ଶେଷ ତାରିଖ ଧାର୍ଯ୍ୟ ଥିଲା) ତାଙ୍କଠାରୁ ଓଟିପି ନେଇ ସମସ୍ତ ଅର୍ଥ ପ୍ରଧାନଶିକ୍ଷକ ନିଜ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରିଥିଲେ। ଯାହା ଆଇନତଃ ଅନୈତିକ ଅଟେ। ପରେ ପ୍ରଧାନଶିକ୍ଷକଙ୍କୁ ତାଗିଦ କରିବା ସତ୍ତ୍ୱେ ୨୦୨୫-୨୬ର କମ୍ପୋଜିଟ ଫଣ୍ଡର ଖର୍ଚ୍ଚ ପରିଚାଳନା କମିଟିକୁ ଜଣାଇନାହାନ୍ତି ବା କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପନ୍ନ କରିନାହାନ୍ତି। ଏତଦବ୍ୟତୀତ ଛାତ୍ରବୃତ୍ତି ପାଇଁ ଆସିଥିବା ଅନୁଦାନ ରାଶିରୁ କିଛି ଟଙ୍କା ମଧ୍ୟ ହଡ଼ପ କରାଯାଇଛି। ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ୧୧୮ ଟଙ୍କା ପରିବର୍ତ୍ତେ ୧୦୦ ଟଙ୍କା ଦିଆଯାଇଥିବା ପ୍ରଧାନଶିକ୍ଷକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତଦନ୍ତ ସମୟରେ ସ୍ୱୀକାର କରିଥିଲେ। ଅଷ୍ଟମ ଶ୍ରେଣୀ ପିଲାଙ୍କୁ ୧୫୫ ଟଙ୍କା ପରିବର୍ତ୍ତେ କାହାକୁ ୫୦ ଟଙ୍କା, କାହାକୁ ୧୦୦ ଟଙ୍କା ଓ କାହାକୁ ୧୫୦ ଟଙ୍କା ଦିଆଯାଇଥିବା ବିଷୟରେ ତଦନ୍ତ ସମୟରେ ପ୍ରଧାନଶିକ୍ଷକ ମାନିଥିଲେ।

ସେହିପରି ମଧ୍ୟାହ୍ନଭୋଜନରେ ପିଲାଙ୍କ ସଂଖ୍ୟା ବଢ଼ାଇ ମଧ୍ୟାହ୍ନଭୋଜନ ଅନୁଦାନ ସହିତ ଚାଉଳ ହଡପ କରୁଥିବା ଅଭିଯୋଗ ହୋଇଛି। ତଦନ୍ତ ସମୟରେ ଏମଡିଏମ୍ କାଗଜପତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିବା ପରେ ମଧ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ସ୍ୱୟଂସହାୟିକା ଗୋଷ୍ଠୀର ଭୂମିକା ମଧ ସନ୍ଦେହ ଘେରରେ ରହିଛି। କାରଣ ମଧ୍ୟାହ୍ନଭୋଜନ ବାବଦରେ ମାସକୁ ମାସ ଗୋଷ୍ଠୀ କେତେ ଅର୍ଥ ଗ୍ରହଣ କରିଛନ୍ତି, ତାହା ପ୍ରକାଶ ନ କରିବା ତଦନ୍ତ ସମୟରେ ଅସହଯୋଗ କରିବାରୁ ସ୍ପଷ୍ଟ ହୋଇଛି। ଏଥିସହ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଆସିଥିବା ୟୁନିଫର୍ମ ଏପ୍ରିଲ ୩୦ ତାରିଖ ସୁଦ୍ଧା ଦେବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଅଦ୍ୟାବଧି ତାହା ଛାତ୍ରଛାତ୍ରୀଙ୍କୁ ବିତରଣ କରାଯାଇନାହିଁ। ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ପାଇଁ ୧୨ ଜୁଲାଇ ୨୦୨୬ ଶେଷ ତାରିଖ ଧାର୍ଯ୍ୟ ଥିବା ସତ୍ତ୍ୱେ ଅଦ୍ୟାବଧି ତିନୋଟି ବୈଠକ ହୋଇଥିଲେ ମଧ କମିଟି ଗଠନ ନ କରି ବିଦ୍ୟାଳୟର ଅର୍ଥକୁ ନିଜେ ଓ ସିଆରସିସିଙ୍କ ଜରିଆରେ ନିୟନ୍ତ୍ରଣ କରିବା ପାଇଁ କମିଟି ଗଠନ କରିବାକୁ ଦେଉନାହାନ୍ତି। ତଦନ୍ତ ପରେ ଜଣେ ତୃତୀୟ ପକ୍ଷ ବିଶ୍ୱଜିତ ଶତପଥୀ ଯାହାଙ୍କ ବିଦ୍ୟାଳୟ ସହିତ କୌଣସି ସମ୍ପୃକ୍ତି ନାହିଁ, ଉପରୋକ୍ତ ଏସଏଚଜିକୁ ତେଜରାତି ସାମଗ୍ରୀ ଯୋଗାଇଥା'ନ୍ତି। ତେଣୁ ସେ ପ୍ରଧାନଶିକ୍ଷକଙ୍କୁ ଏ ବିବାଦରୁ ବଞ୍ଚାଇବା ପାଇଁ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଲିଖିତ ଏକ ଦରଖାସ୍ତରେ ପୂର୍ବତନ ଏସଏମସି ସଭ୍ୟ/ସଭ୍ୟାଙ୍କୁ ମିଛ ସତ କହି ପ୍ରଲୋଭିତ କରି ତଦନ୍ତକୁ ଭଣ୍ଡୁର କରିବା ପାଇଁ ଦସ୍ତଖତ କରାଇ ପ୍ରଧାନଶିକ୍ଷକଙ୍କୁ ପ୍ରଦାନ କରିଥିବା ଅଭିଯୋଗରୁ ଜଣାଯାଇଛି। ଏଥିରୁ ସ୍ପଷ୍ଟ ଅନୁମାନ ଯେ ମଧ୍ୟାହ୍ନଭୋଜନ ବାଟମାରଣାରେ ପ୍ରଧାନଶିକ୍ଷକଙ୍କ ସହିତ ଏସଏଚଜି ଓ ଯୋଗାଣକାରୀ ସଂସ୍ଥା ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଛନ୍ତି। ଏସବୁ ଅନିୟମିତତାର ବିଧିବଦ୍ଧ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଶ୍ରୀ ବେହେରାଙ୍କୁ ପଚାରିବାରୁ ସେ ଅଭିଯୋଗର ସତ୍ୟତାକୁ ଅସ୍ୱୀକାର କରିଛନ୍ତି।

## ଆସେକା ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ




ରାଇରଙ୍ଗପୁର, ୧୧।୮(ସମିସ): ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହରସ୍ଥ ସ୍ଥାନୀୟ ଆଦିବାସୀ ସାମାଜିକ ଶିକ୍ଷା ସାଂସ୍କୃତିକ ସଂଗଠନ (ଆସେକା) ଓ ଆଦିବାସୀ ମିଳିତ ମଞ୍ଚ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଯୋଗ ଦେଇଥିବାବେଳେ ସମ୍ମାନିକ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବୁଢାନ ମୁର୍ମୁ, ବାଙ୍ଗିରିପୋଷି ଜିଲ୍ଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମୁର୍ମୁ, ପୂର୍ବତନ ବିଧାୟକ ସାଇବା ସୁଶୀଲ କୁମାର ହାଁସଦା, ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା, ସମାଜସେବୀ ରାଇସେନ ମୁର୍ମୁ, ଚକ୍ର ହେମ୍ବ୍ରମ, ନବୀନ ରାମ ଓ ବାପି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଆଦିବାସୀଙ୍କ ତ୍ୟାଗପୂତ ଜୀବନ ବିଷୟରେ କହିବା ସହିତ ସେମାନେ ଆଜି କିପରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି କହିଥିଲେ। ଆଦିବାସୀ ହେଉଛନ୍ତି ମୂଳବାସୀ। ସେମାନେ ନିଜ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନ ହୁଅନ୍ତୁ। ସେମାନେ ନିଜ କଳା, ସଂସ୍କୃତି, ସାହିତ୍ୟରେ ସାରା ବିଶ୍ୱରେ ନାଁ ରଖିପାରିଛନ୍ତି। ଏଥିରେ ଦୂରଦୂରାନ୍ତରରୁ ବହୁ ଲୋକଙ୍କ ସହ ମାଝୀବାବା, ପାରଗାନା ବାବା, ମାତାକି ମୁଣ୍ଡା ଓ ୨୦ଟି ସଂଗଠନ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆସେକା ସଭାପତି ମନୋରଞ୍ଜନ ମୁର୍ମୁ, ସମ୍ପାଦକ ଜିତେନ୍ଦ୍ର ହାଁସଦା, ଆସେକା ସାଂସ୍କୃତିକ ସମ୍ପାଦକ ସାଙ୍ଗ ହେମ୍ବ୍ରମ, ଆସେକା ସାମାଜିକ ବୋର୍ଡ ଅଧ୍ୟକ୍ଷ ସୂର୍ଯ୍ୟ ହେମ୍ବ୍ରମ, ଜୁମିଦ ଖେରୱାଲ ସଭାପତି ରାମଚନ୍ଦ୍ର ସୋରେନ, ସହିଦ ନୁନୁରାମ ମେମୋରିଆଲ ଟ୍ରଷ୍ଟ ସଭାପତି ମନୋରଞ୍ଜନ ହାଁସଦା, ଆସେକା ସଭାପତି ମେଘରାୟ ମାରାଣ୍ଡି, ମାସା ସଭାପତି ହୋପେନ, ହୋ ସମାଜ ସଭାପତି ମୋଟକା ବିରୁଆ ଯୋଗ ଦେଇଥିଲେ।

## ଆରଡିଏସ କଲେଜ କର୍ମଚାରୀଙ୍କ ପରଲୋକ



ଉଦଳା, ୧୧।୮(ସମିସ) : ରବିବାର କୁଣ୍ଡାବାଇସ୍ଥ ଆରଡିଏସ୍ +୨ ବିଦ୍ୟାଳୟର ଲାଇବ୍ରେରୀ ଆଟେଡାଣ୍ଟ ସଞ୍ଜୟ କୁମାର ଗିରିଙ୍କ ୫୧ ବର୍ଷ ବୟସରେ ପରଲୋକ ଘଟିଛି। ହଠାତ୍ ବାନ୍ତି ହେବା ଯୋଗୁଁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ ପିଆର୍ ଏମ୍ ମେଡ଼ିକାଲକୁ ରେଫର ହେବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ନିମ୍ନ ରକ୍ତଚାପରୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ୧୯୯୬ରେ କଲେଜରେ ଯୋଗଦାନ କରିଥିଲେ ହେଁ ୨୦୨୪ରୁ ବ୍ଲକ୍ ଗ୍ରାଣ୍ଟ ଦରମା ପାଇଥିଲେ। ସେ କୁଣ୍ଡାବାଇ ବାସିନ୍ଦା ହୋଇ ଥିବାବେଳେ ତାଙ୍କର ଦୁଇଟି କନ୍ୟା ଥିବା ଜଣାଯାଇଛି। ଗିରିଙ୍କ ବିୟୋଗରେ ଆରଡି ଏସ୍ କଲେଜ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ବିଜୁଳି ଆଲୁଅରୁ ବଞ୍ଚିତ ସୋନାକମସାହି ଗ୍ରାମର ୩୦ ପରିବାର

## ୩ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଶରତ, ୧୧।୮(ସମିସ): କପ୍ତିପଦା ବ୍ଲକ ଦେୱାନବାହାଳୀ ପଞ୍ଚାୟତ ଶିରିଆପାଳ ରାଜସ୍ୱ ଗ୍ରାମ ୱାର୍ଡ ନମ୍ବର-୯ରେ ଅବସ୍ଥିତ ସୋନାକମସାହି ଗ୍ରାମ। ଏହି ଗାଁରେ ପାଖାପାଖି ୩୦ଟି ଆଦିବାସୀ ପରିବାର ବାସ କରୁଥିବାବେଳେ ସେମାନେ, ଆଜି ବି ବିକାଶର ସୂର୍ଯ୍ୟାଲୋକକୁ ଅପେକ୍ଷା କରିଛନ୍ତି। ଗାଁକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା ଏମାନଙ୍କ ପାଇଁ ସତେ ଯେମିତି ସାତସପନ। ସୌଭାଗ୍ୟ ଯୋଜନାରେ ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିବାବେଳେ ଏହି ଗ୍ରାମକୁ ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ମଧ ବିଦ୍ୟୁତ୍ ସେବା ନ ପହଞ୍ଚିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି।



ବିଜୁଳି ଆଲୁଅ ନ ଥିବାରୁ ଗ୍ରାମବାସୀ ଅନ୍ଧକାର ମଧ୍ୟରେ କାଳାତିପାତ କରୁଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ, ଆଗରୁ ଡିବିରି ଆଲୁଅ ଜାଳିବା ପାଇଁ କିରୋସିନି ମିଳୁଥିଲା। ହେଲେ ବର୍ତ୍ତମାନ ପଞ୍ଚାୟତସ୍ତରରେ କିରୋସିନି ଯୋଗାଣ ବନ୍ଦ ଥିବାରୁ ଗ୍ରାମବାସୀ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ବିଜୁଳି ଆଲୁଅ ସୁବିଧା ନ ଥିବାରୁ ଗ୍ରାମବାସୀ ମୋବାଇଲ ବ୍ୟବହାରକୁ ନେଇ ଅବଗତ ନାହାଁନ୍ତି। ଯେଉଁମାନଙ୍କର ମୋବାଇଲ ଅଛି ସେମାନେ ମୋବାଇଲ ଚାର୍ଜ ନିମନ୍ତେ ସମସ୍ୟା ଭୋଗୁଛନ୍ତି। ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଗ୍ରାମର ଜାମ୍ବିରା ଦେଓଗାମ, ମରନ ଦେଓଗାମ, ସିନି ମହାକୁଡ, ଜେମା ମହାକୁଡ଼, ଡିବାର ମହାକୁଡ, କାଇରା ଦେଓଗାମ, ରାମ ମହାକୁଡ, ଯୁବ ସମାଜସେବୀ ଜାମାଦାର ବାଲମୁରୁ ପ୍ରମୁଖ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି।

### ମାଇନିଂ ଅଧିକାରୀଙ୍କୁ ଅଟକ ଘଟଣା

## ତିନି ସପ୍ତାହ ବିତିଲାଣି, ତଦନ୍ତ ଦିଗହରା


ବାରିପଦା, ୧୧।୮(ସମିସ): ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ ଘଟଣାରେ ମାଫିଆ ପରିବର୍ତ୍ତେ ଖଣି ବିଭାଗ ଅଧିକାରୀଙ୍କୁ କପ୍ତିପଦା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଥାନାରେ ଅଟକ ରଖିବା ଘଟଣାକୁ ୩ ସପ୍ତାହ ବିତିଲାଣି, ତଥାପି ତଦନ୍ତ ଆଗେଇ ପାରୁନି। ଏହି ଘଟଣାରେ ପ୍ରଶାସନିକ ସ୍ଥାଣୁତାକୁ ନେଇ ଉଠିଛି ପ୍ରଶ୍ନ। କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ବିରୋଧରେ ତଦନ୍ତ କରି ୧୦ ଦିନ ଭିତରେ ରିପୋର୍ଟ ଦେବାକୁ ଗତ ଜୁଲାଇ ୨୩ ତାରିଖରେ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆରଡିସି (କେନ୍ଦ୍ରାଞ୍ଚଳ, କଟକ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତିନି ସପ୍ତାହ ବିତିବାକୁ ଯାଇଥିଲେ ସୁଦ୍ଧା ତଦନ୍ତ ଆଗେଇ ନ ପାରି ଦିଗହରା ହୋଇପଡ଼ିଛି।

**■ ଆରଡିସିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ**

ସୂଚନା ମୁତାବକ, ଗତ ଜୁଲାଇ ୧୭ରେ ଚୁଲିଆପୋଷି ଅଞ୍ଚଳରୁ ବେଆଇନ ବାଲି ଟ୍ରାକ୍ଟର ଜବତ କରିବା ପରେ ବିନା ପୂର୍ବ ଅନୁମତିରେ ଚଢ଼ଉ କରାଯାଇଥିବା ଦର୍ଶାଇ ଉପଜିଲ୍ଲାପାଳ ଜିଲ୍ଲା ଖଣି ଅଧିକାରୀ ଓ ଦୁଇଜଣ ଜୁନିୟର ଅଫିସରଙ୍କୁ ଥାନାରେ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ନିଜ କର୍ତ୍ତବ୍ୟ କରୁଥିବା ସରକାରୀ ଅଧିକାରୀଙ୍କ ପ୍ରତି ଏପରି ସ୍ୱେଚ୍ଛାଚାରୀ ଆଚରଣକୁ ବିଭାଗ ଗମ୍ଭୀର ଶୃଙ୍ଖଳାଗତ ବିଚ୍ୟୁତି ବୋଲି ଦର୍ଶାଇଥିଲା। ତଦନ୍ତ ପାଇଁ ଦିଆଯାଇଥିବା ଧାର୍ଯ୍ୟ ସମୟ ଶେଷ ହୋଇଥିଲେ ବି ଆରଡିସିଙ୍କ ପକ୍ଷରୁ କୌଣସି ଦୃଶ୍ୟମାନ ପଦକ୍ଷେପ ନ ନିଆଯିବା ପ୍ରଶାସନିକ ଟାଳଟୁଳ ନୀତିକୁ ପଦାରେ ପକାଇଛି। ଏହି ଗମ୍ଭୀର ମାମଲାକୁ ଚାପିଦେବାକୁ ଉଦ୍ୟମ ହେଉଛି କି ନାହିଁ, ତାହାକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ମାମଲାରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଜିଲ୍ଲାପାଳଙ୍କ ଉପସ୍ଥିତିରେ ଉପଜିଲ୍ଲାପାଳ ଓ ଖଣି ଅଫିସରଙ୍କୁ ନେଇ ବୈଠକ ହୋଇସାରିଛି। ରାଜସ୍ୱ ଓ ମାଇନିଂ ବିଭାଗ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ତେଣୁ କୌଣସି ବିବାଦ ନ ରଖି ଆଇନ ମୁତାବକ ସକାରାତ୍ମକ ପରିବେଶରେ ମିଳିମିଶି କାମ କରିବାକୁ ପରାମର୍ଶ ଦିଆଯାଇଛି। ତେବେ ଆରଡିସିଙ୍କ ତଦନ୍ତ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ନାହିଁ। ପରବର୍ତ୍ତୀ ସମୟରେ ଏହା ସ୍ପଷ୍ଟ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଆଦିବାସୀ ସେଙ୍ଗେଲ ଅଭିଯାନର ଦାବିପତ୍ର

ସାରସକଣା,୧୧।୮(ସମିସ) : ସାରସକଣା ବ୍ଲକ୍ରେ ଆଦିବାସୀ ସେଙ୍ଗେଲ ଅଭିଯାନର ଓଡ଼ିଶା ରାଜ୍ୟ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନାରାନ ମୁର୍ମୁ କହିଛନ୍ତି ଯେ, ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦିବାସୀଙ୍କର ବିକାଶ ନାମରେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି କରିଛନ୍ତି। ମୋହନ ଚରଣ ମାଝୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିଛନ୍ତି। ପ୍ରକୃତରେ ଯଦି ଆଦିବାସୀଙ୍କୁ ଭଲ ପାଉଛନ୍ତି, ତେବେ ସାର୍ନା ଧର୍ମ କୋଡକୁ ମାନ୍ୟତା ଦେଇ ଆଦିବାସୀଙ୍କୁ ଭଲପାଇବାର ପ୍ରମାଣ ଦିଅନ୍ତୁ। ତତ୍‌ସହିତ ଆଦିବାସୀଙ୍କର ଅସ୍ତିତ୍ୱ ଓ ବାସ୍ତବିକ ପରିଚୟର ସୁରକ୍ଷା ପାଇଁ ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡର ପ୍ରଥମ ରାଜଭାଷାର ମାନ୍ୟତା କରାଇ ଓଡ଼ିଶାର ଦ୍ୱିତୀୟ ରାଜଭାଷାର ମାନ୍ୟତା ଘୋଷଣା କରି ଆଦିବାସୀଙ୍କୁ ଭଲପାଇବାର ପ୍ରମାଣ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଓ ଆସାମ, ଆଣ୍ଡାମାନରେ ରହୁଥିବା ଝାଡ଼ଖଣ୍ଡୀ ଆଦିବାସୀଙ୍କୁ ଅନୁସୂଚିତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ସହିତ ଆଦିବାସୀଙ୍କର ଜମି ରକ୍ଷା କବଚ ସିଏନଟି, ଏସପିଟି କାନୁନକୁ ଦୃଢ଼ ଭାବରେ ଲାଗୁ କରିବା ଓ ଆଦିବାସୀଙ୍କୁ ବିକାଶ ସ୍ରୋତରେ ସାମିଲ କରିବା ପାଇଁ ଆଦିବାସୀ ସ୍ୱଶାସନ ମାଝୀ ପାର୍ଗାନା ବ୍ୟବସ୍ଥାରେ ଜନତନ୍ତ୍ର, ସମ୍ବିଧାନ ଓ ଆଇନ ଲାଗୁ କରାଯାଉ। ଝାଡଖଣ୍ଡରେ ଝାଡ଼ଖଣ୍ଡୀ ସ୍ଥାନୀୟ ନୀତି/ବ୍ଲକ ୱାଇଜ୍ ନିୟୋଜନ ନୀତି ଲାଗୁ କରିବାକୁ ଦାବି କରାଯାଇଛି। ଦାବିପୂରଣ ନ କଲେ ଓଡ଼ିଶା ଓ କେନ୍ଦ୍ର ସରକାର ଆଦିବାସୀ ବିରୋଧୀ, ଆଦିବାସୀ ବିନାଶକ ବୋଲି ପ୍ରମାଣିତ ହେବେ ବୋଲି ନାରାନ ମୁର୍ମୁ କହିଛନ୍ତି। ଏଥିସହ ଆଗାମୀ ଦିନରେ ରେଳରୋକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ୍ ସଭାପତି ହିନ୍ଦୁରାମ ମୁର୍ମୁ, ଛାତ୍ର ସେଙ୍ଗେଲ ସଭାପତି ଚନ୍ଦ୍ର ମୋହନ ମୁର୍ମୁ, ବ୍ଲକ୍ ଘାଟ ପାର୍ଗାନା ବାହାଦୁର ସୋରେନ, କାହ୍ନା ମାର୍ଣ୍ଡି, ପ୍ରଶାନ୍ତ ହାଁସଦା ପ୍ରମୁଖ ନେତା ଉପସ୍ଥିତ ଥିଲେ।



## ବାରିପଦା ଓ ବେତନଟୀରେ ଧ୍ୟାନ ଓ ଆତ୍ମଜ୍ଞାନ ଶିବିର



ବାରିପଦା, ୧୧।୮(ସମିସ): ବେତନଟିସ୍ଥ ଶାରଦା ଶିକ୍ଷା ଆଶ୍ରମ ଓ ବାରିପଦା ସାଇ ବିନାୟକ କଲ୍ୟାଣ ମଣ୍ଡପରେ ଧ୍ୟାନ ଓ ଆତ୍ମଜ୍ଞାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଳଭଦ୍ର ପିରାମିଡ଼ ଧ୍ୟାନ କେନ୍ଦ୍ରର ପ୍ରତିଷ୍ଠାତ୍ରୀ ଇପ୍ସିତା ପୂଜାରୀ ଧ୍ୟାନର ଆବଶ୍ୟକତା ଓ ବିଧି ବାବଦରେ ଅବଗତ କରାଇବା ସହ ନିର୍ଦ୍ଦେଶିତ ଧ୍ୟାନ କରାଇଥିଲେ। ସେହିପରି କ୍ରାନ୍ତି ଦିବସରେ ପୁଣି ଏକ ଆଧ୍ୟାତ୍ମିକ କ୍ରାନ୍ତିର ଡାକରା ଦେଇଥିଲେ। ମମତା ରାଣୀ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ରଙ୍ଗୀନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ସାଧକ ସମର କେତନ ଲେଙ୍କା, ନୂଆ ସାହି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଲିପିକା ବେହେରାଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଜିଜ୍ଞାସୁ ଯୋଗ ଦେଇଥିଲେ। ଉକ୍ତ ସଭାରେ ସେପ୍ଟେମ୍ବର ୨୫,୨୬ ଓ ୨୭ ତାରିଖରେ ପୁରୀରେ ହେବାକୁ ଥିବା ଓଡିଶା ଧ୍ୟାନ ମହା ଯଜ୍ଞ ବିଷୟରେ ଘୋଷଣା କରାଯାଇଥିଲା। ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ପ୍ରଗତି ପାଇଁ ଧ୍ୟାନ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ୮୯୧୭୪୭୪୪୬୯ ନଂରେ ଯୋଗ କରିବାକୁ ଅନୁରୋଧ କରାଯାଇଛି।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ



ରାଇରଙ୍ଗପୁର,୧୧।୮(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଜ୍ଞାନବିଜ୍ଞାନ ମେଳାରେ ରାଇରଙ୍ଗପୁର ସଙ୍କୁଳ ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବାଟପଲାସା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜନ କୁମାର ମହାନ୍ତ ମେଳାକୁ ଉଦ୍‌ଘାଟନ କରିଥିଲେ। ମୟୂରଭଞ୍ଜ ବିଭାଗ ସହ ଜିଲ୍ଲା ପ୍ରମୁଖ ବାବୁଲାଲ ଦାସ ଓ ସଙ୍କୁଳ ସଂଯୋଜକ କେଦାର ନାଥ କରିକ ଉପସ୍ଥିତ ଥିଲେ। ଜ୍ଞାନବିଜ୍ଞାନ ମେଳାରେ ସଂସ୍କୃତିଜ୍ଞାନ ପ୍ରଶ୍ନ ମଞ୍ଚରେ ୩୬ ଜଣ, ସଂସ୍କୃତି ଜ୍ଞାନ କଥାକଥନରେ ୭ ଜଣ, ଗଣିତ ପ୍ରଶ୍ନ ମଞ୍ଚରେ ୩୯ ଜଣ, ଗଣିତ ପ୍ରକଳ୍ପରେ ୨୦ ଜଣ, ଗଣିତ ପ୍ରୟୋଗରେ ୮ ଜଣ, ବିଜ୍ଞାନ ପ୍ରକଳ୍ପରେ ୪୦ ଜଣ, ବିଜ୍ଞାନ ପ୍ରଶ୍ନ ମଞ୍ଚରେ ୪୮ ଜଣ, ବିଜ୍ଞାନ ପତ୍ରବାଚନରେ ୬ ଜଣ, ବିଜ୍ଞାନ ପ୍ରୟୋଗରେ ୭ ଜଣ, ମୂର୍ତ୍ତି କଳାରେ ୫ ଜଣ ସର୍ବମୋଟ ୨୧୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ସୋମେଶ କୁମାର ବାରିକ, ପରୀକ୍ଷିତ ବେହେରା , ଭବସ୍ମିତା ମହାନ୍ତ, ବର୍ଷା ରାଣୀ ମହାନ୍ତ, ଆର ଜ୍ୟୋତି ମଣ୍ଡଳ, ଦିବ୍ୟ ଜ୍ୟୋତି ମହାନ୍ତ, ଅନୁଷ୍କା ମହାନ୍ତ ,ଭାସ୍କର ପ୍ରତିମ ପଟ୍ଟନାୟକ, ଶଶୀକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ବନ ବିହାରୀ ଦଳେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସମସ୍ତ ବିଜେତା ଛାତ୍ରଛାତ୍ରୀଙ୍କୁ ରାଇରଙ୍ଗପୁର ସଙ୍କୁଳ ପ୍ରମୁଖ ନନ୍ଦ କିଶୋର ମହାନ୍ତ, ବନ ବିହାରୀ ଦଳେଇ , ବିଭାଗ ବିଜ୍ଞାନ ପ୍ରମୁଖ ଦୀପଙ୍କର ବର୍ମା ପ୍ରମାଣ ପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। ସଙ୍କୁଳ ବିଜ୍ଞାନ ପ୍ରମୁଖ ମାନସ କୁମାର ମହାନ୍ତ ବିବରଣୀ ପଠନ କରି ସଭାକାର୍ଯ୍ୟ ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ପରିଚାଳନା ସମିତିର ସଦସ୍ୟମାନେ ସହଯୋଗ କରିଥିଲେ।

## ସଂସ୍କୃତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରିପଦା, ୧୧।୮(ସମିସ): ସ୍ଥାନୀୟ ମର୍ଣ୍ଣିଂ ୱାକ୍ ସାଙ୍ଗମାନଙ୍କ ତରଫରୁ ଏକ ସାରସ୍ୱତ ପରିବେଶ ମଧ୍ୟରେ ବରିଷ୍ଠ ସଦସ୍ୟ ତଥା ଉଫାଲଗାଡ଼ିଆର ସଂସ୍କୃତ ଶିକ୍ଷକ ନୃସିଂହ ଚରଣ ମହାନ୍ତିଙ୍କୁ ଚାକିରି ଜୀବନରୁ ଅବସର ଗ୍ରହଣ କରିଥିବାରୁ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋମବାର ସକାଳେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ, ଛତା, କଲମ, ପୁଷ୍ପଗୁଚ୍ଛ ଓ ସାଙ୍ଗମାନଙ୍କ ସହିତ କାଟିଥିବା କିଛି ଖୁସି ମୁହୂର୍ତ୍ତର ଫଟୋ ଆଲବମ୍ ପ୍ରଦାନ ସହିତ ଦୀର୍ଘାୟୁ ଜୀବନ କାମନା କରାଯାଇଥିଲା। ପୂର୍ବରୁ ଏହି ସାଙ୍ଗମାନଙ୍କ ଦ୍ୱାରା ରଥଯାତ୍ରା ଓ ବାହୁଡ଼ା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ସହିତ ଗଜା ମୁଗ ଓ ବୁଟ ବଣ୍ଟନ କରାଯାଇଥିଲା ସମାଜରେ ସୁସ୍ଥ ରହିବା ପାଇଁ ସକାଳେ ଚାଲିବା ସହିତ ସୁସ୍ଥ, ସ୍ୱାସ୍ଥ୍ୟ, ଓ ବନ୍ଧୁତା ବଢ଼ାଇବାର ବାର୍ତ୍ତା ମଧ ପ୍ରଚାର ଓ ପ୍ରସାର କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମରେ ସଭାପତି ଗୌର ଗୋପାଳ ଲେଙ୍କା, ସମ୍ପାଦକ ପ୍ରହଲ୍ଲାଦ ଗିରି, ଡା. ଆଶୁତୋଷ ଗିରି, ପ୍ରଦୀପ କୁମାର ବାରିକ, ହରିପଦ ବେହେରା, ଜ୍ଞାନ ରଞ୍ଜନ ଜେନା, ଜୟନ୍ତ କୁମାର ପଣ୍ଡା, କବି ବିଷ୍ଣୁ ଶତପଥି, ପ୍ରଦୀପ ପ୍ରସାଦ ଦାସ, ରାଜେଶ କୁମାର ପୁଷ୍ଟି, ସରୋଜ ଅଧିକାରୀ, ବିଜୟ କୁମାର ଦାସ, ସୂର୍ଯ୍ୟ କୁମାର ନାୟକ,କାର୍ତ୍ତିକେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଉପାନ୍ତ ଅଞ୍ଚଳରେ ୫ଜି ନେଟ୍‌ୱର୍କ ସୁବିଧା ଦାବି

ରାଇରଙ୍ଗପୁର, ୧୧।୮ (ସମିସ): ବହଳଦା ବ୍ଲକ୍ ଅନ୍ତର୍ଗତ ଯୋଶିପୁର ପଞ୍ଚାୟତର କୁଦରସାହି, ଯୋଶିପୁର, ରଙ୍ଗାମାଟିଆ, ନନ୍ଦାବସା, ଅସୁରଘାଟି, ନୁଆଗାଁ ଓ ସାପଘରା ଅଞ୍ଚଳରେ ଏ ପର୍ଯ୍ୟନ୍ତ ୫ଜି ନେଟ୍‌ୱର୍କ ଉପଲବ୍ଧ ନଥିବାରୁ ସାଧାରଣ ଲୋକ, ଛାତ୍ରଛାତ୍ରୀ, ଯୁବପିଢ଼ି ଡିଜିଟାଲ ସେବା, ଡିଜିଟାଲ ବ୍ୟାଙ୍କିଂ ଓ ଆୟୁଷ୍ମାନ କାର୍ଡ ଆକ୍ଟିଭ୍ ଭଳି ବିଭିନ୍ନ ସରକାରୀ ଯୋଜନା ନିମନ୍ତେ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ଓ ଯୋଶିପୁର ପଞ୍ଚାୟତ ଉପାନ୍ତ ଅଞ୍ଚଳରେ ୫ଜି ମୋବାଇଲ୍ ନେଟ୍‌ୱର୍କ ସୁବିଧା ଶୀଘ୍ର ଉପଲବ୍ଧ କରାଇବା ଦାବିରେ ସାମାଜିକ କର୍ମୀ ତଥା ସାମ୍ବାଦିକ ବାରିୟାଲ୍ ହେମ୍ବ୍ରମ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଅଭିଯୋଗ ପତ୍ରରେ ଗ୍ରାମାଞ୍ଚଳରେ ଡିଜିଟାଲ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବା ସହିତ ଛାତ୍ରଛାତ୍ରୀଙ୍କ ଅନଲାଇନ୍ ଶିକ୍ଷା, ଅନଲାଇନ୍ ସରକାରୀ ସେବା, ଡିଜିଟାଲ ପେମେଣ୍ଟ, ଅନଲାଇନ୍ ବ୍ୟବସାୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ପାଇଁ ଉନ୍ନତ ମୋବାଇଲ୍ ନେଟୱର୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି।




ବିଶେଷକରି ଯେଉଁ ଅଞ୍ଚଳରେ ୫ଜି ସେବା ଏ ପର୍ଯ୍ୟନ୍ତ ପହଞ୍ଚି ନାହିଁ, ସେଠାରେ ଟେଲିକମ୍ କମ୍ପାନି ଓ ସମ୍ପୃକ୍ତ ବିଭାଗ ସହିତ ସମନ୍ୱୟ କରି ୫ଜି ଟାୱାର/ନେଟୱର୍କ ଭିତ୍ତିଭୂମି ବିକାଶ କରିବା ଓ ଶୀଘ୍ର ସେବା ଉପଲବ୍ଧ କରାଇବା ପାଇଁ ଦାବି କରାଯାଇଛି। ବାରିୟାଲ୍ ହେମ୍ବ୍ରମ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଦ୍ରୁତ ଇଣ୍ଟରନେଟ୍ ଓ ଡିଜିଟାଲ୍ ଯୋଗାଯୋଗ ଲୋକଙ୍କ ଦୈନନ୍ଦିନ ଜୀବନ, ଶିକ୍ଷା ଓ ଜୀବିକାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେଣୁ ଗ୍ରାମାଞ୍ଚଳ ସମେତ ସମସ୍ତ ଅଞ୍ଚଳରେ ଉନ୍ନତ ମୋବାଇଲ୍ ନେଟୱର୍କ ସୁବିଧା ଉପଲବ୍ଧ କରାଇବା ଆବଶ୍ୟକ। ଏହି ଅଭିଯୋଗ ଉପରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶା ପ୍ରକଟ କରାଯାଇଛି।

## ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ କାମରେ ଦୁର୍ନୀତି ପ୍ରସଙ୍ଗ

# ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ଭଞ୍ଜସେନାର ଘେରଉ ସ୍ଥଗିତ

ଉଦଳା, ୧୧।୮ (ସମିସ)



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡସ୍ଥ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ଅଧୀନସ୍ଥ ବରିଷ୍ଠ ଅଧିକାରୀଙ୍କ ଠିକାଦାରଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁଁ ସେଠାକାର ସରକାରୀ ଅର୍ଥର ବ୍ୟାପକ ହେରଫେର ହେବା ନେଇ ଅଭିଯୋଗ ହେବା ପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ଭଞ୍ଜସେନା ଘେରଉ ଯୋଜନାକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି।

ଗତ ଆର୍ଥିକ ବର୍ଷରେ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସ ଦ୍ୱାରା ସମ୍ପାଦିତ ହୋଇଥିବା ଏସ୍ଆର ଓ ଆୱାର୍ଡ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ମହିଷାସୁର-ପଦ୍ମପୋଖରୀ ଓ ଉଦଳା-ଦୁଗଧା-କୁଣ୍ଡାବାଇ (ମୁଖ୍ୟମନ୍ତ୍ରୀ ସଡକ ଯୋଜନା) କାର୍ଯ୍ୟରେ ବ୍ୟବହୃତ ହେଉଥିବା ସମସ୍ତ ସମାଗ୍ରୀର ମାନ ତଦାରଖ କରିବା ସହିତ ବିଭାଗ ସହିତ ଚୁକ୍ତିକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଘଂନ କରି ଲାଭ ପାଇବା ଆଶାରେ ହେଉଥିବା କାର୍ଯ୍ୟକୁ ଚୁକ୍ତି ନିୟମ ଅନୁଯାୟୀ କରାଯାଉ। ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ବେଆଇନ ସମ୍ପତ୍ତିର ଠିକ୍ ଆକଳନ କରିବା ସହିତ ଚାଲୁ ରହିଥିବା ଦୁର୍ନୀତିର ତଦନ୍ତ ରାଜ୍ୟ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରାଯାଉ। ଦୁର୍ନୀତିକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ସହିତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆମ୍ଭେ ଦେଇଥିବା ଅଭିଯୋଗ ବାବଦରେ ଯଥାଶୀଘ୍ର ସଠିକ ଭାବରେ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ମଧ୍ୟ କଠୋର ପଦକ୍ଷେପ ଗ୍ରହଣ କରି ନ ଥିବାରୁ ପୂର୍ବରୁ ଉଦଳାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ବିଭାଗ ପକ୍ଷରୁ ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ନ ଦେଲେ ଅଗଷ୍ଟ ୧୨ ତାରିଖ ବୁଧବାର ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ ବାରିପଦାସ୍ଥ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା।

ସେଥିନିମନ୍ତେ ଆସନ୍ତାକାଲିର ଘେରଉ ସକାଶେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଥିବାବେଳେ ଆଜି ଅପରାହ୍ନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଦଳା ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବ୍ରତ ନାୟକଙ୍କ ନିମନ୍ତ୍ରଣ କ୍ରମେ ଭଞ୍ଜସେନା କପ୍ତିପଦା ଉପଖଣ୍ଡ ଶାଖା ସଭାପତି ରାକେଶ ପଣ୍ଡା ଓ ବରିଷ୍ଠ ସଦସ୍ୟ ରାଜକିରଣ ରାଉତ ପ୍ରମୁଖ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଉକ୍ତ ନିମ୍ନମାନର କାର୍ଯ୍ୟ ବାବାଦରେ ସବିଶେଷ ଆଲୋଚନା ହୋଇଥିଲା ଓ ଅଧୀକ୍ଷଣ ଯନ୍ତ୍ରୀ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ସଂଗଠନ ପକ୍ଷରୁ ଆସନ୍ତାକାଲିର ଘେରଉ କାର୍ଯ୍ୟକ୍ରମ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଆଗାମୀ ୧୦ ଦିନ ମଧ୍ୟରେ ତଦନ୍ତ ତ୍ୱରାନ୍ୱିତ ନ ହେଲେ ପୁନର୍ବାର ବାରିପଦାସ୍ଥ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କପ୍ତିପଦା ଉପଖଣ୍ଡ ସଭାପତି ରାକେଶ ପଣ୍ଡା ସୂଚନା ଦେଇଛନ୍ତି।

## ବଡ଼ବିଲ ପୁଲିସର ସାଇବର ସଚେତନତା କାର୍ଯ୍ୟକ୍ରମ



ବଡ଼ବିଲ,୧୧।୮ (ସମିସ): ଡିଜିଟାଲ ଯୁଗରେ ବଢୁଥିବା ସାଇବର ଅପରାଧ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ବଡ଼ବିଲ ପୁଲିସ ପକ୍ଷରୁ ସ୍ଥାନୀୟ ସେଣ୍ଟ ମେରୀ ସ୍କୁଲ ପରିସରରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀମାନେ ସାଇବର ଅପରାଧର ବିଭିନ୍ନ ଦିଗ ଏବଂ ଏଥିରୁ ସୁରକ୍ଷିତ ରହିବାର ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଅନ୍‌ଲାଇନ୍ ଆର୍ଥିକ ଠକେଇ, ଫିସିଂ, ଓଟିପି ଠକେଇ, ନକଲି ସୋସିଆଲ ମିଡିଆ ପ୍ରୋଫାଇଲ, ସାଇବର ବୁଲିଂ, ପରିଚୟ ଚୋରି, ଅନଲାଇନ ଗେମିଂ ଠକେଇ ଏବଂ ମିଥ୍ୟା ନିବେଶ ଯୋଜନା ଭଳି ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ପୁଲିସ ପକ୍ଷରୁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଅଜଣା ବ୍ୟକ୍ତିଙ୍କ ସହ ନିଜର ବ୍ୟକ୍ତିଗତ ତଥ୍ୟ, ପାସୱାର୍ଡ, ବ୍ୟାଙ୍କ ଖାତା ବିବରଣୀ କିମ୍ବା ଓଟିପି କୌଣସି ପରିସ୍ଥିତିରେ ଅଂଶୀଦାର ନକରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର, ସାଇବର ହାଇଜିନ୍ ଏବଂ ଡିଜିଟାଲ ଉପକରଣର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ନେଇ ମଧ୍ୟ ସଚେତନ କରାଯାଇଥିଲା। କୌଣସି ପ୍ରକାର ସାଇବର ଠକେଇର ଶିକାର ହେଲେ ତୁରନ୍ତ ଜାତୀୟ ସାଇବର କ୍ରାଇମ୍ ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଯୋଗାଯୋଗ କରିବା ସହ ଜାତୀୟ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ ଅଭିଯୋଗ କରିବାକୁ ପୁଲିସ ପରାମର୍ଶ ଦେଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଓ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ସହ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ତ୍ତୃପକ୍ଷ ସକ୍ରିୟ ଭାବେ ଯୋଗଦେଇଥିଲେ। ସାଇବର ସୁରକ୍ଷା ଓ ଅନଲାଇନ ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବଡ଼ବିଲ ପୁଲିସର ଏହି ପଦକ୍ଷେପକୁ ସ୍କୁଲ କର୍ତ୍ତୃପକ୍ଷ ଓ ଉପସ୍ଥିତ ଅଭିଭାବକମାନେ ପ୍ରଶଂସା କରିଥିଲେ। ସାଇବର ସଚେତନତା, ପ୍ରତିରୋଧ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ ପାଇଁ ବଡ଼ବିଲ ପୁଲିସର ଉଦ୍ୟମ ଜାରି ରହିବ ବୋଲି ଶ୍ରୀ ପିଙ୍ଗୁଆ କହିଥିଲେ।

## ଭାଲୁକୁମା ଗାଁ'ରେ ଜଳକଷ୍ଟ

# ଚୁଆ କରି ପାଣି ନେଉଛନ୍ତି ଗ୍ରାମବାସୀ



ଆନନ୍ଦପୁର,୧୧।୮ (ସମିସ): ସ୍ୱାଧୀନତାର ୭୮ ବର୍ଷ ପରେ ବି ଗାଁ'କୁ ଏବେ ପର୍ଯ୍ୟନ୍ତ ପହଞ୍ଚି ନାହିଁ ପିଇବାପାଣି ପାଣି ମୁନ୍ଦାଏ ପାଇଁ ଲୋକେ ହନ୍ତସନ୍ତ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଭାଲୁକୁମା ଗ୍ରାମବାସୀ ପୂର୍ବରୁ ନଦୀରୁ ଚୁଆ କରି ପାଣି ନେଉଥିବା ବେଳେ ତାହା ଗୋଳିଆ ହେଉଥିବାରୁ ଓ ମଳିଆ ପାଣି ଆସିବାରୁ ଗ୍ରାମବାସୀ ନାହିଁ ନଥିବା ହୀନସ୍ଥା ହେଉଛନ୍ତି। ବିକଳ୍ପ ବ୍ୟବସ୍ଥା ନଥିବାରୁ ଏବେ ଫାଟି ଥିବା ପାଇପ୍‌ରୁ ପାଣି ନେଉଛନ୍ତି। ପାଇପ ଯୋଗେ ପାଣି କିମ୍ବା ନଳକୂପ ବ୍ୟବସ୍ଥା ପାଇଁ ଯେତେ ଅନୁରୋଧ କଲେ ବି ଆଜି ପର୍ଯ୍ୟନ୍ତ ପିଇବା ପାଣିର ସୁବିଧା ହୋଇ ପାରିନାହିଁ। ଗାଁ'ର ମହିଳାମାନେ ଗୋଟିଏ କିଲୋମିଟର ଚାଲି ମୁଣ୍ଡରେ ଓ କାଖରେ ପାଣି ଗରା ନେଇ ରାସ୍ତା ଅତିକ୍ରମ କରିବିଭିନ୍ନ ସ୍ଥାନରୁ ପାଣି ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ସକାଳୁ ରାତି ଯାଏଁ ଏହି ଚୁଆରୁ ପାଣି ନେବାକୁ ମହିଳାମାନଙ୍କୁ ଠିଆ ହେବାକୁ ପଡ଼ିଥାଏ। ପିଇବା ପାଣି ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

## ବଜ୍ରପାତରେ ୪ ଗୁରୁତର

କୁଆମରା,୧୧।୮ (ସମିସ): ଆଜି ମଧ୍ୟାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ବିଲରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ କିଛି ଘରକୁ ପଳାଇ ଆସିଥିବାବେଳେ କେତେକ ବିଲରେ ରହି କାମ କରୁଥିଲେ। କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ବଜ୍ରପାତରେ ଦୁଇ ଜଣ ପୁରୁଷ ଓ ଦୁଇଜଣ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଉଛନ୍ତି ଗୋପବନ୍ଧୁନଗର ବ୍ଲକ କୁଆମରା ଗ୍ରାମର ରାଣୀ ସିଂ (୨୦), ଲକ୍ଷ୍ମୀଧର ସିଂ (୨୮), ଦୀପା ସିଂ (୨୨) ଓ ବୁଧେଶ୍ୱର ବେହେରା (୫୫)। ସମସ୍ତଙ୍କୁ କୁଆମରା ଡାକ୍ତରଖାନା ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିବାବେଳେ ଆଜି ସନ୍ଧ୍ୟାରେ ରାଣୀ, ଲକ୍ଷ୍ମୀଧର ଓ ଦୀପାଙ୍କୁ ସଂକଟାପନ୍ନ ଅବସ୍ଥାରେ ବାରିପଦା ପିଆରଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ୨ ଆହତ

ଠାକୁରମୁଣ୍ଡା,୧୧।୮ (ସମିସ): ମୟୂରଭଞ୍ଜ-କେନ୍ଦୁଝର ଜିଲ୍ଲା ସୀମାନ୍ତ ଗହଳମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଧବଣୀ ବାଙ୍କ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣା ଘଟି ଦୁଇଜଣ ଆହତ ହୋଇଛନ୍ତି। ଆହତ ଦୁଇଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜଣେ ଆହତ ଅଧିକ ଗୁରୁତର ଥିବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ଅନ୍ତର୍ଗତ ପାଣପୋଷୀ ଗ୍ରାମର ସୁଶୀଲ ହୋ (୨୫) ଓ ଗୋବର୍ଦ୍ଧନ ହୋ (୩୦) ଦୁଇସାଙ୍ଗ ବାଇକ ଯୋଗେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳ ଗହଳମୁଣ୍ଡା ବାଉଁଶରାୟଠାରେ ଥିବା ମାମୁଁଘରକୁ ଯାଉଥିଲେ। ଧବଣୀ ବାଙ୍କ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରିଥିଲେ। ଗୋବର୍ଦ୍ଧନ ହୋଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାବେଳେ ସୁଶୀଲ ହୋଙ୍କ ପାଦ ଓ ମୁହଁରେ ଆଘାତ ଲାଗିଛି।

## ରୋଟାରୀ ହେରିଟେଜ୍ ପକ୍ଷରୁ ଚାରାରୋପଣ ଓ ମେଧା ପରୀକ୍ଷା

ବାରିପଦା/କୁଳିଅଣା,୧୧।୮ (ସମିସ): ରୋଟାରୀ କ୍ଲବ୍ ଅଫ ବାରିପଦା ହେରିଟେଜ ପକ୍ଷରୁ ଏକ ଚାରାରୋପଣ ଓ ମେଧା ପରୀକ୍ଷା କାର୍ଯ୍ୟକ୍ରମ କୁଳିଅଣା ବ୍ଲକ ଅନ୍ତର୍ଗତ ରଙ୍ଗୀଶୋଳ ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋଟାରିୟାନ ତରଣୀସେନ ଧଳଙ୍କ ନେତୃତ୍ୱ ଓ ସମ୍ପାଦକ ସଂଜୀବ ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି, ଲିଚୁ, କରମଙ୍ଗା ଓ ଗୁଆ ଇତ୍ୟାଦି ଚାରା ରୋପଣ ପରେ ଛାତ୍ରୀଙ୍କ ବୁଦ୍ଧି ପରୀକ୍ଷା କରାଯାଇଥିଲା।




ଉକ୍ତ ପରୀକ୍ଷାରେ ନବମ ଓ ଦଶମ ଶ୍ରେଣୀର ୪୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଗିରିଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସଭାପତି ଓ ସମ୍ପାଦକଙ୍କ ବ୍ୟତୀତ ରୋଟାରିୟାନ ପ୍ରଦୀପ ନାୟକ, ଅନିରୁଦ୍ଧ ପୃଷ୍ଟି, ନଳିନ ଚୌଧୁରୀ ଓ ଶୈବାଳ ନାୟକ ଉପସ୍ଥିତ ଥିଲେ। ରୋଟାରିୟାନ ଚିତ୍ତରଞ୍ଜନ ପଳତାଙ୍କ ଅତିଥି ପରିଚୟ ପରେ ଆଇପିପି ବ୍ରହ୍ମାନନ୍ଦ ପ୍ରଧାନ ପିଲାଙ୍କୁ ବୌଦ୍ଧିକ ଜ୍ଞାନ ତଥା ଉତ୍ତମ ଚରିତ୍ର ଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଟାରୀୟାନ ସନ୍ତୋଷ କାନ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କ୍ଲବ ପକ୍ଷରୁ ଦଶମ ଶ୍ରେଣୀର ତିନିଜଣ ଗରିବ ମେଧାବୀ ଛାତ୍ରୀ ବାସନ୍ତୀ ସୋରେନ, ସମବାରୀ ମୁର୍ମୁ ଓ ପ୍ରମିଳା ସିଂଙ୍କୁ ଓଷ୍ଟା ଟେଷ୍ଟପେପର ପ୍ରଦାନ, ମେଧା ପରୀକ୍ଷାରେ ପ୍ରଥମ ହୋଇଥିବା ନବମ ଶ୍ରେଣୀ ଛାତ୍ରୀ ସ୍ୱାତୀ ସାଇସୃତା ବାରିକ, ଦ୍ୱିତୀୟ ବାସନ୍ତୀ ସୋରେନ ଓ ତୃତୀୟ ସୁଶ୍ରୀ ପ୍ରିୟଙ୍କା ମହାନ୍ତଙ୍କୁ ଟ୍ରଫି ଓ କ୍ଲବ ସଭାପତି ଶ୍ରୀ ଧଳଙ୍କ ତରଫରୁ ୨ଟି ସିଲିଂ ଫ୍ୟାନ ବିଦ୍ୟାଳୟକୁ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ପ୍ରଧାନଶିକ୍ଷକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଜଗବନ୍ଧୁ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶାନ୍ତନୁ ସେନାପତି, ଶିକ୍ଷୟିତ୍ରୀ ହରିପ୍ରିୟା ଗିରି, ସୁନୀତା ଆଚାର୍ଯ୍ୟ, ସସ୍ମିତା ମହାନ୍ତ, କର୍ମଚାରୀ ସନ୍ତୋଷ ମହାନ୍ତ ଓ ବନମାଳୀ ମୁର୍ମୁ ସହଯୋଗ କରିଥିଲେ।

## ଦୋକାନରେ ଭଙ୍ଗାରୁଜା ଓ ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ମୋରଡା,୧୧।୮ (ସମିସ): ମୋରଡା ଥାନା ଅଧୀନ ଚିତ୍ରଡା ଗ୍ରାମର ଜଣେ ମହିଳାଙ୍କୁ ଉକ୍ତ ଗ୍ରାମର ଦୁଇଜଣ ଯୁବକ ଆକ୍ରମଣ କରିବା ସହ ଦୋକାନରେ ଭଙ୍ଗାରୁଜା କରିଥିବା ଅଭିଯୋଗ ହେଉଛି। ଚିତ୍ରଡା ଗ୍ରାମର ମୀନା ମହାନ୍ତ ସୋମବାର ରାତି ୮ଟା ସମୟରେ ତାଙ୍କ ଘର ଦୋକାନରେ ବସିଥିବା ସମୟରେ ସେହି ଗ୍ରାମର ସ୍ୱର୍ଗତ ବିମଳ ମହାନ୍ତଙ୍କ ଦୁଇପୁଅ ଜୟନ୍ତ ମହାନ୍ତ ଓ ଯଜ୍ଞଦତ୍ତ ମହାନ୍ତ ମଦ୍ୟପାନ କରି ଆସି ଦୋକାନରେ ଥିବା ଜିନିଷପତ୍ରକୁ ଭଙ୍ଗାରୁଜା କରିଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ତାଙ୍କୁ ଦୁଇଭାଇ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ଧକ୍କା ମାରିଥିଲେ। ବଳାତ୍କାର କରି ତାଙ୍କ ସ୍ୱାମୀ ଓ ଛୁଆକୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ମହିଳା ଜଣକ ରାତିରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଥାନାରେ ୩୨୫/୨୬ରେ ମାମଲା ରୁଜୁ କରିଛି। ଜୟନ୍ତ ନାମରେ ପୂର୍ବରୁ ଅନେକ ମାମଲା ରହିଥିବାବେଳେ ଯଜ୍ଞଦତ୍ତଙ୍କ ନାମରେ ମଧ୍ୟ ମାମଲା ରହିଛି। ନ୍ୟାୟ ପ୍ରଦାନ ପାଇଁ ଅଭିଯୋଗକାରିଣୀ ମୀନା ମହାନ୍ତ ପୁଲିସକୁ ଅନୁରୋଧ କରିଛନ୍ତି।

## ଥାନାରୁ ଜେସିବି ଚୋରି ଘଟଣା

# ପୁଣି ଜେସିବି ଜବତ, ୪ ଗିରଫ

ରାସଗୋବିନ୍ଦପୁର,୧୧।୮ (ସମୀସ): ପୁଲିସ ଜବତ କରିଥିବା ଜେସିବି ଥାନା ପରିସରରୁ ଚୋରି ହୋଇଯିବା ଘଟଣାକୁ ନେଇ ରାସଗୋବିନ୍ଦପୁର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଘଟଣା ପରେ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ସାରୁମୂଳା ଅଞ୍ଚଳରୁ ଜେସିବିକୁ ପୁଣିଥରେ ଠାବ କରି ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଦେବଶୋଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଚ୍ଛିତ ଚୋରା ବାଲିକୁ ଜେସିବି ସାହାଯ୍ୟରେ ଡମ୍ପରରେ ବୋଝେଇ କରି ଚାଲାଣ କରାଯାଉଥିବା ନେଇ ପୁଲିସ ଖବର ପାଇଥିଲା। ଖବର ପାଇ ରାସଗୋବିନ୍ଦପୁର ପୁଲିସ ବିଳମ୍ବିତ ରାତିରେ ଦେବଶୋଳ ଅଞ୍ଚଳରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଡମ୍ପରଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ପୁଲିସ ଏକ ଜେସିବିକୁ ଜବତ କରି ଚାଳକଙ୍କ ସହ ଥାନାକୁ ଆଣିଥିଲା। ତେବେ ବିଳମ୍ବିତ ରାତିରେ ଥାନା ପରିସରରେ ରଖାଯାଇଥିବା ଜେସିବିକୁ କେତେକ ବ୍ୟକ୍ତି ନେଇ ଚମ୍ପଟ ମାରିଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସାରୁମୂଳା ଅଞ୍ଚଳରୁ ଜେସିବିକୁ ଠାବ କରିଥିଲା। ପରେ ଏହାକୁ ପୁଣିଥରେ ଜବତ କରି ଥାନାକୁ ଅଣାଯାଇଛି। ଘଟଣା ସଂପର୍କରେ କେସ ନଂ-୪୨୫, ତାରିଖ ୦୯/୦୮/୨୦୨୬ରେ ପିଣ୍ଟୁ ତରାଇ ଓ ମହାଦେବ ବେହେରାଙ୍କ ନାମ ରହିଥିବାବେଳେ କେସ ନଂ-୪୨୭, ୦୯/୦୮/୨୦୨୬ରେ ଆଶୁତୋଷ ଘୋଷ ଓ ଦୁଃଖିରାମ ପାତ୍ରଙ୍କ ନାମ ଥିବା ଜଣାପଡ଼ିଛି। ପୁଲିସ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଜେସିବିଟି ଥାନାରୁ କିପରି ବାହାରକୁ ନିଆଯାଇଥିଲା, ଏଥିରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ଓ ଘଟଣା ପଛରେ ବାଲି ଚାଲାଣକାରୀଙ୍କ ଭୂମିକା କ'ଣ ରହିଛି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଶେଷ ପର୍ଯ୍ୟାୟରେ ପ୍ରସ୍ତାବିତ ବୁଢ଼ାବଳଙ୍ଗ ରିଙ୍ଗରୋଡ୍ ପ୍ରକଳ୍ପ ସର୍ଭେ

# ଉଚ୍ଛେଦ ହେବେ ୫୦ ପରିବାର

### ପୂର୍ବ ସର୍ଭେ ଅନୁସାରେ ପ୍ରକଳ୍ପ ନିର୍ମାଣ ପାଇଁ କାଉନସିଲରଙ୍କ ଦାବି



ବାରିପଦା, ୧୧।୮ (ସମିସ): ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ନିମନ୍ତେ ବୁଢ଼ାବଳଙ୍ଗ ନଦୀ ପାଶ୍ୱର୍ରେ ନିର୍ମାଣ ହେବାକୁ ଥିବା ରିଙ୍ଗରୋଡ୍ ପ୍ରକଳ୍ପର ସର୍ଭେ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଏହି ସର୍ଭେ କାର୍ଯ୍ୟରେ ବାରିପଦା ତହସିଲଦାର ସପନ କୁମାର ସାହୁ ଓ ବାରିପଦା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ରିଙ୍ଗରୋଡ୍ ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ ନଦୀଆଡ଼ିରୁ ୬୬ ମିଟର ଅର୍ଥାତ ୨୧୬ ଫୁଟ ଜାଗାରେ ଥିବା ଘର ଉଚ୍ଛେଦ ନିମନ୍ତେ ସର୍ଭେ କରାଯାଇଛି। ନଦୀରୁ ୨୦ ମିଟର ଖାଲି ସ୍ଥାନ ରହିବାକୁ ଥିବାବେଳେ ବାକି ୪୬ ମିଟରରେ ରିଙ୍ଗରୋଡ୍ ହେବାକୁ ସ୍ଥିର ହୋଇଛି। ଏଥିପାଇଁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଘର ଉଚ୍ଛେଦ ହେବା ଅନୁମାନ କରାଯାଉଛି। ସ୍ଥାନୀୟ କାଉନସିଲର ପ୍ରଶାନ୍ତ ବେହେରାଙ୍କ କହିବା ଅନୁଯାୟୀ ରିଙ୍ଗରୋଡ୍ ନିର୍ମାଣକୁ ଆମେ ସମର୍ଥନ କରୁଛୁ। କିନ୍ତୁ ରିଙ୍ଗରୋଡ୍ ନିର୍ମାଣ ଆଳରେ ଅଯଥା ବସ୍ତି ଉଚ୍ଛେଦକୁ ଆମେ ବିରୋଧ କରୁଛୁ। ଏହି ବସ୍ତିରେ ଦୀର୍ଘ ୪୦ ବର୍ଷ ଧରି ୪ ଶହରୁ ଊର୍ଦ୍ଧ୍ୱ ପରିବାର ସ୍ଥାୟୀ ଭାବେ ରହିଆସୁଛନ୍ତି। ନବୀନ ସରକାରଙ୍କ ସମୟରେ ରିଙ୍ଗରୋଡ୍ ନିର୍ମାଣ ନିମନ୍ତେ ଯେଉଁ ମାପ ଦିଆଯାଇଥିଲା, ସେହି ଅନୁଯାୟୀ ନିର୍ମାଣ ହେଉ ଓ ବିସ୍ଥାପିତ ହେଉଥିବା ପରିବାରକୁ ତୁରନ୍ତ ଥଇଥାନ କରାଯାଉ।

## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା,୧୧।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ପଇତାମଜା ଗ୍ରାମର ସୁରେନ୍ଦ୍ର ମହାନ୍ତଙ୍କ ପୁଅ ଯଶୋବନ୍ତ ମହାନ୍ତ (୩୭)ଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ସକାଳୁ ଖଡିବେଡା ଜଙ୍ଗଲର ଏକ ଜାମୁ ଗଛରୁ ଉଦ୍ଧାର ହୋଇଛି। ମୃତଦେହ ଝୁଲୁଥିବା ଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ ଖବର ପାଇ ସାହାରପଡା ଫାଣ୍ଡି ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବିଶ୍ୱ ହସ୍ତୀ ଦିବସ

# ହାତୀ ସଂରକ୍ଷଣ, ସଙ୍ଘର୍ଷ ଓ ସମାଧାନ ଦିଗରେ ପଦକ୍ଷେପ ଆବଶ୍ୟକ

ବାରିପଦା, ୧୧।୮ (ସମିସ)



ଅଗଷ୍ଟ ୧୨ ତାରିଖ ବିଶ୍ୱ ହସ୍ତୀ ଦିବସ। ଧରିତ୍ରୀର ସବୁଠାରୁ ବିଶାଳକାୟ ଜୀବ ହାତୀଙ୍କ ସୁରକ୍ଷା, ସେମାନଙ୍କ ବାସସ୍ଥଳୀ ରକ୍ଷା ଓ ମଣିଷ-ହାତୀ ମଧ୍ୟରେ ସହଅସ୍ତିତ୍ୱ ବଜାୟ ରଖିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ତେବେ ରାଜ୍ୟରେ ଏବେ ମଣିଷ-ହାତୀ ସଂଘର୍ଷ ଏକ ପ୍ରମୁଖ ଚିନ୍ତାର କାରଣ ପାଲଟିଥିବାବେଳେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହାତୀଙ୍କ ସୁରକ୍ଷା ଓ ଖାଦ୍ୟ ଯୋଗାଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଜଙ୍ଗଲ କ୍ଷୟ, ବିଶ୍ୱ ଉତ୍ତାପ ଓ ବାସସ୍ଥଳୀ ସଙ୍କୁଚିତ ହେବା ଯୋଗୁଁ ଆଜି ଜଙ୍ଗଲ ମଧ୍ୟରେ ହାତୀ ପାଣି ଓ ପ୍ରାକୃତିକ ଆହାରର ସଙ୍କଟ ସାମ୍ନା କରୁଛନ୍ତି। ଫଳରେ ହାତୀ ଖାଦ୍ୟ ଆଶାରେ ଗାଁ ଅଭିମୁଖେ ଚାଲିଆସୁଛନ୍ତି। କେବଳ ସେତିକି ନୁହେଁ, ମଣିଷର ଫସଲ ସହଜରେ ମିଳିଯାଉଥିବାରୁ ହାତୀଙ୍କ ଖାଦ୍ୟାଭ୍ୟାସରେ ମଧ୍ୟ ପରିବର୍ତ୍ତନ ଆସିଛି। ଯାହା ମଣିଷ-ହାତୀ ସଂଘର୍ଷକୁ ଆହୁରି ବଢ଼ାଇଦେଇଛି। ଜଙ୍ଗଲୁ ହାତୀ ବାହାରି ଗାଁ ମୁହାଁ ହେଲେଣି। ଧାନ, ପରିବା ସହଜରେ ମିଳିଯାଉଛି, ପରିଶ୍ରମ କରିବାକୁ ପଡୁନି। ଏହାର ସଂଶୋଧନ ପାଇଁ ଆମକୁ ଜଙ୍ଗଲରେ ଗବେଷଣା କରି ହାତୀ ଖାଉଥିବା ଗଛ, ଫଳ ଓ ବାଉଁଶ ଲଗାଇବାକୁ ପଡ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ମୟୂରଭଞ୍ଜର ହୃଦୟପିଣ୍ଡ ଶିମିଳିପାଳରେ ୨୦୨୩ ଗଣନା ଅନୁଯାୟୀ ପ୍ରାୟ ୧୦୩ରୁ ଅଧିକ ସ୍ଥାୟୀ ହାତୀ ରହିଛନ୍ତି। ଏଥିସହ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଅନେକ ହାତୀ ଏଠାକୁ ଯାତାୟାତ କରନ୍ତି। ହାତୀଙ୍କୁ ଜଙ୍ଗଲ ମଧ୍ୟରେ ଅଟକାଇ ରଖିବା ପାଇଁ ଶିମିଳିପାଳ ଜଙ୍ଗଲ ଭିତରେ ଗତ ୨/୩ ବର୍ଷ ହେଲା ପ୍ରାକୃତିକ 'ମିଡୋ' କିମ୍ବା ତୃଣଭୂମି ସୃଷ୍ଟି କରାଯାଉଛି। ଯାହା ଦ୍ୱାରା ହାତୀଙ୍କୁ ପ୍ରଚୁର ପ୍ରାକୃତିକ ଘାସ ଓ ପାଣି ମିଳିପାରୁଛି।

ଆମେ ଗ୍ରାସଲ୍ୟାଣ୍ଡ ଓ ମିଡୋ ଉପରେ ବହୁତ ଇଣ୍ଟେନସିଭ କାମ କରୁଛୁ। ମଞ୍ଜି ସଂଗ୍ରହ କରି ମିଡୋ ପ୍ରସ୍ତୁତ କରାଯାଉଛି। ଯଦ୍ୱାରା ହାତୀଙ୍କୁ ପ୍ରଚୁର ଖାଦ୍ୟ ମିଳିପାରିବ। ହାତୀ ପଲଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତିର କ୍ଷତିପୂରଣ ପାଇଁ ବନବିଭାଗ 'ଅନୁକମ୍ପା' ପୋର୍ଟାଲ ମାଧ୍ୟମରେ ସର୍ଭେ କରି ଡିବିଟି ମାଧ୍ୟମରେ ପ୍ରଦାନ ସହାୟତା ରାଶି ତୁରନ୍ତ ପ୍ରଦାନ କରୁଛନ୍ତି ବୋଲି କହିଛନ୍ତି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ଉପନିର୍ଦ୍ଦେଶକ (ଦକ୍ଷିଣ) ସୁମିତ କୁମାର କର। ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର ଭଳି ହାତୀପ୍ରବଣ ଅଞ୍ଚଳରେ ହାତୀଙ୍କ ଗତିବିଧି ନଜର ରଖିବା ପାଇଁ ସରକାର ଏଆଇ କଣ୍ଟ୍ରୋଲ୍ ଓ କମାଣ୍ଡ ସେଣ୍ଟର ଜରିଆରେ ମନିଟରିଂ କରୁଛନ୍ତି। ହାତୀ ଆସିଲେ ଲୋକଙ୍କୁ ସଚେତନ କରିବା ସହ ସେମାନଙ୍କୁ ବିରକ୍ତ ନ କରିବା ପାଇଁ ଜଙ୍ଗଲ ବିଭାଗ ନିବେଦନ କରିଛି। ସ୍କ୍ୱାଡ୍, ଟାସ୍କଫୋର୍ସ, ସବୁଜ ବାହିନୀ ଓ ସିଜିନାଲ୍ ଷ୍ଟାଫ୍‌ମାନେ ସଦାସର୍ବଦା ହାତୀମାନଙ୍କୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଫେରାଇ ନେବା ପାଇଁ ନିୟୋଜିତ ରହିଛନ୍ତି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ହାତୀ କେବଳ ଜଙ୍ଗଲର ସୌନ୍ଦର୍ଯ୍ୟ ନୁହଁନ୍ତି, ପରିବେଶ ସନ୍ତୁଳନର ପ୍ରମୁଖ ବାହକ ଅଟନ୍ତି ଏମାନେ। ପ୍ରଯୁକ୍ତିବିଦ୍ୟା, ଜଙ୍ଗଲ ସୁରକ୍ଷା ଓ ମାନବୀୟ ସମ୍ବେଦନଶୀଳତା ଦ୍ୱାରା ହିଁ ମଣିଷ-ହାତୀ ସଂଘର୍ଷକୁ ରୋକିବାରେ ସହାୟକ ହୋଇପାରିବ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଧନ ଲାଭର ଯୋଗ ରହିଛି। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଖର୍ଚ୍ଚ ବଢ଼ିପାରେ।

**ସିଂହ:** ଦିନଟି ହସଖୁସିରେ କଟିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଦାନ ଧର୍ମ କରିବେ।

**ତୁଳା:** ବ୍ୟବସାୟରେ କ୍ଷତି ସହି ପାରନ୍ତି। ଚିନ୍ତାଗ୍ରସ୍ତ ରହିବେ। ପାରିବାରିକ ବିବାଦ ଦେଖା ଦେଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିପାରନ୍ତି। ବନ୍ଧୁମିଳନ ଯୋଗ ଅଛି। ଆଶା ପୂରଣ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେଇପାରେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚକ୍ଷୁ ସମସ୍ୟା ଦେଖା ଦେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଐତିହ୍ୟ

- ୧୮୩୩- ଆମେରିକାର ସିକାଗୋ ସହରର ସ୍ଥାପନା।
- ୧୯୦୯- ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଦିବସ।
- ୧୯୧୯: ପ୍ରସିଦ୍ଧ ମହାକାଶ ବିଜ୍ଞାନୀ ତଥା ଇସ୍ରୋର ପ୍ରତିଷ୍ଠାତା ବିକ୍ରମ ସାରାଭାଇଙ୍କ ଜନ୍ମ।
- ୧୯୭୧- ସାଲେପୁର ମିଠାର ଜନକ ବିକଳାନନ୍ଦ କରଙ୍କ ଦେହାନ୍ତ।
- ୨୦୧୨- ଓଡ଼ିଆ ଲୋକନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଭଗବାନ ସାହୁଙ୍କ ବିୟୋଗ।

# ଅନ୍ତର୍ଜାତୀୟ ଯୁବ ଦିବସ



ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଏ। ଯୁବପିଢ଼ିଙ୍କ ସମସ୍ୟା, ସେମାନଙ୍କର ଆବଶ୍ୟକତା ଉପରେ ଧ୍ୟାନ ଆକର୍ଷଣ କରିବା ଏବଂ ସମାଜର ବିକାଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ଜଣାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ମିଳିତ ଜାତିସଂଘ ଦ୍ୱାରା ଏହି ଦିବସଟି ଆନୁଷ୍ଠାନିକ ଭାବେ ପାଳନ କରାଯାଇ ଆସୁଛି। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ରେଖାଙ୍କିତ କରିବା ଏହି ଦିବସର ଲକ୍ଷ୍ୟ। 'ଅନ୍ତର୍ଜାତୀୟ ଯୁବ ଦିବସ' ପ୍ରଥମେ ୧୨ ଅଗଷ୍ଟ, ୨୦୦୦ରେ ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସାଧାରଣ ସଭା ୧୭ ଡିସେମ୍ବର, ୧୯୯୯ରେ ଏହି ଦିନ ପାଳନ କରିବାକୁ ଏକ ସଂକଳ୍ପ ପାରିତ କରିଥିଲା। ଏହାପରେ ୨୦୦୦ରେ ପ୍ରଥମ ଥର ପାଇଁ 'ଅନ୍ତର୍ଜାତୀୟ ଯୁବ ଦିବସ' ପାଳନ କରାଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୧୨ ଅଗଷ୍ଟରେ ପାଳନ କରାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସମାଜକୁ ଶିକ୍ଷିତ କରିବା, ଯୁବକମାନଙ୍କୁ ରାଜନୈତିକ କ୍ଷେତ୍ରରେ ଏକତ୍ରିତ କରିବା ଏବଂ ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା ପାଇଁ ଏହି ଦିନ ପାଳନ କରାଯାଏ। ସମସ୍ତ ଦେଶ ଯୁବ ଜନସଂଖ୍ୟା ଉପରେ ଧ୍ୟାନ ଦେବା ଉଚିତ। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର, ଶିକ୍ଷା, ସଶକ୍ତିକରଣ ଲୋଡ଼ା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବ। ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ଦିବସ ସ୍ମରଣ କରିଦିଏ। ଯୁବ ଦିବସ ପାଳନ ଅବସରରେ ବିଦ୍ୟାଳୟ, କଲେଜ ଏବଂ ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ୨୦୨୬ ମସିହା ପାଇଁ ମିଳିତ ଜାତିସଂଘ ପକ୍ଷରୁ ଏହି ଦିବସର ବିଷୟବସ୍ତୁ "ଭିନ୍ନ ପରିବେଶ, ସମାନ ଆକାଂକ୍ଷା" ରଖାଯାଇଛି। ଏହାର ଅର୍ଥ ହେଉଛି, ପୃଥିବୀର ବିଭିନ୍ନ ପ୍ରାନ୍ତରେ ଥିବା ଯୁବପିଢ଼ିଙ୍କର ସାମାଜିକ ଓ ଆର୍ଥିକ ପରିସ୍ଥିତି ଭିନ୍ନ ହୋଇପାରେ, କିନ୍ତୁ ଏକ ସୁରକ୍ଷିତ, ସମୃଦ୍ଧ ଏବଂ ସମାନତାର ଭବିଷ୍ୟତ ଗଢ଼ିବା ପାଇଁ ସମସ୍ତଙ୍କର ଆଶା ଓ ଆକାଂକ୍ଷା ସମାନ।

# 'ବଟୱାରା ୧୯୪୭'

## ସନ୍ନିଙ୍କୁ ୬୦, ପ୍ରୀତିଙ୍କୁ ୧୦



ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଭାରତ-ପାକିସ୍ତାନ ବିଭାଜନ ଉପରେ ଆଧାରିତ ଚଳଚ୍ଚିତ୍ର 'ବଟୱାରା ୧୯୪୭' ଆଉ ଅଳ୍ପ କେତୋଟି ଦିନ ପରେ ରିଲିଜ୍ ହେବ। ଏହି ସମୟରେ ଫିଲ୍ମର କଳାକାରମାନଙ୍କ ପାରିଶ୍ରମିକ ଖବର ସାମ୍ନାକୁ ଆସିଛି। ଫିଲ୍ମରେ ଲିଡ୍ ରୋଲରେ ନଜର ଆସିଥିବା ଅଭିନେତା ସନ୍ନି ଦେଓଲଙ୍କୁ ଏଥିପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ମିଳିଛି। ଅନ୍ୟପଟେ ଦୀର୍ଘ ସମୟ ପରେ ମୁଖ୍ୟ ଚରିତ୍ରରେ କମବ୍ୟାକ୍ କରୁଥିବା ପ୍ରୀତି ଜିଣ୍ଟା ଏବଂ ସ୍ପେଶାଲ ରୋଲ୍ କରୁଥିବା ଅଲି ଫଜଲ୍ ମଧ୍ୟ ଏହି ଚଳଚ୍ଚିତ୍ର ପାଇଁ ଭଲ ପାରିଶ୍ରମିକ ନେଇଛନ୍ତି। ଫିଲ୍ମର ବଜେଟ୍ ୧୫୦ କୋଟି ହୋଇଥିବାବେଳେ କେବଳ ସନ୍ନି ନେଇଛନ୍ତି ୬୦ କୋଟି। ଅନ୍ୟପଟେ, ପ୍ରୀତିଙ୍କୁ ଏହି ଚଳଚ୍ଚିତ୍ର ପାଇଁ ୧୦ କୋଟି ଟଙ୍କା ମିଳିଛି। 'ବଟୱାରା ୧୯୪୭' ପୂର୍ବରୁ ସନ୍ନି ଓ ପ୍ରୀତି 'ଦି ହିରୋ: ଲଭ୍ ଷ୍ଟୋରୀ ଅଫ୍ ଏ ସ୍ପାଏ', 'ଫର୍ଜ' ଏବଂ 'ଭୈୟାଜୀ ସୁପରହିଟ୍' ଭଳି ଫିଲ୍ମରେ ଏକାଠି କାମ କରିଥିଲେ। ଶବାନା ଆଜମୀ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ହେଲେ ତାଙ୍କ ଫିସ୍‌କୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ସାମ୍ନାକୁ ଆସିନାହିଁ। ଅନ୍ୟପଟେ, ଅଲି ଫଜଲ୍ ଫିଲ୍ମରେ ଅତିଥି କଳାକାର ଭାବେ ଦେଖାଯିବେ। ଏଥିପାଇଁ ସେ ପାରିଶ୍ରମିକ ବାବଦକୁ ୭ କୋଟି ଟଙ୍କା ଚାର୍ଜ କରିଛନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ଏବଂ ସନ୍ନି ଦେଓଲଙ୍କ ଆଇକନିକ୍ ଯୋଡ଼ି ଅନେକ ବର୍ଷ ପରେ ଏକାଠି ଫେରୁଛନ୍ତି। ଫିଲ୍ମରେ ସଙ୍ଗୀତ ଏ.ଆର୍. ରେହମାନ ଦେଇଥିବା ବେଳେ ଏହାର ଗୀତଗୁଡ଼ିକୁ ଜାଭେଦ ଅଖତର ଲେଖିଛନ୍ତି। 'ବଟୱାରା ୧୯୪୭' ଅଗଷ୍ଟ ୧୪ରେ ସିନେମାହଲ୍‌ରେ ରିଲିଜ୍ ହେବ। ବକ୍ସ ଅଫିସ୍‌ରେ ଏହାର ମୁକାବିଲା ଇମ୍ରାନ୍ ହାସ୍‌ମୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆୱାରାପନ ୨' ସହିତ ହେବାକୁ ଯାଉଛି।

# ହାତୀ ପାଇଁ ଦିନଟିଏ




ହାତୀମାନଙ୍କ ସୁରକ୍ଷା, ସେମାନଙ୍କ ବାସସ୍ଥାନର ସଂରକ୍ଷଣ ଏବଂ ହାତୀ ଓ ମନୁଷ୍ୟ ମଧ୍ୟରେ ବିବାଦ ହ୍ରାସ କରିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ 'ବିଶ୍ୱ ହସ୍ତୀ ଦିବସ' ଭାବେ ପାଳନ କରାଯାଉଛି। ଏହିଦିନ ହାତୀଙ୍କ ସୁରକ୍ଷା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ପ୍ରଥମ ବିଶ୍ୱ ହସ୍ତୀ ଦିବସ ୨୦୧୨ ମସିହା ଅଗଷ୍ଟ୧୨ରେ ପାଳନ କରାଯାଇଥିଲା। ଜଙ୍ଗଲର ସନ୍ତୁଳନ ରକ୍ଷା କରିବାରେ ଏବଂ ଗଛର ବୀଜ ବିସ୍ତାର କରିବାରେ ହାତୀମାନଙ୍କର ପ୍ରମୁଖ ଭୂମିକା ରହିଛି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗଜ ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜ ରାଜୁଡ଼ା ଅମଳରେ ପରିବହନ ଏବଂ ପତିଆରା ପାଇଁ ରାଜା ମହାରାଜାମାନେ ହାତୀକୁ ନିଜ ଦରବାରରେ ରଖୁଥିଲେ। ଯେଉଁ ରାଜାଙ୍କର ଯେତେ ହାତୀ ଅଛି, ସେ ସେତେ ବଳଶାଳୀ ବୋଲି ଗଣନା କରାଯାଉଥିଲା। ଏବେ ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ, ପାହାଡ଼ଗୁଡ଼ିକରେ ବ୍ଲାଷ୍ଟିଂ ଯୋଗୁଁ ବନ୍ୟଜନ୍ତୁଗୁଡ଼ିକ ଜନବସତି ମୁହାଁ ହେଉଛନ୍ତି। ବିଶେଷକରି ଖାଦ୍ୟ ଅନ୍ୱେଷଣରେ ହାତୀ ଜନବସତି ମୁହାଁ ହେଉଛନ୍ତି। ଫଳରେ ହାତୀ-ମଣିଷ ଲଢ଼େଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଆ ସଂସ୍କୃତି ପରମ୍ପରାରେ ହାତୀର ସ୍ଥାନ ସ୍ୱତନ୍ତ୍ର। ହାତୀକୁ ଓଡ଼ିଆରେ "ଗଜ" ଏବଂ "ଗଜରାଜ" ବୋଲି କୁହନ୍ତି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ହାତୀ ବା ଗଜ ବେଶ ହୋଇଥାନ୍ତି। ଓଡ଼ିଶାର ପ୍ରମୁଖ ପର୍ବ ରଜରେ ଗାଁରୁ ସହର ସବୁଠି ଝିଅମାନେ ଦୋଳିରେ ଝୁଲି ଗୀତ ଗାଇଥାନ୍ତି "ବନସ୍ତେ ଡାକିଲା ଗଜ"। ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଉଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେବେଳେ ଟ୍ରେନ୍ ଚକ ତଳେ ତ କେତେବେଳେ ବିଦ୍ୟୁତ୍ ତାର ତଳେ ତ ଆଉ କେତେବେଳେ ଦାନ୍ତ ପାଇଁ ଏମାନଙ୍କ ଜୀବନ ଅକାଳରେ ଚାଲିଯାଉଛି। ତେବେ ଆଗକୁ ହାତୀ ବଂଶ କିପରି ବୃଦ୍ଧି ପାଇବ, ସେଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଅନେକ ପ୍ରାଣୀ ଗବେଷକ ମତ ଦିଅନ୍ତି। ହାତୀ ଦାନ୍ତର ବେଆଇନ ବ୍ୟବସାୟ ପାଇଁ ଆଜି ବି ଅନେକ ସ୍ଥାନରେ ଦନ୍ତା ହାତୀମାନଙ୍କୁ ହତ୍ୟା କରାଯାଉଛି। ଏହାବାଦ୍ ଜଙ୍ଗଲ ନଷ୍ଟ ହେବା ଏବଂ ସେମାନଙ୍କ ଚଳପ୍ରଚଳ ରାସ୍ତା ବା କରିଡର ମଧ୍ୟରେ ମନୁଷ୍ୟର ହସ୍ତକ୍ଷେପ ଯୋଗୁଁ ସେମାନଙ୍କ ସୁରକ୍ଷା ବିପନ୍ନ ହେଉଛି। ବିଶ୍ୱ ହସ୍ତୀ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ହାତୀମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଭଲ ଭଲ ସ୍ୱାଦିଷ୍ଟ ଖାଦ୍ୟ ଦିଆଯିବା ସହ ହାତୀ ସୁରକ୍ଷା ନେଇ ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଏ।

# ସମ୍ଭାବନା



## ଅଫିସ୍ ଅଭ୍ୟାସ



**ଅଫିସ୍‌ରେ ଯୋଗ୍ୟତା ସହିତ ବ୍ୟବହାର, ପୋଷାକ ପରିପାଟୀ ଏବଂ ନିତିଦିନର ଅଭ୍ୟାସ ମଧ୍ୟ ଏହା ସ୍ଥିର କରେ ଯେ, ସହକର୍ମୀ ତଥା ବରିଷ୍ଠ ଅଧିକାରୀ ଜଣକୁ କେଉଁ ଦୃଷ୍ଟିକୋଣରେ ଦେଖନ୍ତି। ଅନେକ ସମୟରେ ଲୋକେ ନିଜ ଅଜାଣତରେ କିଛି ଏଭଳି ଅଭ୍ୟାସକୁ ଆପଣାଇଥାନ୍ତି, ଯାହାକି ସେମାନଙ୍କ ବୃତ୍ତିଗତ ଛବି ଉପରେ ନକାରାତ୍ମକ ପ୍ରଭାବ ପକାଏ।**

- ପୋଷ୍ଟର, ଷ୍ଟିକର୍ ତଥା ଟି-ସାର୍ଟରେ ରାଜନୈତିକ, ଧାର୍ମିକ, ଆପତ୍ତିଜନକ ବାର୍ତ୍ତା ଥିଲେ ସେସବୁ ବ୍ୟବହାର କରିବା ଅନୁଚିତ। ଏହା କାର୍ଯ୍ୟାଳୟର ପରିବେଶକୁ ପ୍ରଭାବିତ କରେ।
- ଅଫିସ୍‌ରେ ସ୍ପିକରରେ ଗୀତ ବଜାଇବା, ମୋବାଇଲରେ ରିଙ୍ଗ ଟୋନ୍ ଜୋର୍‌ରେ ବାଜିବା ତଥା ଭିଡିଓ ସାଉଣ୍ଡ ଅନ୍ୟମାନଙ୍କ କାମକୁ ବାଧାପ୍ରାପ୍ତ କରିପାରେ।
- ନେଲ୍ ପଲିସ୍, ହେୟାର୍ ସ୍ପ୍ରେ, ଡିଓଡ୍ରାଣ୍ଟ ଅନ୍ୟ ଉଚ୍ଚଗନ୍ଧ ଯୁକ୍ତ ଉତ୍ପାଦ ଅଫିସ୍‌ରେ ବ୍ୟବହାର କରିବାରୁ ଦୂରେଇ ରହିବା ଉଚିତ।
- ଅଫିସ୍‌ରେ ବ୍ୟକ୍ତିଗତ ଦସ୍ତାବିଜ୍‌କୁ ଖୋଲି ରଖନ୍ତୁ ନାହିଁ।
- କମ୍ପାନିର ଗୋପନୀୟ ଦସ୍ତାବିଜ୍ ଆବଶ୍ୟକତା ନ ଥିଲେ ଅନ୍ୟ କୁଆଡ଼େ ନିଅନ୍ତୁ ନାହିଁ।

## ବ୍ଲଗିଂରେ କ୍ୟାରିୟର




**ବ୍ଲଗିଂ କେବଳ ସଉକ ନୁହେଁ, ବରଂ ଏବେ ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିଛି। ଏଥିଲାଗି ମହଙ୍ଗା କ୍ୟାମେରା କିମ୍ବା ଅଧିକ ପାଠପଢ଼ାର ଆବଶ୍ୟକତା ନାହିଁ।**

ଭିଡିଓ ଡାଏରୀକୁ ବ୍ଲଗ୍ କୁହାଯାଏ। ଏହା ମାଧ୍ୟମରେ ଜଣେ ନିଜର ନିତିଦିନର ଜୀବନ, ଟ୍ରାଭେଲିଂ, ଖାଦ୍ୟପାନୀୟ ସ୍ଥାନ, ନଚେତ୍ ନିଜର ରୋଷେଇ କଳା, ଗେମ୍ ଆଦି ବିଷୟରେ କ୍ୟାମେରା ସାମ୍ନାରେ ରେକର୍ଡ କରି ଲୋକଙ୍କୁ ଦେଖାନ୍ତି। ସେହିପରି ଆଜିର ସମୟରେ ଲୋକେ ଟିଭି ଦେଖିବା ପରିବର୍ତ୍ତେ ମୋବାଇଲରେ ବ୍ଲଗ୍ ଦେଖିବାକୁ ବେଶି ପସନ୍ଦ କରୁଛନ୍ତି। ଏହି କାରଣ ଯୋଗୁଁ ବଡ଼ ବଡ଼ କମ୍ପାନି ବିଜ୍ଞାପନ ଦେବା ଲାଗି ଟିଭି ପରିବର୍ତ୍ତେ ବ୍ଲଗର୍‌ଙ୍କୁ ଲକ୍ଷାଧିକ ଟଙ୍କା ଦେଉଛନ୍ତି।

ଯେଉଁ ଜିନିଷରେ ରୁଚି ରହିଛି, ତାହା ଉପରେ ବ୍ଲଗ୍ କରିବା ଭଲ। ନିତିଦିନ ଜୀବନରେ ନିଜ ରୁଟିନ ଓ ପାରିବାରିକ ଜୀବନ ଦେଖାନ୍ତୁ। ଟ୍ରାଭେଲ ବ୍ଲଗିଂରେ ନୂଆ ନୂଆ ସ୍ଥାନ ବୁଲିବା ଏବଂ ସେଠାକାର ତଥ୍ୟ ଦେଇପାରିବେ। ଫୁଡ୍ ବ୍ଲଗିଂରେ ଅଲଗା ଅଲଗା ଷ୍ଟ୍ରିଟ୍ ଫୁଡ୍, ରେଷ୍ଟୋରାଁ ଖାଦ୍ୟର ସମୀକ୍ଷା କରିବାକୁ ହୋଇଥାଏ। ଏହାବାଦ୍ ଟେକ୍, ଗେମିଂ, ଫେଶନ୍ ବ୍ଲଗ୍‌ରେ ନିଜ ପସନ୍ଦ ବିଷୟରେ ଭିଡିଓ ତିଆରି କରିବାକୁ ହୋଇଥାଏ।

ପ୍ରଥମେ ଏନେଇ ଲକ୍ଷାଧିକ ଟଙ୍କାର କ୍ୟାମେରା କିଣିବା ଦରକାର ନାହିଁ। କୌଣସି ସ୍ମାର୍ଟଫୋନରୁ ଏହାକୁ ଆରମ୍ଭ କରିପାରିବେ। ଏଥିପାଇଁ କେବଳ ଦୁଇଟି ଜିନିଷ ଦରକାର। ତାହା ହେଉଛି ଭଲ ମାଇକ ଓ ଟ୍ରାଇପଡ୍। ଆଜିକାଲି ଅନେକ ଅନଲାଇନ ପ୍ଲାଟ୍‌ଫର୍ମ, ୟୁଟ୍ୟୁବ୍ ଚ୍ୟାନେଲ, ଡିଜିଟାଲ ମିଡିଆ ଇନଷ୍ଟିଚ୍ୟୁଟ୍‌ରେ ୭ଦିନରୁ ଆରମ୍ଭ କରି ମାସେ ପର୍ଯ୍ୟନ୍ତ ସର୍ଟ ଟର୍ମ ବ୍ଲଗିଂ ଏବଂ ଭିଡିଓ ଏଡିଟିଂ କୋର୍ସ ଉପଲବ୍ଧ ଅଛି। ଏହି କୋର୍ସ ମାଧ୍ୟମରେ କ୍ୟାମେରା ସାମ୍ନାରେ କହିବାର ଆତ୍ମବିଶ୍ୱାସ, ଭିଡିଓ ଏଡିଟିଂ, ୟୁଟ୍ୟୁବ୍ ଓ ଇନଷ୍ଟାଗ୍ରାମ ପାଇଁ ଥମ୍ବନେଲ ଆଦି ତିଆରି କରିବା ଶିଖାଯାଏ। ସେହିପରି ସ୍ପନରସିପ୍‌ରୁ କିଭଳି ଟଙ୍କା କମାଇ ହେବ, ସେ ଉପାୟ ଶିଖାଯାଏ। ଅନ୍ୟପଟେ ଏଥିପାଇଁ ୧୦-୧୫ଦିନର ବେସିକ୍ ଏଡିଟିଂ ଓ କଣ୍ଟେଣ୍ଟ କ୍ରିଏସନ କୋର୍ସ କରି ହେବ।

## ଚାକିରିରୁ ଇସ୍ତଫା ଦେଉ ଥିଲେ...




**ଭଲ ଦରମା, କ୍ୟାରିୟରରେ ଉନ୍ନତି, କାମ ଚାପ, ବ୍ୟକ୍ତିଗତ କାରଣ ଯୋଗୁଁ ଲୋକେ ଚାକିରି ବଦଳାନ୍ତି। ବେଳେ ବେଳେ ତରବରିଆ ଭାବେ ଗ୍ରହଣ କରାଯାଉଥିବା ନିଷ୍ପତ୍ତି ଭବିଷ୍ୟତରେ ସମସ୍ୟାର କାରଣ ହୋଇପାରେ। ଚାକିରି ଛାଡ଼ିବା ବେଳେ କିଛି ଭୁଲ୍ ଏମିତି ହୋଇଯାଏ, ଯାହାକି ପ୍ରଫେସନାଲ ଇମେଜ୍ ଓ କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।**

- ନୂଆ ଚାକିରି ନ ଖୋଜି ଇସ୍ତଫା ଦିଅନ୍ତୁ ନାହିଁ। ଏହା କ୍ୟାରିୟର ପାଇଁ ବଡ଼ ଭୁଲ ହୋଇପାରେ। ସେହିପରି ନୂଆ ଚାକିରି ସହଜରେ ମିଳି ନ ଥାଏ। ଏହା ଦ୍ୱାରା ଆର୍ଥିକ ଚାପ ବଢ଼ିପାରେ।
- ଅନେକ ଲୋକ ନୂଆ ଚାକିରିରେ ଯୋଗ ଦେବା ପାଇଁ ନୋଟିସ୍ ପିରିୟଡ୍ ପୂରା କରନ୍ତି ନାହିଁ। ଏହାଦ୍ୱାରା କମ୍ପାନି ଅଭିଜ୍ଞତା ପ୍ରମାଣପତ୍ର ଏବଂ ସେଟଲମେଣ୍ଟରେ ବିଳମ୍ବ କରିଥାନ୍ତି।
- ଅଫିସ୍‌ରେ କୌଣସି ବିବାଦ, ଚାପ ଯୋଗୁଁ ତୁରନ୍ତ ଚାକିରି ଛାଡ଼ିବା ଭୁଲ୍ କରନ୍ତୁ ନାହିଁ। ପ୍ରଥମେ ଶାନ୍ତ ମନରେ ଚିନ୍ତା କରି ନିଷ୍ପତ୍ତି ନିଅନ୍ତୁ।
- ଚାକିରି ଛାଡ଼ିବା ବେଳେ କମ୍ପାନିର ଡାଟା, କ୍ଲାଏଣ୍ଟ ତଥ୍ୟ, ଗୋପନୀୟ ଦସ୍ତାବିଜ ନିଜ ପାଖରେ ରଖିବା କିମ୍ବା ଅନ୍ୟ କାହା ସହିତ ସେୟାର୍ କରିବା ଆଇନଗତ ସମସ୍ୟା ସୃଷ୍ଟି କରିପାରେ।
- ଚାକିରି ଛାଡ଼ିବା ବେଳେ ମ୍ୟାନେଜର, ସହକର୍ମୀ, ଟିମ୍ ସହିତ ଭଲ ସମ୍ବନ୍ଧ ବଜାୟ ରଖନ୍ତୁ। ଭବିଷ୍ୟତରେ ସେମାନେ ନୂଆ ଅବସରର ମାଧ୍ୟମ ହୋଇପାରନ୍ତି।

## ୟୁଟ୍ୟୁବ୍ ଲାଗି ଏଆଇ ଫିଚର୍

**ୟୁଟ୍ୟୁବ୍ କଣ୍ଟେଣ୍ଟ କ୍ରିଏଟରଙ୍କ ପାଇଁ ନୂଆ ଏଆଇ ଫିଚର୍‌କୁ ପରିଚିତ କରାଇଛି। ଏହା ସାହାଯ୍ୟରେ ଭିଡିଓ ପାଇଁ ଆକର୍ଷଣୀୟ ଥମ୍ବନେଲ୍ ତିଆରି କରିବା ପୂର୍ବ ତୁଳନାରେ ବହୁତ ସହଜ ହୋଇଯିବ। ଏହି ନୂଆ ଫିଚର୍‌ର ଉଦ୍ଦେଶ୍ୟ ହେଉଛି କ୍ରିଏଟରଙ୍କ ସମୟ ସଂଚୟ କରିବା ଏବଂ ଉନ୍ନତ ଭିଜୁଆଲ ପ୍ରସ୍ତୁତ କରିବା।**

ୟୁଟ୍ୟୁବ୍ ତା'ର ୟୁଟ୍ୟୁବ୍ ଷ୍ଟୁଡିଓରେ ଏଆଇ ଆଧାରିତ ଫିଚର୍ ଯୋଡ଼ିବା ଆରମ୍ଭ କରିଛି। ଏଠାରେ କ୍ରିଏଟର କଥାବାର୍ତ୍ତା ମାଧ୍ୟମରେ ଥମ୍ବନେଲ୍ ପ୍ରସ୍ତୁତ କରିପାରିବେ। ଏହି ଫିଚର୍ 'ଆସ୍କ ଷ୍ଟୁଡିଓ'ର ଅଂଶ। କ୍ରିଏଟର ନିଜ ଭିଡିଓ ବାବଦରେ ତଥ୍ୟ ତଥା ନିର୍ଦ୍ଦେଶ ପ୍ରଦାନ କରିବେ ଏବଂ ଏଆଇ ସେହି ଆଧାରରେ ଥମ୍ବନେଲ ତିଆରି କରିବ। ଏହାଦ୍ୱାରା ଡିଜାଇନିଂରେ ଲାଗୁଥିବା ସମୟ କମ୍ ହୋଇପାରିବ।

ସେହିପରି ୟୁଟ୍ୟୁବ୍ ଷ୍ଟର୍ଟସ ଲାଗି କଷ୍ଟମ ଥମ୍ବନେଲ ଅପଲୋଡ୍ କରିପାରିବେ। ଏହି ଫିଚର୍ ଦ୍ୱାରା ଡିଜାଇନିଂର ଅନୁଭବ ରଖୁଥିବା କ୍ରିଏଟରଙ୍କ ପାଇଁ ଉପଯୋଗୀ ହେବ। ଭିଡିଓ ପାଇଁ ଅଲଗା ଅଲଗା ଥମ୍ବନେଲ ପରିକଳ୍ପନା ସହଜରେ ମିଳିଯିବ। ସେହିପରି ଉନ୍ନତ ଥମ୍ବନେଲ ମାଧ୍ୟମରେ ଭିଡିଓର କ୍ଲିକ୍ ଥ୍ରୁ ରେଟ୍ ବଢ଼ିବାରେ ସାହାଯ୍ୟ ମିଳିବ। ୟୁଟ୍ୟୁବ୍ ଷ୍ଟୁଡିଓ ଭିତରେ ହିଁ କାମ ପୂରା ହୋଇଯିବ। ଅଲଗା ସଫ୍ଟୱେରର ଆବଶ୍ୟକତା କମ୍ ହେବ। ୟୁଟ୍ୟୁବ୍ ଅନୁସାରେ, ଏଆଇର ଉଦ୍ଦେଶ୍ୟ କ୍ରିଏଟରଙ୍କ ସୃଜନଶୀଳତାକୁ ଶେଷ କରିବା ନୁହେଁ, ବରଂ ସେମାନଙ୍କୁ ସାହାଯ୍ୟ କରିବା। ଅନ୍ତିମ ନିର୍ଣ୍ଣୟ ଓ ଥମ୍ବନେଲ ଚୟନ କ୍ରିଏଟରଙ୍କ ହାତରେ ହିଁ ରହିବ। ଏଆଇ କେବଳ ପରାମର୍ଶ ଅନୁସାରେ, ପ୍ରାରମ୍ଭିକ ଡିଜାଇନ ପ୍ରସ୍ତୁତ କରିବ। ଯାହାକୁ ଆବଶ୍ୟକତା ହିସାବରେ ପରିବର୍ତ୍ତନ କରାଯାଇପାରିବ।



### ବେଲ୍‌ଜିୟମ-ନେଦରଲ୍ୟାଣ୍ଡସରେ ଏଫଆଇଏଚ୍ ହକି ବିଶ୍ୱକପ୍ ୧୫ରୁ

# ଷୋଡ଼ଶ ସଂସ୍କରଣରେ ୧୬ଟି ଦଳ, ୧୬ ଦିନର ଖେଳ

FIH HOCKEY WORLD CUP
BELGIUM & NETHERLANDS
2026

ଆମଷ୍ଟଲଭିନ୍,୧୧।୮ (ଏଜେନ୍ସି)

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକକ କ୍ରୀଡ଼ା ପ୍ରତିଯୋଗିତା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକିର ୧୬ତମ ସଂସ୍କରଣ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ଦୀର୍ଘ ୧୬ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ପ୍ରଥମଥର ଲାଗି ଏହି ପ୍ରତିଯୋଗିତା ଦୁଇଟି ଦେଶ ଯଥା ୟୁରୋପର ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ଖେଳାଯିବ। ଉଭୟ ବିଭାଗରେ ୫୦ଟି ଲେଖାଏଁ ବା ମୋଟରେ ୧୦୦ଟି ମ୍ୟାଚ୍ ମାତ୍ର ୨ଟି ଭେନ୍ୟୁରେ ଖେଳାଯିବ। ଚତୁର୍ଥଥର ବିଶ୍ୱକପ୍ ଆୟୋଜନ କରୁଥିବା ନେଦରଲ୍ୟାଣ୍ଡସର ଆମଷ୍ଟଲଭିନ ଓ ପ୍ରଥମଥର ଆୟୋଜନ କରୁଥିବା ବେଲ୍‌ଜିୟମ୍‌ର ୱାଭରେ ସହରରେ ସମସ୍ତ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୁରୁଷ ବିଭାଗର ଫାଇନାଲ ବେଲଜିୟମର ୱାଭ୍‌ରେଠାରେ ଅଗଷ୍ଟ ୩୦ରେ ଓ ମହିଳା ବିଭାଗର ଫାଇନାଲ ନେଦରଲାଣ୍ଡସର ଆମଷ୍ଟଲଭିନ୍‌ରେ ଅଗଷ୍ଟ ୨୯ରେ ଖେଳାଯିବ।

#### ଟିମ୍ ଓ ଫର୍ମାଟ

ବିଶ୍ୱକପ୍ ହକିରେ ଭାଗ ନେଇଥିବା ୧୬ଟି ଦଳକୁ ପ୍ରାଥମିକ ପର୍ଯ୍ୟାୟରେ ୪ଟି ଲେଖାଏଁ ପୁଲ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ପୁଲ୍‌ରେ ୪ଟି ଲେଖାଏଁ ଦଳ ରହିଥିଲାବେଳେ ସେମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଶେଷରେ ଦ୍ୱିତୀୟ ପର୍ଯ୍ୟାୟ ବା କ୍ରସ୍ ଓଭର (କ୍ୱାର୍ଟର ଫାଇନାଲ ଲିଗ୍ କହିଲେ ଅତ୍ୟୁକ୍ତି ହେବ ନାହିଁ) ଖେଳାଯିବ। ଏହା ମଧ୍ୟରୁ ପୁଲ୍‌ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ଟାଇଟଲ ଦୌଡ଼ରେ ସାମିଲ ହେବେ। ଏହି ୮ଟି ଦଳକୁ ମଧ୍ୟ ୨ଟି ପୁଲରେ ଭାଗ କରାଯିବ। ପ୍ରତ୍ୟେକ ପୁଲ୍‌ରେ ୪ଟି ଲେଖାଏଁ ଟିମ୍ ରହିବେ। ପୁଲ-ଇ'ରେ ପୁଲ୍-ଏ ଓ ପୁଲ-ଡି'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ସ୍ଥାନ ପାଇବେ। ସେହିପରି ପୁଲ-ଏଫ୍'ରେ ପୁଲ-ବି ଓ ପୁଲ-ସି'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ରହିବେ। ଏମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ପୁଲ ବା ପୁଏ-ଇ ଓ ଏଫ୍'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲରେ ୨ଟି, ତୃତୀୟ ସ୍ଥାନ ଓ ଫାଇନାଲ ଲାଗି ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ।

ସେହିପରି ପୁଲ୍‌ରେ ଶେଷ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକୁ ନେଇ ମଧ୍ୟ ଉପରୋକ୍ତ ଫର୍ମାଟ ପରି ମ୍ୟାଚ୍ ହେବ। ଏହା ପରେ ପ୍ରଥମରୁ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ଗୁଡିକ ମଧ୍ୟରେ ୫ମରୁ ୧୬ତମ ସ୍ଥାନ ଯାଏ କ୍ଲାସିଫିକେସନ ମ୍ୟାଚ୍ ଖେଳାଯିବ। ଏହି ବିଶ୍ୱକପ୍‌ରେ ପ୍ରଥମ ପର୍ଯ୍ୟାୟରେ ୨୪ଟି, କ୍ରସ୍ ଓଭରରେ ୧୬ଟି, କ୍ଲାସିଫିକେସନରେ ୬ଟି ଓ ସେମିଫାଇନାଲପରଠାରୁ ୪ଟି ବା ମୋଟରେ ୫୦ଟି ମ୍ୟାଚ୍ ଖେଳାଯିବ। ଫଳରେ ଉଭୟ ବିଭାଗରେ ମୋଟ ୧୦୦ଟି ମ୍ୟାଚ୍ ଅନୁଷ୍ଠିତ ହେବ।

ଏହି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଓ ମହିଳା ଦଳ ପୁଲ୍-ଡି'ରେ ସ୍ଥାନ ପାଇଛନ୍ତି। ଅଗଷ୍ଟ ୧୫ରେ ୱେଲ୍ସ ସହ ଖେଳି ଭାରତୀୟ ପୁରୁଷ ଦଳ ଅଭିଯାନ ଆରମ୍ଭ କରିବ। ଅଗଷ୍ଟ ୧୭ରେ ଇଂଲଣ୍ଡ ଓ ୧୯ରେ ପାକିସ୍ତାନ ସହ ହାଇଭୋଲ୍ଟେଜ ମୁକାବିଲା ହେବ। ସେହିପରି ମହିଳା ଦଳ ଅଗଷ୍ଟ ୧୬ରେ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହା ପରେ ଅଗଷ୍ଟ ୧୮ରେ ଦକ୍ଷିଣ ଆଫ୍ରିକା ଓ ଅଗଷ୍ଟ ୨୦ରେ ଇଂଲଣ୍ଡ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ। ହରମନପ୍ରୀତ୍ ପୁରୁଷ ଓ ସଲିମା ଟେଟେ ମହିଳା ଦଳର ନେତୃତ୍ୱ ନେଉଛନ୍ତି।

| ପୁରୁଷ ବିଭାଗ | |
|---|---|
| ପୁଲ-ଏ | ଆର୍ଜେଣ୍ଟିନା, ଜାପାନ, ନେଦରଲାଣ୍ଡସ, ଜାପାନ |
| ପୁଲ-ବି | ଜର୍ମାନୀ, ବେଲଜିୟମ, ଫ୍ରାନ୍ସ ଓ ମାଲେସିଆ |
| ପୁଲ୍-ସି | ଅଷ୍ଟ୍ରେଲିଆ, ସ୍ପେନ୍, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା |
| ପୁଲ୍-ଡି | ଇଂଲଣ୍ଡ, ଭାରତ, ପାକିସ୍ତାନ ଓ ୱେଲ୍ସ |
| **ମହିଳା ବିଭାଗ** | |
| ପୁଲ-ଏ | ନେଦରଲକ୍ରାଣ୍ଡସ, ଅଷ୍ଟ୍ରେଲିଆ, ଚିଲି ଓ ଜାପାନ |
| ପୁଲ-ବି | ଜର୍ମାନୀ, ଆର୍ଜେଣ୍ଟିନା, ସ୍କଟଲାଣ୍ଡ ଓ ଆମେରିକା |
| ପୁଲ୍-ସି | ବେଲ୍‌ଜିୟମ, ସ୍ପେନ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ |
| ପୁଲ-ଡି | ଚୀନ୍, ଇଂଲଣ୍ଡ, ଭାରତ ଓ ଦକ୍ଷିଣ ଆଫ୍ରିକା |

## କ୍ରିକେଟର ଅଭିଷେକ ପୋରେଲ ଗିରଫ



କୋଲକାତା,୧୧।୮ (ଏଜେନ୍ସି): କର୍ଣ୍ଣାଟକର ଜଣେ ମେଡିକାଲ ଛାତ୍ରୀଙ୍କ ଅଭିଯୋଗକୁ ଆଧାର କରି ବେଙ୍ଗଲ ତଥା ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ କ୍ରିକେଟ ଖେଳୁଥିବା ଯୁବ ୱିକେଟରକ୍ଷକ ଅଭିଷେକ ପୋରେଲଙ୍କୁ ହୁଗୁଳି ପୁଲିସ୍ ଗିରଫ୍ କରିଛି। ହୁଗୁଳି ପୁଲିସ୍ ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ମହିଳା ଜଣଙ୍କ କୋର୍ଟରେ ଅଭିଯୋଗ କରିବା ପରେ କୋଲକାତା ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ଅଭିଷେକଙ୍କୁ ପୁଲିସ୍ ଆନୁଷ୍ଠାନିକ ଭାବେ ଗିରଫ କରି ପଚରାଉଚୁରା କରୁଛି। କର୍ଣ୍ଣାଟକର ଜଣେ ମେଡିକାଲ ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଅଭିଷେକ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ସାଢ଼େ ୩ ବର୍ଷ ହେଲା ସମ୍ପର୍କରେ ରହିଛନ୍ତି। ଶାରିରୀକ ସମ୍ପର୍କ ରଖିବା ସତ୍ତ୍ୱେ ଅଭିଷେକ ଏହାକୁ ଅସ୍ୱୀକାର କରିବା ସହ ବାହା ହେବାକୁ ମନାକରିଦେଇଥିଲେ। ଏପରିକି ଚଳିତବର୍ଷ ଏପ୍ରିଲ ୨ରେ ଉଭୟ ଦିଲ୍ଲୀରେ ରହୁଥିଲେ। ଦୁଇ ପରିବାର ମଧ୍ୟରେ ମଧ୍ୟ ବିବାହ ଲାଗି ଆଲୋଚନା ହୋଇଥିଲା। କିନ୍ତୁ ଏପ୍ରିଲ ୨ରେ ଅଭିଷେକ ହିଂସାତ୍ମକ ଆଚରଣ କରିବା ସହ ଆକ୍ରମଣ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପ୍ରଥମେ ଦୁଷ୍କର୍ମ, ପରେ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ଫଳରେ ଅଭିଷେକଙ୍କ କ୍ୟାରିୟର ଏବେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି। ଉଭୟ ବେଙ୍ଗଲ ଓ ଆଇପିଏଲ୍ ଦିଲ୍ଲୀ କ୍ୟାପିଟାଲ୍ସରେ ସେ ଜଣେ ପ୍ରମୁଖ ଓ ନିୟମିତ ଖେଳାଳି। ଗତବର୍ଷ ମଧ୍ୟ ଉତ୍ତରପ୍ରଦେଶ ଓ ଆଇପିଏଲ୍ ଟିମ୍ ରାୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜଣେ ଖେଳାଳି ଯଶ ଦୟାଲଙ୍କ ନାମରେ ସମାନ ଅଭିଯୋଗ ହୋଇଥିଲା। ଏବେ ଯଶ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଅଭିଷେକଙ୍କୁ ଧାରା ୬୯ ଅନୁଯାୟୀ ଗିରଫ କରାଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

## ସୁଶିଲଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ,୧୧।୮ (ଏଜେନ୍ସି): ହତ୍ୟା ଅଭିଯୋଗରେ ଗତ ୫ବର୍ଷ ହେଲା ଜେଲ୍‌ରେ ଥିବା ଦୁଇଥର ଅଲିମ୍ପିକ୍ ପଦକ ବିଜେତା କୁସ୍ତିଯୋଦ୍ଧା ସୁଶିଲ କୁମାରଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସାକ୍ଷୀଙ୍କୁ ପ୍ରବର୍ତ୍ତାଇବା ଓ ଏହି ମକଦ୍ଦମାର ବିଚାରକୁ ବିଳମ୍ବିତ କରିବାର ଦକ୍ଷତା ଥିବାରୁ ଜଣେ ଅପରାଧିଙ୍କୁ ଜାମିନ ଦିଆଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ତାଙ୍କ ଆଦେଶରେ କହିଛନ୍ତି। ପୂର୍ବରୁ ତାଙ୍କୁ ଦୁଇଥର ଜାମିନ ମିଳିଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟରେ ଜାମିନ ଆଦେଶକୁ ରଦ୍ଦ କରିଦିଆଯାଇଥିଲା। ଏବେ ପରିସ୍ଥିତି ବଦଳି ଯାଇଛି। ସୁଶିଲ କୁମାରଙ୍କ ମାଡରେ ମୃତ୍ୟୁବରଣ କରିଥିବା କନିଷ୍ଠ କୁସ୍ତିଯୋଦ୍ଧା ସାଗର ଧନକଡ଼ଙ୍କ ପିତା ଅଶୋକ ଧନକଡ଼ ଏଥିରେ ଆଉ ଅଂଶଗ୍ରହଣ କରୁନାହାନ୍ତି। ପରିସ୍ଥିତି ବଦଳିଯାଇଥିବାରୁ ସୁଶିଲଙ୍କୁ ଜାମିନ ଦେବାକୁ ତାଙ୍କ ଆଡଭୋକେଟ ସାନି ଆବେଦନ କରିଥିଲେ। ଏହାକୁ ଉଭୟ ଦିଲ୍ଲୀ ପୁଲିସ୍ ଓ ମୁଦେଇ ଅଶୋକ ଧନକଡ଼ ବିରୋଧ କରିବା ପରେ ଜାମିନ ଆବେଦନ ବାତିଲ କରିବା ଛଡ଼ା ଅନ୍ୟ ଉପ ନ ଥିଲା ବୋଲି କୁହାଯାଉଛି।

### ଚର୍ଚ୍ଚାରେ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ

## ଜନ୍‌ସନ୍‌ଙ୍କ ଜାଆଁଳା ଭାଇ, ହର୍ମନ ଭ୍ରାତାଙ୍କୁ ସୁଯୋଗ







କେପଟାଉନ, ୧୧।୮ (ଏଜେନ୍ସି): ଆଗାମୀ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ ଓ ନାମିବ୍ୟା ବିପକ୍ଷ ଦିନିକିଆ ସିରିଜ ଲାଗି ମଙ୍ଗଳବାର ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ବାମହାତୀ ସ୍ପିନର ବର୍ଜୋନ ଫର୍ଚୁଇନଙ୍କ ଘୋଷିତ ୧୫ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ତେବେ ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି ଅଭିଜ୍ଞ ଅଲ୍‌ରାଉଣ୍ଡର ମାର୍କୋ ଜନସେନଙ୍କ ଜାଆଁଳା ଭାଇ ଡୁଆନ ଜନସନଙ୍କୁ ମଧ୍ୟ ନାମିବ୍ୟା ଗସ୍ତ ଲାଗି ସୁଯୋଗ ମିଳିଛି। ଫଳରେ ୨୬ ଡୁଆନ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ପଦାର୍ପଣ କରିବେ। ମାର୍କୋ ୨୦୨୧ରୁ ଦକ୍ଷିଣ ଆଫ୍ରିକା ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି। ଇତିମଧ୍ୟରେ ସେ ଦକ୍ଷିଣ ଆଫ୍ରିକା ପାଇଁ ୮୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। କିନ୍ତୁ ତାଙ୍କ ଭାଇ ଡୁଆନ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ପାଇଛନ୍ତି। ମାର୍କୋଙ୍କ ଭଳି ଡୁଆନ ମଧ୍ୟ ସମାନ ବାମହାତୀ ଦ୍ରୁତ ବୋଲିଂ କରୁଥିବାବେଳେ ନିମ୍ନକ୍ରମରେ ଜଣେ ଉପଯୋଗୀ ବ୍ୟାଟର୍ ରହିଛନ୍ତି। ଅପରପକ୍ଷରେ ଘୋଷିତ ଦଳରେ କୋର୍ବିନ ବୋଷ୍ଟଙ୍କ ଭାଇ ଇଥାନଙ୍କୁ ମଧ୍ୟ ନିଆଯାଇଛି। ଅବଶ୍ୟ ଇଥାନ ପୂର୍ବରୁ ୨୦୨୫ରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଗୋଟିଏ ଦିନିକିଆ ମ୍ୟାଚ ଖେଳିସାରିଛନ୍ତି। ସେହିଭଳି ଆଉ ଏକ କୌତୁହଳ କଥା ହେଉଛି ଜୋର୍ଡାନ ଓ ରୁବିନ ହର୍ମନ ଭ୍ରାତାଙ୍କୁ ମଧ୍ୟ ଏହି ଦଳରେ ସ୍ଥାନ ମିଳିଛି। ଉଲ୍ଲେଖଯୋଗ୍ୟ ଅଗଷ୍ଟ ୨୮ରୁ ଆୟୋଜକ ଜିମ୍ବାୱେ, ନାମିବ୍ୟା ଓ ଦକ୍ଷିଣ ଆଫ୍ରିକାକୁ ନେଇ ତ୍ରି-ରାଷ୍ଟ୍ରୀୟ ସିରିଜ ଆରମ୍ଭ ହେବ।

## ଅଷ୍ଟ୍ରେଲୀୟ କ୍ରିକେଟର ହେନରିଚଙ୍କୁ ପର୍ତ୍ତୁଗାଲ ଦଳର ନେତୃତ୍ୱ



ଲିସବନ୍, ୧୧।୮ (ଏଜେନ୍ସି): ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର୍ ମୋଇସେସ ହେନରିଚଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ଆଗାମୀ ଆଇସିସି ଟି-୨୦ ବିଶ୍ୱକପ୍‌ର ୟୁରୋପୀୟ ଯୋଗ୍ୟତା ପର୍ଯ୍ୟାୟ ଲାଗି ମଙ୍ଗଳବାର ପର୍ତ୍ତୁଗାଲ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ପର୍ତ୍ତୁଗାଲ କ୍ରିକେଟ୍ ମହାସଂଘ ପକ୍ଷରୁ ଘୋଷିତ ୧୪ ଜଣିଆ ଦଳର ନେତୃତ୍ୱ ଭାର ହେନରିଚଙ୍କୁ ଦିଆଯାଇଛି। ୩୯ ବର୍ଷୀୟ ହେନରିଚ ଗତ ମାସରେ ଅଷ୍ଟ୍ରେଲିଆର ଘରୋଇ କ୍ରିକେଟ୍‌ରୁ ଅବସର ନେଇଥିଲେ। ଏହି ଡାହାଣହାତୀ ଅଲ୍‌ରାଉଣ୍ଡର ଅଷ୍ଟ୍ରେଲିଆ ପାଇଁ ୨୦୦୯ରୁ ୨୦୨୧ ପର୍ଯ୍ୟନ୍ତ ୪ଟି ଟେଷ୍ଟ, ୧୬ ଦିନିକିଆ ଓ ୨୪ ଟି-୨୦ ମ୍ୟାଚ୍ ଖେଳିଥିଲେ। ଏବେ ସେ ପର୍ତ୍ତୁଗାଲ ଦଳକୁ ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରାଇବାର ଦାୟିତ୍ୱ ନେଇଛନ୍ତି। ରିପୋର୍ଟ ଅନୁଯାୟୀ ହେନରିଚଙ୍କ ଜନ୍ମ ୧ ଫେବୃଆରୀ ୧୯୮୭ରେ ପର୍ତ୍ତୁଗାଲର ଫଞ୍ଚଲ ସହରରେ ହୋଇଥିଲା। ତେବେ ସେ ଛୋଟ ଥିବାବେଳେ ହେନରିଚଙ୍କ ପରିବାର ଅଷ୍ଟ୍ରେଲିଆ ଚାଲିଯାଇଥିଲେ। ଯେଉଁଠାରେ ହେନରିଚଙ୍କ କ୍ରିକେଟ୍ କ୍ୟାରିୟର ଆଗକୁ ବଢ଼ିଥିଲା।

## ୨୦୨୭ ଦିନିକିଆ ବିଶ୍ୱକପ୍: ଆଫଗାନିସ୍ତାନକୁ ଯୋଗ୍ୟତା



ଡବ୍‌ଲିନ୍,୧୧।୮ (ଏଜେନ୍ସି): ଏଠାରେ ସୋମବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରି ଆଫଗାନିସ୍ତାନ ୧୦ମ ଦଳ ଭାବେ ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ୱେଷ୍ଟଇଣ୍ଡିଜ୍ ଓ ଆୟର୍ଲାଣ୍ଡକୁ ଏବେ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପଡ଼ିବ। ୨୦୨୭ ବିଶ୍ୱକପ୍ ୩ଟି ଦେଶରେ ଆୟୋଜିତ ହେଉଥିଲେ ମଧ୍ୟ ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହାପରେ ଆଇସିସି ମାନ୍ୟତାରେ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ପ୍ରଥମ ୧୦ଟି ସ୍ଥାନରେ ଥିବା ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଆଫଗାନିସ୍ତାନ ଏହି ମ୍ୟାଚ୍ ଜିତିବା ପରେ ଆଇସିସି ମାନ୍ୟତାରେ ୮ମ ସ୍ଥାନରେ ରହିବ। ଦୁଇ ଆୟୋଜକ ଦେଶ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ପରେ ଆଉ ୮ଟି ଦଳ ଏଥିରେ ସାମିଲ ହେବେ। ସେଗୁଡିକ ହେଲେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନ। ନୂଆ ଫର୍ମାଟ ଅନୁଯାୟୀ ଏହି ୧୦ଟି ଦଳ ସୁପର-୧୨ଟି ଦଳ ମଧ୍ୟରେ ସ୍ଥାନ ପାଇଲେ। ଏଥିରେ ସ୍ଥାନ ପାଇବାକୁ ଥିବା ଅନ୍ୟ ଦୁଇଟି ଦଳକୁ କ୍ୱାଲିଫାୟର ଖେଳିବାକୁ ହେବ।

କ୍ୱାଲିଫାୟରରେ ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ମଧ୍ୟରୁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ୨ଟି ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଟିମ୍, ୱାର୍ଲ୍ଡ କ୍ରିକେଟ ଲିଗ୍ ଓ ୱାର୍ଲ୍ଡକପ୍ କ୍ୱାଲିଫାୟର ପ୍ଲେ ଅଫ୍‌ର ୪ଟି ଲେଖାଏଁ ବା ମୋଟରେ ୧୦ଟି ଦଳକୁ ନେଇ କ୍ୱାଲିଫାୟର୍ସ ଖେଳାଯିବ। ଏହାର ବିଜେତା ସିଧାସଳଖ ସୁପର-୧୨'କୁ ଏକାଦଶ ଦଳ ଭାବେ ଯୋଗ୍ୟତା ଅର୍ଜନ କରିବ। ଏହା ପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥସ୍ଥାନରେ ଥିବା ଦଳ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ନୂଆ ଫର୍ମାଟ ସୁପର ସିରିଜ୍ ଖେଳାଯିବ। ଏହାର ବିଜେତା ଶେଷ ଦଳ ଭାବେ ସୁପର-୧୨'ରେ ସ୍ଥାନ ପାଇବ। ଶେଷ ୨ଟି ସ୍ଥାନ ଲାଗି ୱେଷ୍ଟଇଣ୍ଡିଜ୍, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ନେଦରଲ୍ୟାଣ୍ଡସ, ଆମେରିକା ଓ ଯୁଗ୍ମ ଆୟୋଜକ ନାମ୍ବିଆ ତୀବ୍ର ମୁକାବିଲାର ସମ୍ମୁଖୀନ ହେବେ।

## ଶ୍ରୀଲଙ୍କାରେ ପ୍ରଥମଥର ଟେଷ୍ଟ ଖେଳିବେ ୧୨ ଭାରତୀୟ



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଘରୋଇ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍ ଷ୍ଟାଡିୟମରେ ଆରମ୍ଭ ହେବାକୁଯାଉଛି। ଏଥିଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଭାରତୀୟ ଦଳ କଲମ୍ବୋରେ ଜୋରଦାର ଅଭ୍ୟାସ ଚଳାଇଛି। ଏଠାରେ ଘରୋଇ ଦଳ ବିପକ୍ଷରେ ଖେଳାଯାଇଥିବା ୩ ଦିନିଆ ଅଭ୍ୟାସ ମ୍ୟାଚକୁ ଜିତି ଭାରତ ମଧ୍ୟ ଭଲ ପ୍ରସ୍ତୁତି କରିନେଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଦୃଷ୍ଟିରୁ ଏହି ସିରିଜ୍ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି। ଯେଉଁ ଦଳ କ୍ଲିନ୍ ସୁଇପ୍ କରିବ ସେହିଦଳ ଡବ୍ଲ୍ୟୁଟିସି ପଏଣ୍ଟ ତାଲିକାର ଶ୍ରେଷ୍ଠ ଚାରିରେ ସ୍ଥାନ ପାଇପାରିବ। ଭାରତୀୟ ଦଳ ଉପରେ ନଜର ପକାଇଲେ ମାତ୍ର ୩ଜଣ ଖେଳାଳି ଶ୍ରୀଲଙ୍କା ମାଟିରେ ପୂର୍ବରୁ ଟେଷ୍ଟ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଏହି ୩ଜଣ ହେଲେ ଲୋକେଶ ରାହୁଲ, ରବିନ୍ଦ୍ର ଜାଡେଜା ଏବଂ କୁଲଦୀପ ଯାଦବ। ଅନ୍ୟ କୌଣସି ଖେଳାଳି ପୂର୍ବରୁ ଶ୍ରୀଲଙ୍କାରେ ଟେଷ୍ଟ ଖେଳି ନାହାଁନ୍ତି। ଫଳରେ ଚଳିତ ଗସ୍ତରେ ୧୨ଜଣ ଭାରତୀୟ କ୍ରିକେଟର୍ ଶ୍ରୀଲଙ୍କା ମାଟିରେ ପ୍ରଥମଥର ଟେଷ୍ଟ ଖେଳିବାର ସମ୍ଭାବନା ରହିଛି। ୫୦ ଟେଷ୍ଟ ଖେଳିଥିବା ଋଷଭ ପନ୍ତ ଶ୍ରୀଲଙ୍କାରେ କେବେ ବି ଟେଷ୍ଟ ଖେଳିନାହାଁନ୍ତି।

ରାହୁଲ ଶ୍ରୀଲଙ୍କାରେ ପାଞ୍ଚଟି ଟେଷ୍ଟ ଖେଳିଛନ୍ତି। ଆଠ ଇନିଂସରେ ସେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ସହ ମୋଟ୍ ୨୬୮ ରନ କରିଛନ୍ତି। ସେହିଭଳି ଜାଡେଜା ଶ୍ରୀଲଙ୍କାରେ ଦୁଇଟି ଟେଷ୍ଟ ଖେଳି ମୋଟ୍ ୮୫ ରନ ଓ ୧୩ ୱିକେଟ ନେଇଛନ୍ତି। କୁଲଦୀପ କେବଳ ଗୋଟିଏ ଟେଷ୍ଟ ଖେଳି ମୋଟ ପାଞ୍ଚ ୱିକେଟ୍ ଅକ୍ତିଆର କରିଛନ୍ତି।

### ରାଜ୍ୟଗୋଷ୍ଠୀ ଫେନ୍ସିଂ

## ଚାରି ସ୍ୱର୍ଣ୍ଣ ସହ ଭାରତକୁ ୧୭ ପଦକ

ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ନାଇଜେରିଆର ଲାଗୋସରେ ଶେଷ ହୋଇଥିବା ୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଫେନ୍ସିଂ ଚାମ୍ପିଅନସିପ୍‌ରେ ଭାରତ ୧୭ଟି ପଦକ ବିଜୟୀ ହୋଇଛି। ଭାରତୀୟ ଅସି ଚାଳକମାନେ ଦମ୍‌ଦାର ପ୍ରଦର୍ଶନ କରି ୪ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ଜିତିଥିଲେ। ପୁରୁଷ ସାବ୍ରେ ଇଭେଣ୍ଟରେ ଭାରତ ପୋଡିୟମ ସୁଇପ୍ କରିଥିଲା। ନିଖିଳ ୱାଗ ସ୍ୱର୍ଣ୍ଣ, ଲକ୍ଷ୍ୟ ବାଦସର ରୌପ୍ୟ ଓ ଅଶ୍ୱିନି ଆର୍ଯ୍ୟ ଓ ଲାଇସରାମ ମୋରାମ୍ବା କାଂସ୍ୟ ପଦକ ହାସଲ କରିଥିଲେ। ମହିଳା ବିଭାଗରେ ଜୟଅଶିତା, ପ୍ରାଚୀ ଲୋହାନ ଓ ଜେଫର୍ଲିନ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅନ୍ତର୍ଜାତୀୟ ଫେନ୍ସିଂରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନର ରେକର୍ଡ ହୋଇଛି।

### ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଂ ଟେବୁଲ ଟେନିସ

## ବାଳକ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ଭୁବନେଶ୍ୱର,୧୧।୮ (ସମିସ): କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଆରମ୍ଭ ହୋଇଥିବା ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଂ ଟେବୁଲ ଟେନିସ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳକ ବିଭାଗ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଖୋର୍ଦ୍ଧା ଜିଲ୍ଲା ସଂଘର ଜିଜ୍ଞାସୁ ସାଇକିରଣ ପ୍ରଧାନଙ୍କ ସହ ଭୁବନେଶ୍ୱର ଟିଟି ସଂଘର ଆତ୍ମନ ଦାସଙ୍କର ମୁକାବିଲା ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ସଂଘର ଦୁଇ ଖେଳାଳି ହିତେଶ ଅଗରୱାଲ ଓ ଅଭିଷେକ ଦାସ ପରସ୍ପର ସହ ଲଢ଼େଇ କରିବେ। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ଲିଗ୍‌ରେ ଜିଜ୍ଞାସୁ ନିଜ ଟିମ୍‌ର ରୀତେଶ ମହାପାତ୍ରଙ୍କୁ ୩-୦ରେ, ଆତ୍ମନ ୩-୦ରେ ଖୋର୍ଦ୍ଧାର ଆୟୁଷ୍ମାନ ପତିଙ୍କୁ, ଭୁବନେଶ୍ୱରର ହିତେଶ ଅଗରୱାଲ ୩-୨ରେ କଟକର ତମିମ ଉବୈଦଙ୍କୁ ଓ ଅଭିଷେକ ୩-୨ରେ କଟକର ସୟଦ ଅର୍ଶ ଅଲିଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

### ଅଗଷ୍ଟ ୨୨ରେ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ଲେଭଲ୍ ମିଟ୍

## କଳିଙ୍ଗରେ ୧୮ ଇଭେଣ୍ଟରେ ହେବ ଲଢ଼େଇ

ଭୁବନେଶ୍ୱର, ୧୧।୮ (ସମିସ)




ଫାଇଲ ଫଟୋ

ଚଳିତ ମାସ ୨୨ ତାରିଖରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ ପ୍ରତିଯୋଗିତା ହେବ। ଏହି ଦିନିକିଆ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଲାଗି ବିଶ୍ୱ ଆଥଲେଟିକ୍ସ ପକ୍ଷରୁ ମଙ୍ଗଳବାର ଇଭେଣ୍ଟ ତାଲିକା ଘୋଷଣା କରାଯାଇଛି। ମୋଟ୍ ଉପରେ କଳିଙ୍ଗରେ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ପ୍ରତିଯୋଗିତା ସାମିଲ ରହିଛି। ବିଶ୍ୱ ଆଥଲେଟିକ୍ସ ନିୟମ ଅନୁଯାୟୀ ସିଲଭର୍ ମିଟ୍ ପାଇଁ ଅତି କମରେ ୭୫,୦୦୦ ଆମେରିକୀୟ ଡଲାର (୭୧ ଲକ୍ଷ ୫୧ ହଜାର ଟଙ୍କା)ର ମୋଟ ପୁରସ୍କାର ପ୍ରଦାନ କରାଯିବ। ଗତବର୍ଷ ଏହି ସମାନ ଭେନ୍ୟୁରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିଲାଗି ନିୟମ ଅନୁଯାୟୀ ୨୫ ହଜାର ଡଲାରର ପୁରସ୍କାର ରହିଥିଲା। ସେହିଭଳି ସିଲଭର ଲେଭଲ୍‌ରେ ବିଜୟୀ ପ୍ରତିଯୋଗୀଙ୍କୁ କାଟାଗୋରୀ-ବି ପଏଣ୍ଟ ମିଳିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୯ରୁ ଜାପାନର ଆଇଚି-ନାଗୋୟାରେ ଗୁରୁତ୍ୱପୂର୍ଣ୍ଣ ଏସୀୟ କ୍ରୀଡା ଆରମ୍ଭ ହେବାକୁଯାଉଛି। ଏଥିପୂର୍ବରୁ କଳିଙ୍ଗ ପ୍ରତିଯୋଗିତାକୁ ଭାରତର ଅନ୍ତିମ ପ୍ରସ୍ତୁତି ଶିବିର ହେବ। ଭାରତର ପ୍ରାୟ ୬୦ ଜଣ ଖେଳାଳି, ପ୍ରଶିକ୍ଷକ ଏହି ଦିନିକିଆ ପ୍ରତିଯୋଗିତାରେ ସାମିଲ ହେବାର ଆଶା କରାଯାଉଛି। ପୋଲାଣ୍ଡର ସ୍ୱାଟାରେ ବର୍ତ୍ତମାନ ତାଲିମ ନେଉଥିବା ଅଧିକାଂଶ ଭାରତୀୟ ଆଥଲେଟ୍ ଭୁବନେଶ୍ୱର ଫେରି ଶିବିରରେ ସେମାନଙ୍କର ପ୍ରସ୍ତୁତି ଜାରି ରଖିବେ ବୋଲି ଆଶା କରାଯାଉଛି। ଗ୍ଲାସଗୋରେ ଜାଭେଲିନ ଥ୍ରୋରେ କାଂସ୍ୟ ଜିତିଥିବା ଯଶବୀର ସିଂହ, ମୁରଲୀ ଶ୍ରୀଶଙ୍କର, ସର୍ବେଶ କୁମାର ପ୍ରମୁଖ କଳିଙ୍ଗରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଏଠାରେ ନୀରଜ ଚୋପ୍ରାଙ୍କ ଅଂଶଗ୍ରହଣର ସମ୍ଭାବନା କମ୍। ଅଗଷ୍ଟ ୨୧ରେ ଲୌସାନେ ଡାଇମଣ୍ଡ ଲିଗରେ ଅର୍ଶଦ ନଦୀମ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ ରୁମେଶ ଥରଙ୍ଗା ପାଥିରାଗେଙ୍କ ବିପକ୍ଷରେ ନୀରଜ ପ୍ରତିଦ୍ୱନ୍ଦ୍ୱିତା କରିବା ନିଶ୍ଚିତ ହୋଇଛି।

#### କଳିଙ୍ଗରେ ହେବାକୁ ଥିବା ଇଭେଣ୍ଟ

**ପୁରୁଷ:** ୧୦୦ ମିଟର, ୪୦୦ ମିଟର, ୮୦୦ ମିଟର, ୫୦୦୦ ମିଟର, ୧୧୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ୍ ଓ ଜାଭେଲିନ ଥ୍ରୋ।

**ମହିଳା:** ୧୦୦ ମିଟର, ୪୦୦ ମିଟର, ୧୫୦୦ ମିଟର, ୫୦୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ୍ ଥ୍ରୋ ଓ ଜାଭେଲିନ ଥ୍ରୋ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS